


ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୩୦ ସେପ୍ଟେମ୍ବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 29 SEPTEMBER 2020
Vol.No. 30 ■ No. 247 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



SAI SADHANA SCIENCE HIGHER SECONDARY SCHOOL, UDALA
A Fully +2 Science Residential College
Dibyasingpur, Udala,
Dist: Mayurbhanj
2nd Admission is going on
SUMMER COURSE:- 2nd Batch Admission
Starts from: Dt.19.03.2020 and Class Starts
From:- 2nd April (Thursday)
ଏହି SUMMER COURSE FEE କେବଳ ମାତ୍ର
୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।
For better development of students are taught by highly and well experienced faculties.
Contact No: 9437294587, 9438232419, 9437443950,


# ବାଲେଶ୍ୱର ଓ ତିର୍ତୋଲ ଉପନିର୍ବାଚନ ପାଇଁ ବାଜିଲା ବିଗୁଲ

ଭୁବନେଶ୍ୱର,୨୯।୯ (ନି.ପ୍ର): ବାଲେଶ୍ୱର ଓ ତିର୍ତୋଲ ଉପନିର୍ବାଚନ ପାଇଁ ବିଗୁଲ୍ ବାଜିଛି । କରୋନା କଟକଣା ମଧ୍ୟରେ ଆସନ୍ତା ନଭେମ୍ବର ୩ ତାରିଖରେ ଭୋଟ୍ ଗ୍ରହଣ ହେବ । ଏଥିସହ ମଙ୍ଗଳବାର ଠାରୁ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି । ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ ଲୋହାନି ଉପନିର୍ବାଚନ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଗୋଟିଏ ବୁଥ୍ ରେ ସର୍ବାଧିକ ୧ ହଜାର ଭୋଟର ଭୋଟ ଦେଇପାରିବା ଭଳି ବ୍ୟବସ୍ଥା କରାଯାଇଛି । ବାଲେଶ୍ୱରରେ ୩୪୬ ଓ ତିର୍ତୋଲରେ ୩୭୩ ଭୋଟ୍ ଗ୍ରହଣ କେନ୍ଦ୍ର କରାଯାଇଛି । ୮୦ ବର୍ଷରୁ ଅଧିକ ବୟସ୍କ ଓ ଦିବ୍ୟାଙ୍ଗମାନେ ପୋଷ୍ଟାଲ ବାଲାଟରେ ଭୋଟ୍ ଦେଇପାରିବେ ବୋଲି ସେ କହିଛନ୍ତି ଯେ। ସିଇଓଙ୍କ ସୂଚନା ଅନୁଯାୟୀ ବାଲେଶ୍ୱର ସଦର (୩୮) ନିର୍ବାଚନ




ମଣ୍ଡଳୀରେ ୨ ଲକ୍ଷ ୨୬ ହଜାର ୫୮୬ ଜଣ ମତଦାତା ରହିଛନ୍ତି । ସେମାନଙ୍କ ମଧ୍ୟରେ ୧,୧୬,୮୮୪ ଜଣ ପୁରୁଷ ମତଦାତା , ୧,୦୯,୬୯୩ ଜଣ ମହିଳା ଓ ୯ ଜଣ ତୃତୀୟ ଲିଙ୍ଗ ମତଦାତା ରହିଛନ୍ତି । ସେହିପରି ତିର୍ତୋଲ (୧୦୨ , ଏସସି) ନିର୍ବାଚନ ମଣ୍ଡଳୀରେ ମୋଟ ୨,୩୮,୦୬୫ ଜଣ ମତଦାତା ମତଦାନ ସାବ୍ୟସ୍ତ କରିବେ । ସେମାନଙ୍କ ମଧ୍ୟରେ ୧,୨୩,୬୦୦ ଜଣ ପୁରୁଷ,୧,୧୪, ୪୨୮ ଜଣ ମହିଳା ଓ ୨୮ ଜଣ ତୃତୀୟ ଲିଙ୍ଗ ମତଦାତା ରହିଛନ୍ତି । ଉଲ୍ଲେଖ୍ୟଯୋଗ୍ୟ ଯେ ମଙ୍ଗଳବାର ଦିନ ବାଲେଶ୍ୱର ସଦର ଓ ତିର୍ତୋଲ ଆସନ ସମେତ ମୋଟ ୫୪ ଟି ଆସନରେ ଉପନିର୍ବାଚନ ପାଇଁ ଭାରତୀୟ ନିର୍ବାଚନ କମିଶନ ଘୋଷଣା କରିଥିଲେ । ଉପନିର୍ବାଚନ ପାଇଁ ଅକ୍ଟୋବର ୯ ତାରିଖରେ ବିଜ୍ଞପ୍ତିପ୍ରକାଶ ପାଇବ । ପ୍ରାର୍ଥିପତ୍ର ଦାଖଲର ଶେଷ ତାରିଖ ଅକ୍ଟୋବର ୧୬ ରହିଛି । ଅକ୍ଟୋବର ୧୭ ତାରିଖରେ ପ୍ରାର୍ଥିପତ୍ର ଯାଂଚ ହେବ । ପ୍ରାର୍ଥିପତ୍ର ନାମାଙ୍କନ ପ୍ରତ୍ୟାହାରର ଶେଷ ତାରିଖ ଅକ୍ଟୋବର ୧୯ । ଏହା ପରେ ପ୍ରକାଶ ପାଇବ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା । ନଭେମ୍ବର ୩ରେ ଭୋଟ୍ ଓ ଫଳାଫଳ ପ୍ରକାଶ ପାଇବ ନଭେମ୍ବର ୧୦ରେ । ମୁଖ୍ୟ ନିର୍ବାଚନ ଅଧିକାରୀ ଆହୁରି କହିଛନ୍ତି ଯେ କରୋନା ଆକ୍ରାନ୍ତଙ୍କ ମଧ ଭୋଟ୍ ଦେଇପାରିବେ । ଶେଷ ଏକ ଘଂଟାରେ ସେମାନଙ୍କ ପାଇଁ ଭୋଟ୍ ଦେବାର ବ୍ୟବସ୍ଥା କରାଯାଉଛି । ବୁଥ୍ ରେ ଗହଳି ଏଡ଼ାଇବାକୁ ପ୍ରତି ହଜାରେ ଭୋଟରଙ୍କ ପାଇଁ ହେବ ଗୋଟିଏ ମତଦାନ କେନ୍ଦ୍ର । ସାମାଜିକ ଦୂରତା ରକ୍ଷାକୁ ଗୁରୁତ୍ୱ ଦିଆଯିବ ସହିତ ମାସ୍କ ଓ ସାନିଟାଇଜର ବ୍ୟବସ୍ଥା ମଧ କରାଯିବ ବୋଲି ସେ କହିଛନ୍ତି ।

# ୩ ଦିନ ପର୍ଯ୍ୟନ୍ତ ରାଜ୍ୟରେ ବଜ୍ରପାତ ସହ ବର୍ଷା ସମ୍ଭାବନା



ଭୁବନେଶ୍ୱର,୨୯।୯ (ନି.ପ୍ର): ଆଗାମୀ ୩ ଦିନ ପର୍ଯ୍ୟନ୍ତ ରାଜ୍ୟର ବହୁ ଜିଲ୍ଲାରେ ବଜ୍ରପାତ ସହ ବର୍ଷା ହେବାର ସମ୍ଭାବନା ରହିଛି । ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି । ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ଘଡ଼ଘଡ଼ି ସହ ଝଡ଼ବର୍ଷା ହେବାର ସମ୍ଭାବନା ଥିବା ୧୬ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଏହି ଜିଲ୍ଲା ଗୁଡିକହେଲା କେନ୍ଦୁଝର , ମୟୁରଭଂଜ, ବାଲେଶ୍ୱର, ଭଦ୍ରକ, କଟକ, ଜଗତସିଂହପୁର, ଯାଜପୁର, କେନ୍ଦ୍ରାପଡା, ଗଜପତି, ଗଞ୍ଜାମ, ଖୋର୍ଧା, ପୁରୀ, ନୟାଗଡ଼, କୋରାପୁଟ, ରାୟଗଡା ଓ କନ୍ଧମାଳ । ସେହିପରି ଗୁରୁବାର ଦିନରେ ଢ଼େଙ୍କାନାଳ, ▶▶ପୃଷ୍ଠା ୭

# ମାସ୍କ ଓ ପିପିଇ କିଟ୍ ଦୁର୍ନୀତି ପ୍ରସଙ୍ଗରେ ଶାସକ ଦଳକୁ ଘେରିଲେ ବିରୋଧୀ

ଭୁବନେଶ୍ୱର,୨୯।୯ (ନି.ପ୍ର): କରୋନା ମୁକାବିଲା ପାଇଁ ମାସ୍କ ଓ ପିପିଇ କିଟ୍ କିଣାରେ ହୋଇଥିବା ଦୁର୍ନୀତିର ପ୍ରସଙ୍ଗ ଉଠାଇ ବିଧାନସଭାରେ ସରକାରଙ୍କୁ ଘେରିଛନ୍ତି ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ । ସେ .ଅଭିଯୋଗ କରିଛନ୍ତି ଯେ ମହାମାରୀ ସମୟରେ କୋଟି କୋଟି ଟଙ୍କାର ସାମଗ୍ରୀ କିଣାଯାଇଥିଲା । ଆଉ ଏହି ସାମଗ୍ରୀ କିଣିବାକୁ ଏକ କମିଟି ମଧ ଗଠନ କରାଯାଇଥିଲା । ମାସ୍କ ଦୁର୍ନୀତିର କଥା ସାମ୍ନାକୁ ଆସିବା ପରେ ଯେତେବେଳେ ମାସ୍କ ଭର୍ତି ଏକ ଟ୍ରକ ରାଜଧାନୀରେ ପହଂଚିଥିଲେ ମଧ ଏହାକୁ ଗ୍ରହଣ କରି ନଥିଲା ଦାୟିତ୍ୱରେ ଥିବା କମିଟି । ଏହି କମିଟିର ଦାୟିତ୍ୱରେ ଥିବା ବରିଷ୍ଠ ଅଧିକାରୀ ହେମନ୍ତ ଶର୍ମାଙ୍କର ଦୁର୍ନୀତିରେ ସମ୍ପୃକ୍ତିକୁ ନେଇ ମଧ୍ୟ ସେ ପ୍ରଶ୍ନ ଉଠାଇଥିଲେ । କୋଭିଡ ମୁକାବିଲା ପାଇଁ ଯେଉଁ କମ୍ପାନିରୁ ସାମଗ୍ରୀ କିଣାଯାଉଥିଲା ସେମାନଙ୍କୁ କାହିଁକି ବ୍ଲାଙ୍କ ଚେକ୍ ଦିଆଯାଇଥିଲା । ସରକାର କରୋନା ମୁକାବିଲା ପାଇଁ ସାମଗ୍ରୀ କିଣିବା ଉପରେ କିଭଳି କ୍ରୟ କମିଟିକୁ ଫ୍ରି ହ୍ୟାଣ୍ଡ ଦେବା ସହ ବ୍ଲାଙ୍କ ଚେକ୍ ଦେଇଥିଲେ ସେନେଇ ପୂରା ଓଡ଼ିଶାବାସୀଙ୍କୁ ଜଣାଇଥିଲେ ହେମନ୍ତ । ପରବର୍ତୀ ସମୟରେ ଏହି କମିଟିକୁ ଭାଙ୍ଗି ଦେଇଥିଲେ ସରକାର ବୋଲି ଶ୍ରୀ ନାଏକ ଅଭିଯୋଗ କରିଛନ୍ତି । ସେହିପରି କୋଭିଡ ଅବ୍ୟବସ୍ଥା ପ୍ରସଙ୍ଗ ବିଧାନସଭାରେ ଉଠାଇ କଂଗ୍ରେସ ବିଧାୟକ ସୁରେଶ ରାଉତରାୟ କହିଥିଲେ ଯେ କରୋନା ଯୋଗୁଁ ଭୁବନେଶ୍ୱର, ଖୋର୍ଦ୍ଧା ଜଟଣିରେ ୪୦୦ ଲୋକ ମରିଲେଣି ।

# ଓଡିଶା ବିଧାନସଭାର ମୌସୁମୀ ଅଧିବେଶନର ପ୍ରଥମ ଦିନ

## ଭିଡିଓ କନଫ୍ରେନ୍ସିଂରେ ଶୋକ ପ୍ରସ୍ତାବ ଆଗତ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୯।୯ (ନି.ପ୍ର): ଓଡିଶା ବିଧାନସଭାର ମୌସୁମୀ ଅଧିବେଶନ ମଙ୍ଗଳବାର ଦିନ ଆରମ୍ଭ ହୋଇଛି । ଅଧିବେଶନର ପ୍ରଥମ ଦିନରେ ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫ୍ରେନ୍ସିଂ ଜରିଆରେ ଶୋକ ପ୍ରସ୍ତାବ ଆଗତ କରିଥିଲେ । ଶୋକ ପ୍ରସ୍ତାବ ଆଗତ ହେବା ପରେ ଏହାକୁ ନେଇ ଆଲୋଚନା ହେବା ପରେ ଏହା ପାରିତ ହୋଇଥିଲା । ଦିବଙ୍ଗତ ମାନଙ୍କର ଆତ୍ମାର ସଦଗତି ▶▶ପୃଷ୍ଠା ୭



## ନନ୍ଦନକାନନରେ ସିଂହୀ ସୁପ୍ରିୟାର ମୃତ୍ୟୁ

ଭୁବନେଶ୍ୱର,୨୯।୯ (ନି.ପ୍ର): ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ସିଂହୀ 'ସୁପ୍ରିୟା' ଆଖି ବୁଜିଛି । ଗତ କିଛି ଦିନ ଧରି ଅସୁସ୍ଥ ଥିବା 'ସୁପ୍ରିୟା'ର ମଙ୍ଗଳବାର ସକାଳ ପ୍ରାୟ ସାଢ଼େ ୯ଟା ବେଳେ ମୃତ୍ୟୁ ହୋଇଛି । ମୃତ୍ୟୁ ବେଳକୁ ସୁପ୍ରିୟାକୁ ୧୫ ବର୍ଷ ହୋଇଥିବା ନନ୍ଦନକାନନ କର୍ତୃପକ୍ଷ ସୂଚନା ଦେଇଛନ୍ତି ।

## ବେଦାନ୍ତର ଜନଶୁଣାଣି ଉପରେ ରୋକ ଲଗାଇଲେ ହାଇକୋର୍ଟ

ଭୁବନେଶ୍ୱର,୨୯।୯ (ନି.ପ୍ର): ଚଳିତ ମାସ ୩୦ ତାରିଖ ଦିନ ବେଦାନ୍ତ କାରଖାନା ସମ୍ପ୍ରସାରଣ ଲାଗି ହେବାକୁ ଥିବା ଜନଶୁଣାଣି ଉପରେ ଓଡିଶା ହାଇକୋର୍ଟ ଆଜି ସ୍ଥଗିତାଦେଶ ଜାରି କରିଛନ୍ତି । ସୁନ୍ଦରଗଡ ବିଜେପି ବିଧାୟିକା କୁସୁମ ଟେଟେ ଓ ବିଜେପି ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଟଙ୍କଧର ତ୍ରିପାଠୀ ଅଦାଲତରୁ ଏହି ସ୍ଥଗିତାଦେଶ ଆଣିବାରେ ସକ୍ଷମ ହୋଇଛନ୍ତି । ଆବେଦନର ବିଚାରକରି ବିଚାରପତି ଜଷ୍ଟିସ କେ.ଆର.ମହାପାତ୍ର ତାଙ୍କ ରାୟରେ ଦର୍ଶାଇଛନ୍ତି ଯେ ଓଡିଶା ▶▶ପୃଷ୍ଠା ୭

# ଆଉ ପାଂଚ ବିଧାୟକ କରୋନା ପଜିଟିଭ

ଭୁବନେଶ୍ୱର,୨୯।୯ (ନି.ପ୍ର): ଓଡିଶା ବିଧାନସଭାର ମୌସୁମୀ ଅଧିବେଶନ ଆରମ୍ଭ ହେବା ପୂର୍ବରୁ ଆଉ ପାଂଚ ଜଣ ବିଧାୟକ କରୋନା ଚିହ୍ନଟ ହୋଇଛନ୍ତି । ଆଜି କରୋନା ଚିହ୍ନଟ ହୋଇଥିବା ବିଧାୟକମାନେ ହେଲେ ବିକ୍ରମ ପଣ୍ଡା, ଅଙ୍ଗଦ କହଁର, ସରୋଜ ମେହେର, ଜୟନ୍ତ ଷଡଙ୍ଗୀ ଓ ବୃଧାନ ମୁର୍ମୁ । ଉଲ୍ଲେଖନୀୟ ଯେ ସୋମବାର ଦିନ ୨୫ ବିଧାୟକଙ୍କ କୋଭିଡ ନମୁନା ପରୀକ୍ଷା ହୋଇଥିଲା । ଏମାନଙ୍କ ମଧ୍ୟରୁ ପାଂଚ ଜଣ କର ରିପୋର୍ଟ ପଜିଟିଭ ଆସିଛି । ପ୍ରଥମ ପର୍ଯ୍ୟାୟରେ ୨ ଜଣ ବିଧାୟକ କରୋନା ଚିହ୍ନଟ ହୋଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୧୨ ଜଣ କରୋନା ଚିହ୍ନଟ ହୋଇଥିଲେ । ପ୍ରଥମ ପର୍ଯ୍ୟାୟରେ ଶାସକ ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଓ ବିଧାୟକ ଦେବୀ ପ୍ରସାଦ ମିଶ୍ର କରୋନା ଚିହ୍ନଟ ହୋଇଥିଲେ । ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ଉପବାଚସ୍ପତି ରଜନୀକାନ୍ତ ସିଂହ, ମନ୍ତ୍ରୀ ସମୀର ▶▶ପୃଷ୍ଠା ୭

# ରାଜ୍ୟରେ ଆଉ ୧୫ ଜଣଙ୍କର କରୋନାରେ ମୃତ୍ୟୁ : ମୃତ୍ୟୁ ସଂଖ୍ୟା ୮୨୮ ହେଲା

ଭୁବନେଶ୍ୱର,୨୯।୯ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୧୫ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୮୨୮ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ ଖୋର୍ଧା ଓ ବାଲେଶ୍ୱର, କଟକ ଜିଲ୍ଲାର ୩ -୩ ଜଣ, ପୁରୀ



ଜିଲ୍ଲାର ୨ ଜଣ ଅଛନ୍ତି । ସେହିପରି ବଲାଙ୍ଗୀର, ଝାରସୁଗୁଡା, ନବବରଙ୍ଗପୁର, ଓ ସୁନ୍ଦରଗଡ ଜିଲ୍ଲାର ଜଣେ ଜଣେ ଅଛନ୍ତି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ବାଲେଶ୍ୱର ଜିଲ୍ଲାର ଜଣେ ୫୬ ବର୍ଷୀୟ କରୋନା ସଂକ୍ରମିତ ପୁରଷ ମୃତ୍ୟୁବରଣ କରିଛନ୍ତି । ବାଲେଶ୍ୱର ଜଣେ ୬୧ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷ ମୃତ୍ୟୁବରଣ କରିଛନ୍ତି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପରେ ▶▶ପୃଷ୍ଠା ୭

# ସାମ୍ବାଦିକ ତାରିଣୀ ପାଢ଼ୀଙ୍କ ଦେହାନ୍ତ: ବାଲେଶ୍ୱରରେ ଶୋକର ଛାୟା

## 'ଧ୍ୱନି ପ୍ରତିଧ୍ୱନି' ପରିବାର ପକ୍ଷରୁ ଅଶ୍ରୁଳ ଶ୍ରଦ୍ଧାଂଜଳି ଜ୍ଞାପନ

ବାଲେଶ୍ୱର,୨୯।୯ (ନି.ପ୍ର): ଦୈନିକ ଖବରକାଗଜ 'ପ୍ରମେୟ'ର ଫୁଲବାଣୀ ଜିଲ୍ଲା ପ୍ରତିନିଧି ତାରିଣୀ ପାଢ଼ୀଙ୍କର କରୋନା ସଂକ୍ରମଣରେ ଦେହାନ୍ତ ହୋଇଯାଇଛି । ଫୁଲବାଣୀ ଜିଲ୍ଲା ପ୍ରତିନିଧି ହେବା ପୂର୍ବରୁ ସେ ବାଲେଶ୍ୱର ଜିଲ୍ଲା ପ୍ରତିନିଧି ଭାବେ କାର୍ଯ୍ୟରତ ଥିଲେ । ତା ପୂର୍ବରୁ ସେ ବାଲେଶ୍ୱର ଧରିତ୍ରୀର ଜିଲ୍ଲା ପ୍ରତିନିଧି ଭାବେ କାର୍ଯ୍ୟ କରିଥିଲେ । ନବରଙ୍ଗପୁର ଜିଲ୍ଲାରେ ତାଙ୍କର ଘର । ମୃତ୍ୟୁ ବେଳକୁ ତାଙ୍କୁ ୫୦ବର୍ଷ ବୟସ ହୋଇଥିଲା । ତାଙ୍କର ପତ୍ନୀ ଓ ଦୁଇଝିଅ ରହିଛନ୍ତି । ୨୦୧୬ରେ ସେ ପ୍ରମେୟର ଜିଲ୍ଲା ପ୍ରତିନିଧି ଭାବେ



ବାଲେଶ୍ୱରରେ ଯୋଗଦେଇଥିଲେ । ଜଣେ ଦକ୍ଷ ସାମ୍ବାଦିକ ଭାବେ ନିରପେକ୍ଷ ଖବର ପରିବେଷଣ କରି ଜିଲ୍ଲାରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । କେବଳ ଜଣେ ଦକ୍ଷ ସାମ୍ବାଦିକ ନୁହେଁ, ଜଣେ କଳାପ୍ରେମୀ, ସାହିତ୍ୟ ମନସ୍କ ଭାବେ ସେ ମଧ୍ୟ ସୁଖ୍ୟାତି ଅର୍ଜନ କରିଥିଲେ । ୨୦୧୯ରେ ତାଙ୍କ ବଦଳି ଫୁଲବାଣୀକୁ ହୋଇଥିଲା । ଚଳିତମାସ ୨୦ ତାରିଖରେ ଜ୍ୱରରେ ପୀଡ଼ିତ ହୋଇଥିଲେ । ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ସେ କୋଭିଡ୍ ପଜିଟିଭ୍ ଥିବା ରିପୋର୍ଟ ଆସିଥିଲା । ପରେ ହୋମ ଆଇସୋଲେସନରେ ଥିଲେ । ସ୍ୱାସ୍ଥ୍ୟ ଅବସ୍ଥା ଜଟିଳ ହେବାରୁ ଫୁଲବାଣୀ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ । ତିନିଦିନ ପୂର୍ବରୁ ସେ ସୁସ୍ଥ ହୋଇ ଆସୁଥିବା ସୋସିଆଲ ମିଡିଆରେ ଜଣାଇଥିଲେ । ତେବେ ସୋମବାର ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱରର କିମ୍ସ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ତାଙ୍କର ଦେହାନ୍ତ ହୋଇଯାଇଥିଲା । ୪ ପାଢ଼ୀଙ୍କ ଦୁଃଖଦ ଖବର ପ୍ରଚାରିତ ହେବାପରେ ବାଲେଶ୍ୱରରେ ଶୋକର ଛାୟା ଖେଳିଯାଇଥିଲା । ବିଭିନ୍ନ ସଂଗଠନ ପକ୍ଷରୁ ତାଙ୍କର ଶୋକସଭା ପାଳନ କରାଯାଇଥିଲା ।

▶▶ପୃଷ୍ଠା ୭

## ଜିସିଟିସି ଉର୍ଜା ସୁରକ୍ଷା ସମ୍ମିଳନୀ-୨୦୨୦ରେ କେନ୍ଦ୍ରମନ୍ତ୍ରୀଙ୍କ ଉଦ୍‌ବୋଧନ

# ଉର୍ଜା ସୁରକ୍ଷା ସ୍ଥାପତ୍ୟର ବିକାଶରେ ଆତ୍ମନିର୍ଭର ଭାରତର ରହିବ ବଡ ଭୂମିକା : ଧର୍ମେନ୍ଦ୍ର

ନୂଆଦିଲ୍ଲୀ/ ଭୁବନେଶ୍ୱର,୨୯।୯ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟିରେ ଆରମ୍ଭ ହୋଇଥିବା ଆତ୍ମନିର୍ଭର ଭାରତ ଦେଶରେ ବ୍ୟାପକ ଉର୍ଜା ସୁରକ୍ଷା ସ୍ଥାପତ୍ୟର ବିକାଶ ପାଇଁ ଆମର ପ୍ରଚେଷ୍ଟାକୁ ଆଗେଇ ନେବ ଏବଂ ଏ ଦିଗରେ ବଡ ଭୂମିକା ଗ୍ରହଣ କରିବ ବୋଲି ସୋମବାର ଗ୍ଲୋବାଲ କାଉଂଟର ଟେରୋରିଜିମ୍ କାଉନସିଲ ପକ୍ଷରୁ ଆୟୋଜିତ 'ଜିସିଟିସି ଉର୍ଜା ସୁରକ୍ଷା ସମ୍ମିଳନୀ-୨୦୨୦'ରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଏହି



ଅବସରରେ ଶ୍ରୀ ପ୍ରଧାନ ସମ୍ମିଳନୀରେ ଉପସ୍ଥିତ ବିଭିନ୍ନ ବିଦେଶୀ କମ୍ପାନୀଙ୍କୁ ଓଡିଶାର ଚଣ୍ଡିଖୋଲ ଏବଂ କର୍ଣ୍ଣାଟକର ପାଦୁର ଠାରେ ଥିବା ଷ୍ଟ୍ରାଟେଜିକ୍ ପେଟ୍ରୋଲିୟମ ଭଣ୍ଡାରକୁ ବିକଶିତ କରିବା ପାଇଁ କମ୍ପାନୀକୁ ନିମନ୍ତ୍ରଣ କରିଥିଲେ । ▶▶ପୃଷ୍ଠା ୭

# ବାଲେଶ୍ୱରରେ ବସ୍ତିବାସିନ୍ଦାଙ୍କୁ ଭୂମି ଯୋଗ୍ୟତା ପ୍ରମାଣ ପତ୍ର ବଣ୍ଟନ




ବାଲେଶ୍ୱର,୨୯।୯ (ନି.ପ୍ର): ବସ୍ତିମୁକ୍ତ ସହର ନିର୍ମାଣ ଯୋଜନାରେ ମୁଖ୍ୟମନ୍ତ୍ରୀ ଆଜି ବସ୍ତି ଉନ୍ନତି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିବା ବେଳେ ବାଲେଶ୍ୱରରେ ବସ୍ତିବାସିନ୍ଦାଙ୍କୁ ଭୂମି ଯୋଗ୍ୟତା ପ୍ରମାଣପତ୍ର ବଣ୍ଟନ କରାଯାଇଛି। ଭୁବନେଶ୍ୱରରୁ ଭିଡିଓ କନଫରେନ୍ସିଂ ଜରିଆରେ ପୂର୍ବାହ୍ନ ସାଢେ ୧୧ଘଟିକା ମୁଖ୍ୟମନ୍ତ୍ରୀ ବସ୍ତି ଉନ୍ନତି କାର୍ଯ୍ୟକ୍ରମ ଶୁଭାରମ୍ଭ କରିବା ସହିତ ଓଡିଆ ଭାଷା ସୁରକ୍ଷାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଫକୀରମୋହନଙ୍କ ଭୂମି ବାଲେଶ୍ୱରରୁ ଏହି ରାଜ୍ୟସ୍ତରୀୟ ଯୋଜନା ଆରମ୍ଭ ହେବା ଖୁସୀର ବିଷୟ ବୋଲି କହିଥିଲେ । ସେ ଆହୁରି ମଧ୍ୟ କହିଥିଲେ ଯେ ରାଜ୍ୟର ସମସ୍ତ ସହରଗୁଡିକର ବିକାଶ ଠାରୁ ଆରମ୍ଭ କରି କୋଭିଡ ଲଢେଇ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ବସ୍ତିର ଗରିବ ଲୋକମାନେ ଆଗରେ ରହି କାମ କରୁଛନ୍ତି । ତେଣୁ ବିକାଶ ଉପରେ ମଧ୍ୟ ସେମାନଙ୍କର ସମାନ ଅଧିକାର ରହିଛି। ଏହି ଯୋଜନାରେ ରାଜ୍ୟର ବସ୍ତିଗୁଡିକରେ ବିଜୁଳି, ପିଇବା ପାଣି, ଗୋଷ୍ଠୀ କେନ୍ଦ୍ର ଆଦି ନାଗରିକ ସୁବିଧା ଯୋଗାଇ ଦେବା ସହ ସେମାନଙ୍କ ଜୀବନଧାରଣର ମାନରେ ଉନ୍ନତି ଆଣିବାକୁ ପ୍ରୟାସ ଜାରି ରହିଛି। ଏହି ଅବସରରେ ସେ ଜନସାଧାରଣଙ୍କୁ ସରକାରଙ୍କ କୋଭିଡ୍ ନିୟମାବଳୀ ପାଳନ କରିବା ପାଇଁ ଅନୁରୋଧ କରିଥିଲେ । ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଗାନ୍ଧୀ ସ୍ମୃତି ଭବନରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜ୍ୟ ପଂଚାୟତିରାଜ ଓ ପାନୀୟ ଜଳ, ଆଇନ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ପ୍ରତାପ ଜେନା ଯୋଗ ଦେଇ ମୁଖ୍ୟମନ୍ତ୍ରୀଙ୍କର ଏଭଳି ଐତିହାସିକ ପଦକ୍ଷେପ ନିମନ୍ତେ କୃତଜ୍ଞତା ଜ୍ଞାପନ କରିଥିଲେ। ଲୋକପ୍ରିୟ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ଜାଗା ମିଶନ ଏକ ଲୋକାଭିମୁଖୀ ଓ ଯୁଗାନ୍ତକାରୀ ପଦକ୍ଷେପ । ଏହି ଯୋଜନା ମାଧ୍ୟମରେ ସମଗ୍ର ରାଜ୍ୟର ୧୭୨୫ଟି ବସ୍ତିରେ ଡ୍ରୋନ ଦ୍ୱାରା ସର୍ଭେ କରାଯାଇ ୬୦ହଜାରରୁ ଉର୍ଦ୍ଧ୍ୱ ବସ୍ତିବାସିନ୍ଦା ପରିବାରକୁ ଭୂମି ଅଧିକାର ପ୍ରମାଣପତ୍ର ପାଇଁ ସ୍ୱୀକୃତି ପ୍ରଦାନ କରାଯାଇଛି । ଏହି ଲୋକାଭିମୁଖୀ ପ୍ରକଳ୍ପ "ୱାର୍ଲ୍ଡ୍ ହାବିଟାଟ୍ ଆୱାର୍ଡ" ଦ୍ୱାରା ପ୍ରଶଂସା ମଧ୍ୟ ଲାଭ କରିଛି । ଆଜି ସମଗ୍ର ରାଜ୍ୟର ମୋଟ ୧ଲକ୍ଷ ୫ହଜାର ବସ୍ତିବାସିନ୍ଦାଙ୍କୁ ଭୂମି ଅଧିକାର ଯୋଗ୍ୟତା ପ୍ରମାଣପତ୍ର ବଂଟନର ଶୁଭାରମ୍ଭ ହୋଇଛି। ଏହା ଦ୍ୱାରା ରାଜ୍ୟର ୨୯୧୯ଟି ବସ୍ତିର ରହୁଥିବା ବାସିନ୍ଦାମାନଙ୍କର ଜୀବନଶୈଳୀରେ ସକରାତ୍ମକ ପରିବର୍ତ୍ତନ ହୋଇପାରିବ ବୋଲି ମାନ୍ୟବର ମନ୍ତ୍ରୀ ଶ୍ରୀ ଜେନା ଆଶାପ୍ରକଟ କରିଥିଲେ। ବାଲେଶ୍ୱର ଜିଲ୍ଲାର ମୋଟ ୪ହଜାର ୯୫୮ ବସ୍ତି ବାସିନ୍ଦା ପରିବାରଙ୍କ ମଧ୍ୟରୁ ୧୭୦୮ଟି ପରିବାରକୁ ଭୂମି ଅଧିକାର ପ୍ରମାଣପତ୍ର ଦିଆଯିବା ପାଇଁ ସ୍ୱୀକୃତି ପ୍ରଦାନ କରାଯାଇଥିବା ବେଳେ ଏବେ ୩ହଜାର ୧୯୫ଟି ପରିବାରକୁ ଯୋଗ୍ୟତା ପ୍ରମାଣପତ୍ର ଦିଆଯିବା ପାଇଁ ସ୍ଥିର କରାଯାଇଛି । ବାଲେଶ୍ୱର ପୌରାଂଚଳରେ ପୂର୍ବରୁ ୧୦୩୮ଜଣ ବସ୍ତିବାସିନ୍ଦାଙ୍କୁ ଭୂମି ଅଧିକାର ପ୍ରମାଣ ପତ୍ର ପ୍ରଦାନ କରାଯାଇଥିବା ବେଳେ ଆଜି ୨୦୫୪ଟି ପରିବାରକୁ ଯୋଗ୍ୟତା ପ୍ରମାଣ ପତ୍ର ବଂଟନ କରାଯାଇଛି । ଏହି ଅବସରରେ ମାନ୍ୟବର ମନ୍ତ୍ରୀ ଶ୍ରୀ ଜେନା ଗାନ୍ଧୀ ସ୍ମୃତି ଭବନରେ ଅଙ୍ଗାରଗଡିଆ, ଶୋଭାରାମପୁର, ଭାସ୍କରଗଞ୍ଜ, ସହଦେବଖୁଂଟା, ଅରଡ ବଜାର, ରାଣୀପାଟଣା, ମିର୍ଜାପୋଖରୀ, ପୌରପାଳିକା କାର୍ଯ୍ୟାଳୟ, ବଡଖୁଆ, ଦିଗରହଣିଆ, ମାନସିଂ ବଜାର ପ୍ରଭୃତି ଅଂଚଳରେ ହିତାଧିକାରୀମାନଙ୍କୁ ଯୋଗ୍ୟତା ପ୍ରମାଣପତ୍ର ବଂଟନ କରିଥିଲେ । ସେହିପରି ବାଲେଶ୍ୱର ସହରରେ ନିର୍ମାଣାଧୀନ ୪ଟି ବହୁମୁଖୀ ଗୋଷ୍ଠୀ କେନ୍ଦ୍ର 'ପରିଚୟ' ମଧ୍ୟରୁ ଅଙ୍ଗାରଗଡିଆ ଓ ଶୋଭାରାମପୁର କେନ୍ଦ୍ରକୁ ମନ୍ତ୍ରୀ ଶ୍ରୀ ଜେନା ଉଦଘାଟନ କରିଥିଲେ । ଏହି ଅବସରରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ୫ଜଣ ଦିବ୍ୟାଙ୍ଗଙ୍କୁ ସେ ବ୍ୟାଟେରୀ ଚାଳିତ ତିନି ଚକିଆ ସାଇକେଲ୍ ପ୍ରଦାନ କରିଥିଲେ। ଆଜିର କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ, ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ନାୟକ, ପିଡି ଡିଆରଡିଏ ରବୀନ୍ଦ୍ର କୁମାର ସାହୁ, ବାଲେଶ୍ୱର ଉପ-ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ବିଦ୍ୟୁତ୍ ଦର ବୃଦ୍ଧିକୁ ନେଇ ପୁରୀ ଜିଲା ଯୁବ କଂଗ୍ରେସ ତରଫରୁ ବିକ୍ଷୋଭ

ପୁରୀ,୨୯।୯ (ନି.ପ୍ର):ବିଦ୍ୟୁତ୍ ଦର ବୃଦ୍ଧି କୁ ବିରୋଧ କରି ଭାରତୀୟ ଯୁବ କଂଗ୍ରେସ ପକ୍ଷରୁ ଆଜି ଜିଲାପାଳ ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯିବା ସହ ମୁଖ୍ୟମନ୍ତ୍ରୀ ଙ୍କ ଉଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। କରୋନା ମହାମାରୀ ସମୟରେ ଜୀବନ ପାଇଁ ସଂଗ୍ରାମ କରୁଥିବା ରାଜ୍ୟ ବାସୀଙ୍କ ଉପରେ ବିଦ୍ୟୁତ୍ ଦର ବୃଦ୍ଧି ବୋଝ ଉପରେ ନଳିତା ବିଡା ସଦୃଶ ଅଟେ। ବର୍ତ୍ତମାନ ରାଜ୍ୟରେ ଉତ୍ପାଦନ ହେଉଥିବା ବିଦ୍ୟୁତ୍ର ମୂଲ୍ୟ ୟୁନିଟ ପିଛା ୨ ଟଙ୍କା ୮୦ ପଇସାରୁ ଅଧିକ ହେବା କଥା ନୁହେଁ। ଉତ୍ପାଦନ ଖର୍ଚ୍ଚ ବହୁତ କମ ଥାଇ ମଧ ସରକାର ବିଦ୍ୟୁତ୍ ମୂଲ୍ୟ ବୃଦ୍ଧି କରିବା ଦୂର୍ଭାଗ୍ୟ ପୂର୍ଣ୍ଣ ଅଟେ। ରାଜ୍ୟ ର ବିଭିନ୍ନ ବଡ ବଡ କମ୍ପାନୀ ଉପରେ ପ୍ରାୟ ୬ ହଜାର କୋଟି ଟଙ୍କା ବକେୟା ଥିବାବେଳେ ରାଜ୍ୟ ସରକାରଙ୍କ ଉପରେ ବାକି ଥିବା ପ୍ରାୟ ୨.୫ କୋଟି ଟଙ୍କା ମଧ ଆଦାୟ ହୋଇନାହିଁ।ସରକାର ବକେୟା ଥିବା ଅର୍ଥ ଗୁଡିକୁ ଆଦାୟ ନକରି ବିଦ୍ୟୁତ୍ ଦର ବୃଦ୍ଧି କୁ ପୁରୀ ଜିଲା ଯୁବ କଂଗ୍ରେସ ପକ୍ଷରୁ ବିରୋଧ କରାଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଶକ୍ତିମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର ଙ୍କ କୁଶ ପୁତଳିକା ଦାହ କରାଯାଇଥିଲା । ପରେ ଜିଲା ଯୁବ କଂଗ୍ରେସ ର ସଭାପତି ପ୍ରେମଜିତ ମହାନ୍ତି ଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳି ଜିଲାପାଳ ଙ୍କ କାର୍ଯ୍ୟାଳୟ କୁ ଯାଇ ମୁଖ୍ୟମନ୍ତ୍ରୀ ଙ୍କ ଉଦେଶ୍ୟରେ ଏକ ଦାବି ପତ୍ର ଜିଲାପାଳ ଙ୍କୁ ପ୍ରଦାନ କରିଥିଲେ।

# ପିଲା କଳି ଶତୃତାରୁ ଭୂଜାଲି ମାଡ : ଜଣେ ଗୁରୁତର, ଆସାମୀ ଗିରଫ



ପାରାଦୀପ,୨୯।୯ (ନି.ପ୍ର): ପିଲା କଳି ଶତୃତା ଏବଂ ଶତୃତାରୁ ଭୂଜାଲି ମାଡ ଘଟଣା ଘଟିଛି ପାରାଦୀପ ଥାନା ଅନ୍ତର୍ଗତ ଅଠରବାଙ୍କୀ ପୋର୍ଟ କଲୋନୀରେ । ଘଟଣାରୁ ପ୍ରକାଶ ଗତ ଶନିବାର ରାତିରେ ଭୂଜାଲି ମାଡରେ ପୋର୍ଟ କଲୋନୀର ବିଜୟ ସାହୁ ଗୁରୁତର ଭାବେ ଆହାତ ହୋଇଛନ୍ତି । ତାଙ୍କ ଡାହାଣପଟ ଛାତିକୁ ଆକ୍ରମଣ କରିଛନ୍ତି ଦୁର୍ବୃତ୍ତ । ତାଙ୍କୁ ପ୍ରଥମେ ଅଠରବାଙ୍କୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ କଟକ ସ୍ଥାନାନ୍ତର କରାଯାଇଛି । ଗତ ମାସକ ତଳେ ଛୋଟ ପିଲାଙ୍କ କଳିକୁ ନେଇ ସେହି କଲୋନୀର ମିଥୁନ ବଳିଆରସିଂହ ଏଭଳି କାଣ୍ଡ ଘଟାଇଥିବା ବେଳେ ଏକ ବସ ମଧ୍ୟରେ ଲୁଚିଥିବା ଅବସ୍ଥାରେ ଖବର ପାଇ ଆଦର୍ଶ ଥାନା ଅଧିକାରୀ ରଜନୀକାନ୍ତ ସାମଲ ସଦଳବଳ ନେଇ ଘଟଣାସ୍ଥଳରେ ପହଁଚି ଆସାମୀକୁ ଗିରଫ କରିବା ସହ ତଦନ୍ତ ଜାରି ରଖିଛନ୍ତି । ଏ ବାବଦରେ ପାରାଦୀପ ଆଦର୍ଶ ଥାନାରେ କେସ ନଂ ୧୫୩/୨୦ରେ ଏକ ମାମଲା ରୁଜୁ ହୋଇଛି ।

# ଗୁଣପୁର ଉପଜିଲ୍ଲାପାଳଙ୍କ ରାମନାଗୁଡା ବ୍ଲକ୍ ଗସ୍ତ



ଗୁଣୁପୁର,୨୯।୯ (ନି.ପ୍ର): ରାୟଗଡ଼ା ଜିଲ୍ଲା ଗୁଣୁପୁର ଉପଖଣ୍ଡର ଉପଜିଲ୍ଲାପାଳ ଶ୍ରୀ ସୋନାଲ ଜେନା ରାମାନାଗୁଡ଼ା ବ୍ଲକର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଛନ୍ତି। ବ୍ଲକର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଅଙ୍ଗନୱାଡ଼ି କେନ୍ଦ୍ର, ଷ୍ଟେଟ ବ୍ୟାଙ୍କ, ପାଲୁପାଇ ସରକାରୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିବା ସହ ବ୍ଲକର ବିଭିନ୍ନ ଦୁର୍ଗମ ଅଞ୍ଚଳକୁ ମଧ ଯାଇ ଦେଖିଛନ୍ତି। ସେ ବ୍ଲକର କରଡା, ପାଲୁପାଇ, ରୁଗୁଡ଼ବାଇ, କଣ୍ଡସିକିରି, ସୁଣ୍ଡିଧାମୁଣି ଆଦି ସ୍ଥାନ ପରିଦର୍ଶନ କରିବା ସହ ଚାଷ କାର୍ଯ୍ୟ, ରାସ୍ତା , ପାନୀୟଜଳ ଇତ୍ୟାଦି ବିଭିନ୍ନ ସମସ୍ୟା ବିଷୟରେ ଗ୍ରାମବାସୀଙ୍କୁ ପଚାରି ବୁଝିଥିଲେ । ଲୋକଙ୍କ ପାଖରେ ସରକାରଙ୍କ ଆଭିମୁଖ୍ୟକୁ ସ୍ପଷ୍ଟ ଭାବେ ଉପସ୍ଥାପନ କରିବା ଏବଂ ସରକାରଙ୍କ ପକ୍ଷରୁ ଆସୁଥିବା ସମସ୍ତ ସୁବିଧାକୁ ସଚେତନତା ମାଧ୍ୟମରେ ଲୋକାଭିମୁଖୀ କରିବା ଉପଜିଲ୍ଲାପାଳଙ୍କ ପ୍ରଧାନ ଆଭିମୁଖ୍ୟ ବୋଲି ଜଣାପଡିଛି। ଉପଜିଲ୍ଲାପାଳଙ୍କ ସହ ରାମାନାଗୁଡା ବ୍ଲକ୍ ର ବିଡ଼ିଓ, ତହସିଲଦାର ପ୍ରମୁଖ ଉପସ୍ଥିତ ଥିଲେ ।

# କେନ୍ଦ୍ରାପଡା ସହରର ମୁଖ୍ୟ ରାସ୍ତା ଅବସ୍ଥା ଶୋଚନୀୟ

କେନ୍ଦ୍ରାପଡା,୨୯।୯ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳରେ ଥିବା ସହର ଭିତରର ରାସ୍ତା ଗୁଡିକ ଅବସ୍ଥା ଦିନକୁ ଦିନ ଶୋଚନୀୟ ହେବାରେ ଲାଗିଛି । ବିଭିନ୍ନ ସ୍ଥାନରେ ବଡ ଖାଲଖମା ସୃଷ୍ଟି ହୋଇ ଦୈନିକ ଛୋଟ ବଡ ଦୁର୍ଘଟଣା ଘଟୁଥିବା ବେଳେ ବିଶେଷ କରି ପଥଚାରୀ ମାନେ ଏହାର ଶିକାର ହେଉଥିବା ଦେଖିବାକୁ ମିଳୁଛି । ନୂଆ ବସଷ୍ଟାଣ୍ଡ ଠାରୁ ମହିପାଳ, କଜଳା, ତିନିମୁହାଣୀ ଅଂଚଳରେ ଥିବା ରାସ୍ତା ଗୁଡିକ ରକ୍ଷଣାବେକ୍ଷଣ ଅଭାବରୁ ସହରର ମୁଖ୍ୟ ରାସ୍ତା ଅତ୍ୟନ୍ତ ବିପଦପୂର୍ଣ୍ଣ ଥିବାବେଳେ ବର୍ଷାଦିନେ ପାଣି ଜମି ରହିବାରୁ ଏହି ଅଂଚଳରେ ପାଦରେ ଚାଲିଚାଲି ଯିବା ବା ଦୁଇ ଚକିଆ ଯାନରେ ଯିବା ଅତ୍ୟନ୍ତ ବିପଦପୂର୍ଣ୍ଣ ହୋଇ ପଡିଛି। ପୂର୍ତ୍ତ ବିଭାଗ ଦ୍ୱାରା ନିର୍ମାଣ କରାଯାଇଥିବା ଏହି ରାସ୍ତା ଗୁଡିକ ମରାମତି ଅଭାବରୁ ଅତ୍ୟନ୍ତ ବିପଦପୂର୍ଣ୍ଣ ହୋଇପଡିଛି । ଏହାକୁ ତୁରନ୍ତ ମରାମତି କରିବା ପାଇଁ ସାଧାରଣରେ ଦାବି ହୋଇଛି ।

# କେନ୍ଦ୍ର ସରକାରଙ୍କ କୃଷି ନିତୀକୁ ବିରୋଧ : ଜଳେଶ୍ୱର ଚାଷୀଙ୍କ ସ୍ୱାର୍ଥ ଲାଗି କଂଗ୍ରେସ ଲଢୁଛି

ଜଳେଶ୍ୱର,୨୯।୯ (ନି.ପ୍ର): ନିକଟରେ କେନ୍ଦ୍ର ସରକାର ପାରିତ କରିଥିବା କୃଷି ବିଲ୍ କୁ କଂଗ୍ରେସ ବିରୋଧ କରିଥିଲା, ଏବେ କରୁଛି ଓ ଆଗାମି ଦିନରେ କରିବବୋଲି ବହୁ ସଦସ୍ୟ ମତପୋଷଣ କରିଛନ୍ତି । ଏହା ସହିତ ଜଳେଶ୍ୱର ଅଂଚଳର କୃଷକଙ୍କ ଲାଗି କଂଗ୍ରେସ ୬ଦଫାର ଏକ ଦାବିପତ୍ର ପ୍ରସ୍ତୁତ କରିଛି ଓ ଦଳମତ ନିର୍ବିଶେଷରେ ଏହାକୁ ରାଜ୍ୟ ଓ କେନ୍ଦ୍ର ସରକାର ଓ ରାଷ୍ଟ୍ରପତିଙ୍କ ପଠାଯିବ ବୋଲି କଂଗ୍ରେସ ନେତା ସୁଦର୍ଶନ ଦାସ ପ୍ରକାଶ କରିଛନ୍ତି। ଜଳେଶ୍ୱର ବ୍ଲକର ବଡନଗରଠାରେ କଂଗ୍ରେସ ଏକ କୃଷକ ସମ୍ମିଳନୀର ଆହ୍ୱାନ ଦେଇଥିଲା। କଂଗ୍ରେସ ପ୍ରବକ୍ତା ତଥା ଜଳେଶ୍ୱରର ନେତା ସୁଦର୍ଶନ ଦାସଙ୍କ ଅଧ୍ୟକ୍ଷତାରେ ଏଥିରେ ସୁଧିର କୁମାର ପାତ୍ର, ସମୀର କୁମାର ପାତ୍ର, ରବିନ୍ଦ୍ର ବେହେରା, ବିଦ୍ୟାଧର ଦାସ, ସୁଧିର ମହାନ୍ତି, ପଦ୍ମଲୋଚନ ବେହେରା ଓ ହେମନ୍ତ ଗିରି ପ୍ରମୁଖ ବିଭିନ୍ନ ରାଜନୈତିକ ଦଳର କର୍ମୀମାନେ ଏଥିରେ ମତପୋଡଣ କରିଥିଲେ। ଏବେ ଜଳେଶ୍ୱରରେ ଚାଷ ହୋଇଥିବା ନକଲି ବିହନର କ୍ଷତି ପୂରଣ, ବୁଲ ବୁଲ ଓ ଅମ୍ଫନା ବେଳେ ହୋଇଥିବା ଚାଷୀଙ୍କ କ୍ଷତି ଭରଣା, ଉତ୍ତର ବାଲେଶ୍ୱରର ବର୍ଷା ଓ ବନ୍ୟାପାଣି ନିଷ୍କାସନ, କୃଷି ପ୍ରକ୍ରିୟାକରଣର ଶିଳ୍ପ ପ୍ରତିଷ୍ଠା ଓ ଶୀତଳ ଭଣ୍ଡାର ନିର୍ମାଣ କରିବା ସହିତ ସୁବର୍ଣ୍ଣରେଖା ସଂସ୍କାର ଯୋଜକାନାକୁ କାର୍ଯ୍ୟକାରୀ କରିବାକୁ ସୁଦର୍ଶନ ଦାସଙ୍କ ଦାବିକୁ ସମସ୍ତ ନେତୃମଣ୍ଡଳୀ ସମର୍ଥନ କରିବା ସହିତ ରାଜ୍ୟ, କେନ୍ଦ୍ର ସରକାର ଓ ରାଷ୍ଟ୍ରପତିଙ୍କୁ ଜଣାଇବେ ବୋଲି ଦାବି କରିଥିଲେ ।

# ଏଆଇଏସ୍ଏଫ୍ ପକ୍ଷରୁ ଭଗତ୍ ସିଂଙ୍କ ୧୧୩ ତମ ଜୟନ୍ତୀ ଅବସରରେ ଆଲୋଚନା ଚକ୍ର ଅନୁଷ୍ଠିତ

ଭୁବନେଶ୍ୱର,୨୯।୯ (ନି.ପ୍ର): ଶହୀଦ ଭଗତ୍ ସିଂଙ୍କ ୧୧୩ତମ ଜନ୍ମବାର୍ଷିକୀରେ ଏ.ଆଇ.ଏସ୍.ଏଫ୍. ଖୋର୍ଦ୍ଧା ଜିଲ୍ଲା କମିଟି ପକ୍ଷରୁ "ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥା ଓ ଭଗତ ସିଂଙ୍କ ବିଚାର" ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଭୁବନେଶ୍ୱର ୟୁନିଟ୍-୬ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନା ଚକ୍ରକୁ ଉଚ୍ଚ ଶିକ୍ଷା ବିଭାଗର ପୂର୍ବତନ ଅତିରିକ୍ତ ନିର୍ଦ୍ଦେଶକ ପ୍ରଫେସର ଅମୀୟ କୁମାର ମହାନ୍ତି ଉଦ୍ଘାଟନ କରି ଜାତୀୟ ଶିକ୍ଷାନୀତି ୨୦୨୦ରେ ଶିକ୍ଷା ବ୍ୟବସ୍ଥାର ବ୍ୟାପକ ଘରୋଇକରଣ ପ୍ରସ୍ତାବ ରଖାଯାଇଛି ଓ ଏହା ବିରୋଧରେ ଭଗତ ସିଂଙ୍କ ଆଦର୍ଶରେ ଅନୁପ୍ରାଣିତ ବିଭିନ୍ନ ଛାତ୍ର ଓ ଯୁବ ସଂଗଠନ ସର୍ବଭାରତୀୟ ଶିକ୍ଷକ ଫେଡେରେସନ୍ ମିଳିତ ଭାବେ ପ୍ରତିବାଦ ଓ ପ୍ରତିରୋଧ ଚଳାଇଛନ୍ତି ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଏ.ଆଇ.ଏସ୍.ଏଫ୍.ର ପୂର୍ବତନ ନେତା ତଥା ସିପିଆଇ ରାଜ୍ୟ ସମ୍ପାଦକ କମ୍ରେଡ୍ ଆଶିଷ କାନୁନ୍ଗୋ, ପ୍ରଫେସର ମଧୁମିତା ରାୟ, ରେଭେନ୍ସା କଲେଜର ପୂର୍ବତନ ଛାତ୍ର ସଂସଦ ସଭାପତି କମ୍ରେଡ୍ ବିଜୟ ମହାନ୍ତି, କେନ୍ଦୁଝରର ଛାତ୍ରନେତା ଆର୍ଯ୍ୟାନ ଜୟଶ୍ୱାଲ ପ୍ରମୁଖ ଜାତୀୟ ଶିକ୍ଷାନୀତି ୨୦୨୦ କାର୍ଯ୍ୟକାରୀ ହେଲେ ଶହୀଦ ଭଗତ ସିଂହଙ୍କ ବିଚାରର ଭାରତ - ବିଭିନ୍ନତା ମଧ୍ୟରେ ଏକତା ଭଳି ଗୁରୁତ୍ୱପୂର୍ଣ୍ଣ ଦିଗ ବାଦ ପଡ଼ିଯିବ, ଆର୍ଥିକ - ସାମାଜିକ ଅନଗ୍ରସର ବର୍ଗ, ଆଦିବାସୀ, ଦଳିତ ଓ ସଂଖ୍ୟାଲଘୁ ପରିବାରର ଛାତ୍ରଛାତ୍ରୀ ଉଚ୍ଚଶିକ୍ଷା ପ୍ରାପ୍ତିରୁ ବଂଚିତ ହେବେ ଓ ସେଥିପାଇଁ ଏହାର ପ୍ରତିରୋଧ କରିବାକୁ ଆହ୍ୱାନ ଦେଇଥିଲେ । ଏ.ଆଇ.ଏସ୍.ଏଫ୍.ର ରାଜ୍ୟ ସଭାପତି ସଂଘମିତ୍ରା ଜେନା ସଭାପତିତ୍ୱ କରି ଏହି ଶିକ୍ଷା ସଂକୋଚନକାରୀ ଜାତୀୟ ଶିକ୍ଷାନୀତି- ୨୦୨୦ ପ୍ରତ୍ୟାହାର ଦାବିରେ ଦେଶବ୍ୟାପୀ ଶକ୍ତିଶାଳୀ ଛାତ୍ର ଆନ୍ଦୋଳନ ପାଇଁ ଦୃଢ ଆହ୍ୱାନ ଦେଇଥିଲେ । ଏ.ଆଇ.ଏସ୍.ଏଫ୍.ର ୮୫ତମ ପ୍ରତିଷ୍ଠା ଦିବସ ଅବସରରେ ଛାତ୍ରଛାତ୍ରୀମାନଙ୍କ ପାଇଁ ଆୟୋଜିତ ଅନଲାଇନ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗୀମାନଙ୍କୁ ଏହି କାର୍ଯ୍ୟକ୍ରମରେ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା ।

# ପୁରୀ ଜିଲା ପ୍ରଶାସନ ତରଫରୁ କରୋନାକୁ ନେଇ ସତର୍କତାମୂଳକ ପଦକ୍ଷେପ

ପୁରୀ,୨୯।୯ (ନି.ପ୍ର):ପୁରୀ ଜିଲାରେ କୌଣସି ବିଭାଗର , ବ୍ରତଘର, ବା କୌଣସି ସାଂସ୍କୃତିକ , ଧର୍ମୀୟ ଓ ଦଳୀୟ ଶୋଭାଯାତ୍ରା କରାଯାଇପାରିବ ନାହିଁ ବୋଲି ଯେଉଁ କଟକଣା ଲାଗୁ ହୋଇଥିଲା ତାହାକୁ ଆଗାମୀ ଡିସେମ୍ବର ୧୮ ତାରିଖ ପର୍ଯ୍ୟନ୍ତ ପୁରୀ ଜିଲା ପ୍ରଶାସନ ବୃଦ୍ଧି କରିଛି। ପୋଲିସ ଆକ୍ଟ ୩୦ ଧାରା ଅନୁସାରେ ଶୋଭାଯାତ୍ରା ନେଇ ଅନୁମତି ନେବା ଆବଶ୍ୟକତା ଥିବା ବେଳେ କରୋନାକୁ ନଜରରେ ରଖି କୌଣସି ଅନିମତି ଦିଆଯାଉନଥିବା ବେଳେ ସେହି କଟକଣା କୁ ଚଳିତ ମାସ ୨୦ ତାରିଖ ଠାରୁ ୯୦ ଦିନ ପର୍ଯ୍ୟନ୍ତ ପୁରୀ ପ୍ରଶାସନ ବୃଦ୍ଧି କରିଛି।

# ସମ୍ବଲପୁର ରେଳମଣ୍ଡଳରୁ ପ୍ରଥମ ଫ୍ଲାଏ-ଆଶ ପରିବହନ

ଭୁବନେଶ୍ୱର,୨୯।୯ (ନି.ପ୍ର): ପୂର୍ବ ତଟ ରେଳପଥ ପକ୍ଷରୁ ପ୍ରାରମ୍ଭ କରାଯାଇଥିବା ବ୍ୟବସାୟ ବିକାଶ ୟୁନିଟ୍ (ବିଡିୟୁ) ମାଧ୍ୟମରେ ସମ୍ବଲପୁର ରେଳମଣ୍ଡଳ ବ୍ୟବସାୟ ବିକାଶ ୟୁନିଟ୍ ଆଧାରରେ ଆଜି ଲପଙ୍ଗା ସ୍ଥିତ ଆଦିତ୍ୟ ଆଲୁମିନା ସାଇଡିଂ ରୁ ୫୯ ୱାଗନ ବିଶିଷ୍ଟ ଫ୍ଲାଏ ଆସ ବୋଝେଇ ଏକ ସମ୍ପୁର୍ଣ୍ଣ ଟ୍ରେନ ଆସାମର ଲଙ୍କା ସ୍ଥିତ କାଲକାମ ସିମେଂଟ କାରଖାନାକୁ ପ୍ରାୟ ୧୩୬୭ କି.ମି. ଯାତ୍ରା କରିବାକୁ ଥିବା ବେଳେ ଏହା ରେଳବାଇ ପାଇଁ ପ୍ରାୟ ୪୩ ଲକ୍ଷ ଟଙ୍କା ଆୟ ହେବ। ବର୍ଜ୍ୟବସ୍ତୁର ପୁନ ବ୍ୟବହାର ଯୋଗ୍ୟତାକୁ ପ୍ରୋତ୍ସାହିତ କରିବା ଏବଂ କ୍ଷୁଦ୍ର ଏବଂ ମାଇକ୍ରୋ ଶିଳ୍ପ ସହିତ ବ୍ୟବସାୟୀ ଏବଂ ଶିଳ୍ପକୁ ସୁବିଧା ଯୋଗାଇବା ପାଇଁ, ପୂର୍ବତଟ ରେଳପଥର ବ୍ୟବସାୟ ବିକାଶ ୟୁନିଟ୍ ଶିଳ୍ପକୁ ସଂସ୍ଥା ଗୁଡିକୁ ପ୍ରୋତ୍ସାହନ ଦ୍ୱାରା ଆକର୍ଷିତ କରୁଛି । ଗ୍ରାହକ ଏବଂ ଶିଳ୍ପ ସହିତ ପୂର୍ବତଟ ରେଳପଥର ବ୍ୟବସାୟ ବିକାଶ ୟୁନିଟ୍ ଦ୍ୱାରା ବାରମ୍ବାର ପାରସ୍ପରିକ କ୍ରିୟା ଉପରେ ବର୍ତ୍ତମାନ ଚାଲୁଥିବା ପାରମ୍ପାରିକ ଦ୍ରବ୍ୟରେ ରେଳବାଇର ପାନ୍ୟ ପରିବହନ ଅଂଶକୁ ମଜବୁତ କରିବା ପାଇଁ ପୂର୍ବତଟ ରେଳପଥ ବର୍ତ୍ତମାନ ବିଭିନ୍ନ ଅଣ-ବଲ୍କ ସାମଗ୍ରୀ ଟ୍ରାଫିକ୍ ବୃଦ୍ଧି କରିବାର ଉପାୟ ଅନୁସନ୍ଧାନ କରୁଛି ।

# ନିର୍ମାଣାଧିନ ସବ୍ ସେଣ୍ଟର ସ୍ଥାନ ପରିବର୍ତ୍ତନ ନ କରିବାକୁ ନିବେଦନ : ତହସିଲରେ ବିକ୍ଷୋଭ

## ଦାବି ପୂରଣ ନ ହେଲେ ହେବ ଆମରଣ ଅନଶନ

ଜଳେଶ୍ୱର,୨୯।୯ (ନି.ପ୍ର): ଜଳେଶ୍ୱର ତହସିଲ ସମ୍ମୁଖରେ ଆଜି ରାଇବଣିଆ ଥାନା ଅନ୍ତର୍ଗତ ଖୁଦିଆ ମାଝିସାହି ଗ୍ରାମବାସୀ ତାଙ୍କ ଗାଁରେ ନିର୍ମାଣାଧିନ ସବ୍‌ସେଣ୍ଟର କାର୍ଯ୍ୟ ସାରିବାକୁ ନିବେଦନ କରି ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ତହସିଲଦାରଙ୍କୁ ହସ୍ତାନ୍ତର କରିଛନ୍ତି । ସବ୍ ସେଣ୍ଟର ସ୍ଥାନ ପରିବର୍ତ୍ତନ ହେଲେ ଆମରଣ ଅନଶନ ହେବ ବୋଲି ସରପଂଚ ଓ ସମିତି ସଦସ୍ୟଙ୍କ ସହିତ ବହୁ ଲିଖିତଭାବେ ଜଣାଇଛନ୍ତି । ଘଟଣାରୁ ପ୍ରକାଶ, ଜଳେଶ୍ୱର ବ୍ଲକର ରାଇବଣିଆ ଥାନା ଅନ୍ତର୍ଗତ ଖୁଦିଆ ମାଝିସାହି ପଂଚାୟତରେ ଏକ ସବ୍ ସେଣ୍ଟର ନିର୍ମାଣ ଲାଗି ସରକାରୀ ସିଦ୍ଧାନ୍ତ ହୋଇଥିଲା । ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ୧୮ଲକ୍ଷ ଟଙ୍କା ମୂଲ୍ୟର ଟେଣ୍ଡର ସରିବାରୁ ଠିକାଦାର ୪ଲକ୍ଷ ଟଙ୍କା ମୂଲ୍ୟର କାଯ୍ୟ ସେହି ପଂଚାୟତର ଖଉଦିଆ ମାଝିସାହି ଗାଁରେ ଶେଷ କରିଥିବା ବିଭାଗ ପକ୍ଷରୁ କୁହାଯାଇଛି । କିନ୍ତୁ ତହସିଲଦାର ଓ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଏଥିନିମନ୍ତେ ଯୋଗାଇ ଦିଆଯାଇଥିବା ସ୍ଥାନଟି ଗଡସାହି ଗ୍ରାମ ଅଂଚଳରେ ଜଣାଯିବାପରେ ବିବାଦ ଦେଖା ଦେଇଛି । ଏ ପରିପ୍ରେକ୍ଷୀରେ ଗୃହ ନିର୍ମାଣ ଆରମ୍ଭ ହୋଇଥିବା ସ୍ଥାନଟି ସରକାରୀ ଜାଗା ହୋଇଥିବାରୁ ସେଠାରେ କାର୍ଯ୍ୟ ଶେଷ କରିବାକୁ ଆଜିର ତହସିଲ ଘେରାଓ ଆନ୍ଦୋଳନରେ ଦାବି ହୋଇଛି । ଆଜି ସରପଂଚ ସତ୍ୟଶୋଭନ ମିଶ୍ର, ସମିତି ସଦସ୍ୟ ସୁମିତ୍ରା ଦେ, ପୂର୍ବତନ ସରପଂଚ କ୍ଷିତିଶ ଚନ୍ଦ୍ର ଦେ, ରାଜକୁମାର ମିଶ୍ର, ସିପନ କୁମାର ଘୋଷ, ଶିଶିର ପ୍ରଧାନ, ସଂଜିବ ସାହୁ, ହିରେନ୍ଦ୍ର ସାହୁ, ରତିକାନ୍ତ ପ୍ରଧାନ, ତପନ ପ୍ରଧାନ, ସପନ ମିଶ. ରମେଶ ପ୍ରଧାନ, ହରେନ୍ଦ୍ର ଘଡେଇ, ନିତ୍ୟାନନ୍ଦ ଘୋଷ, ବିଜୟ ମହାପାତ୍ର, ଶଂକର ଘୋଷଙ୍କ ନେତୃତ୍ୱରେ ବହୁ ଗ୍ରାମବାସୀ ତହସିଲଦାରଙ୍କୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଦେଇଛନ୍ତି । ଏହି କାର୍ଯ୍ୟକୁ ଅବିଳମ୍ବେ ଶେଷ କରିବାକୁ ସେମାନେ ଦାବି ଜଣାଇବା ସହ ତାହା ନ ହେଲେ ଆମରଣ ଅନଶନ ହେବ ବୋଲି ସୂଚନା ଦେଇଛନ୍ତି ।

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରିଲେ ମହିଳା

# ବାରିପଦା ମଇଳା ଖାଦାନ ସ୍ମଶାନରେ ମୃତ କୋଭିଡ ରୋଗୀଙ୍କ ଶବଦାହକୁ ବିରୋଧ



ବାରିପଦା,୨୯।୯ (ନି.ପ୍ର): ବାରିପଦା ପୌରାଂଚଳର ୨୨ ନମ୍ବର ୱାର୍ଡ ରଘୁନାଥପୁର ଅଂଚଳର ମଇଳା ଖାଦାନ ପରିସରରେ ନିର୍ମିତ ସ୍ୱତନ୍ତ୍ର ଶ୍ମଶାନରେ କରୋନା ସଂକ୍ରମିତ ଶବଦାହକୁ ବିରୋଧ କରି ପୁଣିଥରେ ଆଜି ସ୍ଥାନୀୟ ମହିଳା ମାନେ ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଓ କରିଥିବା ବେଳେ ଉତେଜନା ପ୍ରକାଶ ପାଇଥିବାର ଦେଖାଯାଇଛି । ସ୍ଥାନୀୟ ଲୋକମାନଙ୍କ ଅଭିଯୋଗ ଅନୁଯାୟୀ ଜିଲ୍ଲା ପ୍ରଶାସନ କରୋନାରେ ପୀଡିତ ହୋଇ ମୃତ୍ୟୁ ବରଣ କରିଥିବା ଶବକୁ ଏଠାରେ ଦାହ କରୁଛନ୍ତି। ଯାହା ଫଳରେ ଶବଟିର ପୋଡା ଧୂଆଁ ପବନ ଆଖ ପାଖ ଅଂଚଳକୁ ବିଷାକ୍ତ କରୁଛି। ସ୍ଥାନୀୟ ଲୋକମାନେ ସଂକ୍ରମଣ ଶିକାର ହେବାର ବହୁ ସମ୍ଭାବନା ରହିଛି। ତେବେ ଏନେଇ କିଛି ଦିନ ପୂର୍ବରୁ ସ୍ଥାନୀୟ ଲୋକମାନେ ବାରିପଦା-କୋଷ୍ଟା ମୁଖ୍ୟ ରାସ୍ତାକୁ ଅବରୋଧ କରିଥିଲେ। ଶନିବାର ଦିନ ମଧ ପ୍ରସାଶନ ପକ୍ଷରୁ ଉକ୍ତ ରଘୁନାଥପୁର ମଶାଣିରେ ଦୁଇଟି କୋଭିଡ ଆକ୍ରାନ୍ତ ଶବଦାହ ପାଇଁ ନିଆଯାଇଥିବା ବେଳେ ପୁଣି ଉତେଜନା ପ୍ରକାଶ ପାଇଥିବାର ଦେଖାଯାଇଥିଲା। ବହୁ ସଂଖ୍ୟାରେ ମହିଳା ମାନେ ଏକତ୍ରିତ ହୋଇ ରାସ୍ତା ଉପରେ ଛିଡା ହୋଇ ଶବଦାହକୁ ବିରୋଧ କରୁଥିବାର ଦେଖା ଯାଇଥିଲା। ତେବେ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇ ଶବଦାହ କାର୍ଯ୍ୟ ସମ୍ପାଦନ କରାଯାଇଥିଲା। ପୁଣି ଗତ ୨୭ ତାରିଖରେ ଶବଦାହକୁ ବିରୋଧ କରି ସ୍ୱର୍ଗରଥ ଗାଡିକୁ ଭଙ୍ଗାରୁଜା କରିବା ସହିତ ରାସ୍ତା ଅବରୋଧ କରିଥିଲେ। ତେବେ ଜିଲ୍ଲା ପ୍ରସାଶନ ସେମାନଙ୍କର କିଛି କଥା ବୁଝୁ ନଥିବାର ଅଭିଯୋଗ କରି ଆଜି ଶତାଧିକ ମହିଳା ହାତରେ ଠେଙ୍ଗା ବାଡି ଧରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏଭଳି ଅବସ୍ଥା ହୋଇଥିଲା ଯେ, ଉତ୍ୟକ୍ତ ମହିଳା ମାନେ ଧରିଥିବା ଠେଙ୍ଗାରେ ଜିଲ୍ଲାପାଳଙ୍କ ଗେଟକୁ ବାଡେଇ ଜୋର ଜବରଦସ୍ତ କାର୍ଯ୍ୟାଳୟ ଭିତରକୁ ପ୍ରବେଶ କରିବାକୁ ପ୍ରଚେଷ୍ଟା କରିଥିଲେ । ଭୀଡକୁ ଏଡାଇବାକୁ ଓ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୋଲିସ ମୁତୟନ ହୋଇଥିଲେ । ଶେଷରେ ଏସ.ପି.ଙ୍କ ଉପସ୍ଥିତିରେ ବିକ୍ଷୋଭକାରୀଙ୍କ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କ ସହିତ ଆଲୋଚନା କରିବା ପରେ ଜିଲ୍ଲା ପ୍ରସାଶନ ପକ୍ଷରୁ ସ୍ମଶାନର ପାଚେରି ଆଦି ଆବଶ୍ୟକୀୟ ଭିତିଭୂମୀ ନିର୍ମାଣ କାମ ଯଥାଶିଗ୍ର ଶେଷ କରାଯିବାର ପ୍ରତିଶୃତି ମିଳିବା ପରେ ବିକ୍ଷୋଭକାରୀ ମାନେ ବିକ୍ଷୋଭରୁ ଓହରିଥିଲେ ।





*ସାରା ବିଶ୍ୱକୁ କବଳିତ କରିଥିବା କରୋନା ମହାମାରୀ ଭୂତାଣୁ ଚୀନ୍‌ରୁ ଆସିଥିବା ବିବାଦ ଏଯାବତ୍ ଲାଗି ରହିଛି । ଏହା ମଧ୍ୟରେ ଚୀନ୍‌ର ଆଉ ଏକ ରହସ୍ୟ ପଦାକୁ ଆସିଛି । ଏହି ଦେଶ ଏପରି ସହର ନିର୍ମାଣରେ ଲାଗିଛି ଯାହା କରୋନା ସହ ଭବିଷ୍ୟତରେ ଯେକୌଣସି ମହାମାରୀରୁ ବି ସୁରକ୍ଷିତ ରହିପାରିବ । ଖୁବ୍ ଗୋପନୀୟ ଭାବେ ଏହି ସହର ନିର୍ମାଣ ଚାଲିଥିଲେ ବି ଏହାର ତଥ୍ୟ ପଦାକୁ ଆସିଯାଇଛି । ଚୀନ୍ ସହିତ ବିଭିନ୍ନ ଦେଶର ମାଟିତଳେ ଥିବା ଚର୍ଚ୍ଚିତ ଗୁପ୍ତ ସହର ସମ୍ପର୍କରେ...*

# ଗୁପ୍ତ ସହର

### ସୁପାଇ ଗ୍ରାମ, ଆମେରିକା:

ବିଶ୍ୱର ଅନ୍ୟତମ ଆଶ୍ଚର୍ଯ୍ୟ ଗ୍ରାଣ୍ଡ କେନିୟାନ୍ ଦେଖିବାକୁ ସାରା ବିଶ୍ୱରୁ ପ୍ରତିବର୍ଷ ପ୍ରାୟ ୫୫ ଲକ୍ଷ ଲୋକ ଆମେରିକାର ଏରିଜୋନା ଯାଇଥାନ୍ତି । ତେବେ ଏଠାରେ ଥିବା ଅନ୍ୟତମ ଗର୍ତ୍ତ ହାଭାସୁ କେନିୟାନ ନିକଟରେ ସୁପାଇ ନାମରେ ଏକ ବହୁ ପ୍ରାଚୀନ ଗ୍ରାମ ରହିଛି । ଏଠାକାର ମୋଟ ଜନସଂଖ୍ୟା ୨୦୮ । ତେବେ ଗାଁଟି ଗ୍ରାଣ୍ଡ କେନିୟାନ୍ ଭିତରେ ପ୍ରାୟ ୩ ହଜାର ଫୁଟ ଗଭୀରତାରେ ଅବସ୍ଥିତ । ସମଗ୍ର ଆମେରିକାରେ ଏହା ଏକମାତ୍ର ଏପରି ଗ୍ରାମ ଯେଉଁଠି ଚିଠି ପହଁଞ୍ଚିବାକୁ ସର୍ବାଧିକ ସମୟ ଲାଗୁଛି ଏବଂ ଖଚର ଦ୍ୱାରା ଡାକ ଯୋଗାଯୋଗ କରାଯାଉଛି । ଏହି ଖଚର ଗାଡ଼ି ଉପରେ ୟୁନାଇଟେଡ ଷ୍ଟେଟ୍ ପୋଷ୍ଟାଲ୍ ସର୍ଭିସ୍‌ର ମୋହର ଲାଗିଥାଏ ।

### ଦିକ୍ସିୟା ଚେଙ୍ଗ, ଚୀନ୍:

ଯୁଦ୍ଧ ପରିସ୍ଥିତିରୁ ସୁରକ୍ଷିତ ରହିବା ଲାଗି ଏକାଧିକ ଭୂତଳ ସହର ଚୀନ୍‌ର ବିଭିନ୍ନ ରାଜ୍ୟରେ ରହିଥିବା ବେଳେ ଦିକ୍ସିୟା ଚେଙ୍ଗ ପ୍ରମୁଖ । ୧୯୬୯ ରେ ବେଜିଂ ଭୂମି ତଳେ ଏହି ସହର ନିର୍ମାଣ କରାଯାଇଥିଲା, ଯାହା ଶେଷ ହେବାକୁ ୧୦ବର୍ଷ ଲାଗିଥିଲା । ଏହା ଚୀନ୍‌ର ବିଶାଳ ଭୂତଳ ପ୍ରାଚୀନ ସହର ନାମରେ ପରିଚିତ । ଏଠାରେ ଏକାଧିକ ସ୍କୁଲ, ହସ୍‌ପିଟାଲ୍, ରହିବା ଏବଂ ଶୋଇବା ସୁବିଧା ଥିବା ବଡବଡ ହଲ୍ ନିର୍ମାଣ କରାଯାଇଛି । ଏହି ସହର ଭିତରକୁ ଯିବା ପାଇଁ ଶତାଧିକ ପ୍ରବେଶ ଦ୍ୱାର ରହିଥିବା ବେଳେ ଏକାଧିକ ଗୁମ୍ଫା ମଧ୍ୟ ଏଠାରେ ଅଛି ।

### କାପାଡୋସିୟା, ତୁର୍କୀ:

ଏହି ସ୍ଥାନରେ ଅତି କମ୍‌ରେ ୩୦ଟି ଭୂତଳ ସହର ରହିଛି । କାପାଡୋସିୟାକୁ ଭୂତଳ ସହରଗୁଡ଼ିକର ଏକ ଗ୍ରୁପ୍ ବୋଲି କୁହାଯାଇପାରେ । ଏଠାରେ ଛୋଟ ଛୋଟ ଗୁମ୍ଫା, ଦୋକାନ, ଘର, ସ୍କୁଲ, ଚର୍ଚ୍ଚ ଆଦି ରହିଛି । ତୁର୍କୀର ନେଭାସିର ଅନ୍ତର୍ଗତ ଡେରିନକୁୟୁ ଜିଲ୍ଲାରେ ଏହି ଭୂତଳ ସହର ରହିଛି । ଏଠାରେ ନିଜ ଜିନିଷପତ୍ର, ପଶୁସମ୍ପଦ ସହ ୨୦ ହଜାର ଲୋକ ଆଶ୍ରୟ ନେଇପାରିବେ ।

### କରୋନାନିରୋଧୀ ସହର:

ଚୀନ୍ ଖୁବ୍ ଗୋପନୀୟ ଭାବେ ବେଜିଂର ଜିୟୋଙ୍ଗ ଆନ୍ ନ୍ୟୁ ଏରିଆରେ ଏହି ସହର ନିର୍ମାଣ କରୁଥିଲେ । ଏହି ସହର କରୋନା ସହ ଭବିଷ୍ୟତର ଯେକୌଣସି ବଡ ମହାମାରୀରୁ ବି ଏଠାକାର ବାସିନ୍ଦାଙ୍କୁ ସୁରକ୍ଷିତ ରଖିପାରିବ । ଏଠାରେ ନିର୍ମିତ ଘରଗୁଡ଼ିକରେ ବଡବଡ ବାଲ୍‌କୋନି ସହ ଏକାଧିକ ଗ୍ରୀନ୍‌ହାଉସ ବ୍ୟବସ୍ଥା ରଖାଯିବ । ଛାତ ଉପରେ ଚାଷବାସ କରାଯାଇପାରିବ । ବଡ଼ବଡ଼ କାଠ ବ୍ଲକ୍‌ରେ ଏହି ଘରଗୁଡ଼ିକ ତିଆରି ହେବ । ଡ୍ରୋନ୍ ଦ୍ୱାରା ଏହି





ସହର ଉପରେ ଦୃଷ୍ଟି ରଖାଯିବ ଯେପରିକି କୌଣସି ସମସ୍ୟା ହେଲେ ତୁରନ୍ତ ଜଣାପଡ଼ିପାରିବ । ବାର୍ସିଲୋନାର ଗୁଆଲେର୍ଟ ଆର୍କିଟେକ୍ଟସ ଏହି ସହର ନିର୍ମାଣ ଦାୟିତ୍ୱ ନେଇଛନ୍ତି । ଦେଶର ଆହୁରି ଏକାଧିକ ସ୍ଥାନରେ ଏପରି ସହର ନିର୍ମାଣ ଲାଗି ଚୀନ୍ ରାଷ୍ଟ୍ରପତି ଯୋଜନା କରିଥିବା ଜଣାଯାଇଛି । ସାରା ବିଶ୍ୱ ତାଲାବନ୍ଦ ହୋଇ ରହିଥିବା ବେଳେ ଚୀନ୍‌ରେ ଏହି ସହର ନିର୍ମାଣ ଚାଲିଥିଲା । ଏପରିକି ତାଲାବନ୍ଦ ସମୟରେ ହିଁ ଗୁଆଲେର୍ଟ ଆର୍କିଟେକ୍ଟସ ସଂସ୍ଥା ନିର୍ମାଣ କରିବାର ଟେଣ୍ଡର ପାଇଥିଲା । ୭୭୨ ବର୍ଗ ମାଇଲ ଅଞ୍ଚଳରେ ନିର୍ମାଣଧୀନ ଥିବା ଏହି ସହର ଲଣ୍ଡନ ଏବଂ ନ୍ୟୁୟର୍କଠାରୁ ବି ବଡ଼ । ତେବେ ଏପରି ସହର ନିର୍ମାଣ ପଛରେ ଭବିଷ୍ୟତକୁ ଚୀନ୍ ବିଶ୍ୱ ପାଇଁ ଆହୁରି ଅଧିକ ଭୟଙ୍କର ବିପଦ ସୃଷ୍ଟି କରିବାକୁ ଯାଉଥିବା ନେଇ ଚର୍ଚ୍ଚା ଚାଲିଛି ।

### ରିସୋ, କାନାଡ଼ା:

ଏଠାରେ ମଣ୍ଟ୍ରିଲ ସହର ତଳେ ଥିବା ଏହି ସହରଟି କାନାଡ଼ାକୁ ଧରି ରଖିଥିବା ସ୍ତମ୍ଭ ବୋଲି କୁହାଯାଏ । ଖରାଦିନେ ବି ମାଟି ତଳେ ଥିବା ଏହି ସହରରେ ଖୁବ୍ ଥଣ୍ଡା ଅନୁଭୂତ ହୋଇଥାଏ । ଏଠାରେ ହୋଟେଲ, ରେଷ୍ଟୋରାଁ, ସୁପରମାର୍କେଟ, ସପିଙ୍ଗ ମଲ, ମେଟ୍ରୋ ଷ୍ଟେସନ ପରି ସମସ୍ତ ଅତ୍ୟାଧୁନିକ ସୁବିଧା ଉପଲବ୍ଧ । ସିନେମା ହଲ୍, ଲାଇବ୍ରେରୀ ସହ ରହିବାକୁ ଆପାର୍ଟମେଣ୍ଟ ବି ଏଠାରେ ଅଛି ।

### ବର୍ଲିଂଟନ୍, ଇଂଲଣ୍ଡ:

ପରମାଣୁ ବୋମା ପରି ଆକ୍ରମଣ ସ୍ଥିତିରେ ସୁରକ୍ଷିତ ରହିବା ଲାଗି ଇଂଲଣ୍ଡର ୱିଲ୍‌ଟଶାୟର ସହରରେ ଭୂମି ତଳେ ବର୍ଲିଂଟନ୍ ସହର ନିର୍ମାଣ କରାଯାଇଛି । ୨୪୦ ଏକର ପରିବ୍ୟାପ୍ତ ଏହି ସହରରେ ୪ ହଜାର ରେଳଷ୍ଟେସନ୍, ହସ୍‌ପିଟାଲ, ଜଳାଶୟ ଏପରିକି ବିବିସିର ଏକ ଷ୍ଟୁଡିଓ ମଧ୍ୟ ରହିଛି । ବର୍ଲିଂଟନ୍‌ରେ ପ୍ରାୟ ୬୦ କିଲୋମିଟର ରାସ୍ତା ଜାଲ ପରି ବିଛାଇ ହୋଇ ରହିଥିବା ଜଣାଯାଏ ।

# ଫାଲାଫେଲ୍

ଫାଲାଫେଲ୍ ରେସିପି ଗୋଟେ ଭିନ୍ନ ଧରଣର ସ୍ୱାଦିଷ୍ଠ ଖାଦ୍ୟ । ପୂର୍ବ ମଧ୍ୟ ଏସିଆ, ୟୁରୋପ ଏବଂ ଇଜିପ୍ଟ ପରି ଦେଶମାନଙ୍କରେ ଏହା ଅତି ସାଧାରଣ ଖାଦ୍ୟ । ସହଜ ଉପାୟରେ ଏଭଳି ଭାବରେ ଫାଲାଫେଲ୍ ପ୍ରସ୍ତୁତ କରନ୍ତୁ ।



**ସାମଗ୍ରୀ:**

-କାବୁଲିବୁଟ:୧ କପ୍
-କଟା ପିଆଜ: ୧ଟା
-ରସୁଣ: ୨/୩ କୋଳା
-ଲଙ୍କାଗୁଣ୍ଡ: ୧ ଚାମଚ
-ଲେମ୍ବୁରସ କିମ୍ବା ଭିନେଗାର୍: ଅଧାଚାମଚ
-ମଇଦା: ୨ ଚାମଚ
-ଧନିଆ ପତ୍ର: ୫/୬ ଡେମ୍ଫ
-କଞ୍ଚାଲଙ୍କା: ୨-୩ଟା
-ସୋଡ଼ା: ଟିକେ (ନ ପକାଇଲେ ବି ହେବ)
-ଲୁଣ: ସ୍ୱାଦ ଅନୁସାରେ
-ପ୍ରୟୋଜନ ଅନୁଯାୟୀ ତେଲ

**ପ୍ରଣାଳୀ:**

ପ୍ରଥମେ କାବୁଲିବୁଟକୁ ଗୋଟେ ରାତି ଆଗରୁ କିମ୍ବା ଚାରି ପାଞ୍ଚଘଣ୍ଟା ପୂର୍ବରୁ ବତୁରେଇ ଦିଅନ୍ତୁ । ବତୁରି ଗଲାପରେ ତାକୁ ଧୋଇଦେଇ ଗୋଟିଏ ପାତ୍ରକୁ କାଢ଼ି ଦିଅନ୍ତୁ । ସେଥିରେ ପିଆଜ, ଲଙ୍କାଗୁଣ୍ଡ, କଞ୍ଚାଲଙ୍କା, ରସୁଣ, ଧନିଆ ପତ୍ର ପକେଇ ପାଇ ନ ଦେଇ ବାଟି ଦିଅନ୍ତୁ । ବେଶି ଚିକ୍କଣ ବାଟିବେ ନାହିଁ, ଖଦଡ଼ ରଖି ବାଟନ୍ତୁ । ସେହି ବଟାରେ ମଇଦା, ସୋଡ଼ା, ଲେମ୍ବୁରସ ପକାଇ ଭଲ ଭାବରେ ମିଶାଇ ଦିଅନ୍ତୁ । ତା' ପରେ ସେହି କାବୁଲିବୁଟ ମିଶ୍ରଣକୁ ଛୋଟ ଛୋଟ ବଲ୍ ଆକାରରେ ଗୋଲ୍ ଗୋଲ୍ କରନ୍ତୁ । ଗ୍ୟାସ୍‌ରେ କଡ଼େଇ ବସାଇ ତେଲ ଗରମ ହୋଇଗଲା ପରେ ସେଗୁଡ଼ିକ ପକାନ୍ତୁ । ୪-୫ ମିନିଟ୍ ପର୍ଯ୍ୟନ୍ତ ଧିମା ଆଞ୍ଚରେ ଏପଟ ସେପଟ ଲେଉଟାଇ ଲାଲ୍ ରଙ୍ଗ ହୋଇଗଲା ପରେ ଗୋଟିଏ ପ୍ଲେଟ୍‌ରେ କାଢ଼ି ରଖନ୍ତୁ । କଟା ପିଆଜ ସହ ଗରମ ଗରମ ନିଜେ ଖାଇବା ସହିତ ଅନ୍ୟମାନଙ୍କୁ ଖୁଆନ୍ତୁ ।

# ଷ୍ଟିମ୍ ଇଞ୍ଜିନ୍ ରେଳ ସେବା ଆରମ୍ଭ

ଇଂଲଣ୍ଡର ଷ୍ଟକ୍‌ଟନ୍ ଆଣ୍ଡ୍ ଡାର୍ଲିଙ୍ଗ୍‌ଟନ୍ କମ୍ପାନି ବିଶ୍ୱର ସର୍ବପ୍ରଥମ ଷ୍ଟିମ୍ ଇଞ୍ଜିନ୍ ଚାଳିତ ରେଳ ସେବା ଆରମ୍ଭ କରିଥିଲା । ୧୮୨୩ ରେ ପ୍ରତିଷ୍ଠିତ ଷ୍ଟିମ୍ ଇଂଜିନ୍ ନିର୍ମାଣକାରୀ ସଂସ୍ଥା 'ରବର୍ଟ ଷ୍ଟିଫେନସନ୍ ଆଣ୍ଡ୍ କମ୍ପାନି' ଠାରୁ ଷ୍ଟକ୍‌ଟନ୍ ଆଣ୍ଡ୍ ଡାର୍ଲିଙ୍ଗ୍ ଟନ୍ ରେଲ୍‌ୱେ କମ୍ପାନି ୫୫୦ ପାଉଣ୍ଡ୍ ବିନିମୟରେ ଦୁଇଟି ଇଂଜିନ୍ କିଣିଥିଲା । ୧୮୨୫ ମସିହା ସେପ୍ଟେମ୍ବର ୨୭ ତାରିଖରେ 'ଲକୋମୋସନ୍ ନମ୍ବର ୧' ନାମକ ଏହି ଟ୍ରେନ୍ ଇଞ୍ଜିନ୍‌ଟି ପ୍ରଥମ ଥର ପାଇଁ ଜନସାଧାରଣଙ୍କୁ ଯାତାୟାତର ସୁବିଧା ପ୍ରଦାନ କରିଥିଲା । ଏହା ପୂର୍ବରୁ ଟ୍ରେନ୍ ଦ୍ୱାରା କେବଳ ଜିନିଷପତ୍ର ପରିବହନ କରାଯାଉଥିଲା । ଯଦିଓ ଏହା ପୂର୍ବରୁ ଘୋଡ଼ା ଚାଳିତ ରେଳ ସେବା ଯୋଗାଇ ଦିଆଯାଉଥିଲା, ସଂପୂର୍ଣ୍ଣ ଶକ୍ତି ବଳରେ ଲୋକଙ୍କୁ ପରିବହନ ସେବା ପ୍ରଦାନ କରିବାରେ ଏହି ରେଳ ଇଞ୍ଜିନ୍ ଥିଲା ପ୍ରଥମ । ଏହାର ସର୍ବାଧିକ ବେଗ ଥିଲା ୩୫ କି.ମି ପ୍ରତି ଘଣ୍ଟା । ପ୍ରାୟ ତିନି ଦଶନ୍ଧି ଧରି ଏହି ଟ୍ରେନ୍ ଜନସାଧାରଣଙ୍କୁ ପରିବହନ ସେବା ଯୋଗାଇଥିଲା । ୧୮୫୭ ବେଳକୁ ଅନ୍ୟାନ୍ୟ ଉନ୍ନତି ଇଞ୍ଜିନ୍ ବାହାରି ଯାଇଥିବାରୁ ଏହାକୁ ବନ୍ଦ କରିଦିଆଯାଇଥିଲା ।





# ବିମାନରେ ତୀବ୍ର ହୋଇଥାଏ ସଂକ୍ରମଣ

ବିମାନରେ କରୋନା ସଂକ୍ରମଣକୁ ନେଇ ଦୁଇଟି ଅଧ୍ୟୟନ କରାଯାଇଛି, ଯେଉଁଥିରୁ ଆଶ୍ଚର୍ଯ୍ୟ କରିଦେଲା ଭଳି କଥା ଜାଣିବାକୁ ମିଳିଛି । ନିକଟରେ ପ୍ରକାଶିତ ଏହି ଅଧ୍ୟୟନରୁ ଲଣ୍ଡନରୁ ଭିଏତ୍‌ନାମ ଯିବାକୁ ଥିବା ବିମାନରେ ଜଣେ ସଂକ୍ରମିତ ମହିଳାଙ୍କ ଯୋଗୁ ୧୫ ଜଣ ଲୋକ ସଂକ୍ରମିତ ହୋଇଥିଲେ ବୋଲି ଜଣାପଡ଼ିଛି । ରିପୋର୍ଟରୁ ପ୍ରକାଶ, ଗଳାରେ କଷ୍ଟ ଅନୁଭବ କରିବା ଏବଂ କଫରେ ପୀଡ଼ିତ ଜଣେ ମହିଳା ବିମାନରେ ନିଜ ଘର ଭିଏତ୍‌ନାମକୁ ଯାଉଥିଲେ । ୧୦ ଘଣ୍ଟା ପରେ ଯେତେବେଳେ ଏହି ବିମାନ ଅବତରଣ କଲା ସେତେବେଳେ ଅନ୍ୟ ୧୫ ଜଣ ସଂକ୍ରମିତ ହୋଇସାରିଥିଲେ । ଭିଏତ୍‌ନାମର ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହାଇଜିନ୍‌ର ଗବେଷକମାନେ ଏହି ଅଧ୍ୟୟନ କରି କହିଛନ୍ତି । ଗବେଷକମାନେ କୁହନ୍ତି, ବହୁଦୂର ବିମାନ ଯାତ୍ରାରେ କରୋନା ଭୂତାଣୁ ସଂକ୍ରମଣ ଆଶଙ୍କା ଅଧିକ ରହିଥାଏ । ଜଣଙ୍କଠାରୁ ଅନ୍ୟମାନଙ୍କୁ ଖୁବ୍ ତୀବ୍ର ବେଗରେ ଏହା ସଂକ୍ରମିତ କରିଥାଏ । ଦୂରରେ ବସିଲେ ମଧ୍ୟ ବିମାନରେ କରୋନା ସଂକ୍ରମଣ କମିବ ନାହିଁ । ଅଧ୍ୟୟନରେ କୁହାଯାଇଛି, କରୋନା ରୋକିବା ପାଇଁ ବିମାନଯାତ୍ରୀମାନଙ୍କ ସ୍କ୍ରିନିଂ ଏବଂ ସ୍ୱାସ୍ଥ୍ୟବସ୍ଥା ଯାଞ୍ଚ କରାଯିବା ଜରୁରୀ । ଆଉ ଏକ ଘଟଣା ହେଉଛି ହଂକଂର । ଏଠାରେ ଏକ ଦମ୍ପତି ବିମାନରେ ଯାତ୍ରା କରିଥିଲେ । ସେହି ବିମାନରେ ଦୁଇ କର୍ମଚାରୀ କରୋନା ସଂକ୍ରମିତ ହୋଇଥିଲେ । ସେତେବେଳେ ମାସ୍କ ବ୍ୟବହାର ବାଧ୍ୟତାମୂଳକ ନଥିଲା । ତେଣୁ ଏହି ୪ ଜଣ କରୋନା ସଂକ୍ରମିତ ହୋଇଥିଲେ । ପରୀକ୍ଷାରୁ ଜଣାପଡ଼ିଥିଲା ସମସ୍ତଙ୍କର ସମାନ ରିପୋର୍ଟ ଆସିଛି । ତେଣୁ ବିମାନ ଯାତ୍ରା ସମୟରେ କରୋନା ସଂକ୍ରମଣ ଅଧିକ ବୋଲି ଗବେଷକମାନେ ପରୀକ୍ଷା କରି କହିଛନ୍ତି ।



# କୁକୁର ପର୍ବ

ବିଶ୍ୱରେ ଏମିତି ଏକ ଦେଶ ଅଛି ଯେଉଁଠାରେ ଦୀପାବଳିର ଗୋଟ ଦିନ ପୂର୍ବରୁ କୁକୁରଙ୍କୁ ପୂଜାର୍ଚ୍ଚନା କରାଯାଇଥାଏ । ଏହି ଦେଶଟି ହେଲା ଭାରତର ପଡ଼ୋଶୀ ଦେଶ ନେପାଳୀ । ଏଠାରେ ଦୀପାବଳିର ଗୋଟିଏ ଦିନ ପୂର୍ବରୁ ଏପରି ଏକ ନିଆରା ପୂଜାର୍ଚ୍ଚନା କରାଯାଏ । ଏହାକୁ 'କୁକୁର ତିହାର' ବା କୁକୁର ପର୍ବ ବୋଲି କୁହାଯାଇଥାଏ । ଏହି ପର୍ବରେ କୁକୁରଙ୍କୁ ପୂଜା କରାଯାଇଥାଏ । ନେପାଳରେ ପାଳିତ ହେଉଥିବା କୁକୁର ପର୍ବକୁ ଲୋକମାନେ ବେଶ୍ ଧୁମ୍‌ଧାମରେ ପାଳନ କରିଥାନ୍ତି । ଏହି ଉତ୍ସବରେ ନେପାଳର ସମସ୍ତ କୁକୁରଙ୍କୁ ପୂଜା କରାଯାଇଥାଏ । ସେ ବୁଲା କୁକୁର ହୁଅନ୍ତୁ କି ପୋଷା କୁକୁର ଅବା ବିଭିନ୍ନ ତାଲିମ୍‌ରେ ସାମିଲ୍ ଥିବା କୁକୁର । କୁକୁର ପର୍ବରେ ଘରଗୁଡ଼ିକୁ ରଙ୍ଗୀନ ଆଲୋକରେ ସଜାଯିବା ସହିତ ମିଷ୍ଟାନ୍ନ ଦିଆନିଆ ହୋଇଥାଏ । କୁକୁର ବ୍ୟତୀତ ନେପାଳରେ ଅନ୍ୟ ପଶୁଙ୍କୁ ଦୀପାବଳି ପୂର୍ବରୁ ପୂଜା କରାଯାଉଥିଲେ ମଧ୍ୟ କୁକୁରଙ୍କୁ ଅଧିକ ପ୍ରାଧାନ୍ୟ ଦିଆଯାଇଥାଏ । ତାଙ୍କରି ନାମରେ ଏହି ପର୍ବ ନାମିତ ହୋଇଛି । ନେପାଳରେ ଦୀପାବଳିକୁ ମଧ୍ୟ ବେଶ ଧୁମ୍‌ଧାମ୍‌ରେ ପାଳନ କରାଯାଇଥାଏ । ତେବେ ଦୀପାବଳି ପୂର୍ବରୁ କାଉ ଏବଂ କୁକୁର ପୂଜା କରାଯାଇଥାଏ । ଗାଈ, ବଳଦଙ୍କୁ ମଧ୍ୟ ପୂଜା କରାଯାଇଥାଏ । ଦୀପାବଳିର ଦୁଇଦିନ ପୂର୍ବରୁ ନେପାଳର ଲୋକମାନେ କାଉ ପୂଜା କରିଥାନ୍ତି । ଏହି ପୂଜାରେ ଲୋକମାନେ ସକାଳୁ ସକାଳୁ ଉଠି ବିଭିନ୍ନ ପ୍ରକାର ଖାଦ୍ୟ ତିଆରି କରି କାଉମାନଙ୍କୁ ଖାଇବାକୁ ଦେଇଥାନ୍ତି । କାଉ ପୂଜାର ଗୋଟେ ଦିନ ପରେ ଅର୍ଥାତ୍ ଦୀପାବଳିର ଗୋଟେ ଦିନ ପୂର୍ବରୁ କୁକୁରଙ୍କୁ ପୂଜା କରାଯାଇଥାଏ । ଶ୍ରଦ୍ଧାଳୁମାନେ ପୋଷା କୁକୁର ଏବଂ ବୁଲା କୁକୁରଙ୍କୁ ଫୁଲ, ଚନ୍ଦନ, ସିନ୍ଦୁର ଆଦଦି ଲଗାଇ ପୂଜାର୍ଚ୍ଚନା କରିଥାନ୍ତି । ଭଳିକି ଭଳି ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତ କରାଯାଇ କୁକୁରଙ୍କୁ ଖାଇବାକୁ ଦିଆଯାଏ । ନେପାଳରେ ଏପରି କାଉ ଏବଂ କୁକୁରଙ୍କୁ ପୂଜା କରିବା ପଛରେ କିଛି ଧାର୍ମିକ କାରଣ ରହିଥିବା କୁହାଯାଏ । ଏଠାକାର ଲୋକମାନଙ୍କ ବିଶ୍ୱାସ ଯେ, କୁକୁର ହେଉଛି ଯମରାଜାଙ୍କର ଦୂତ । ତେଣୁ କୁକୁରଙ୍କୁ ପୂଜା କଲେ ଯମରାଜ ଖୁସି ହୋଇ ବର ପ୍ରଦାନ କରିଥାନ୍ତି । ଏହି କାରଣ ପାଇଁ ପେପାଳରେ କୁକୁରମାନଙ୍କୁ ପୂଜା କରାଯାଇଥାଏ । କୁକୁରଙ୍କୁ କେବଳ ଯମଦୂତ ନୁହେଁ ଭୈରବ ଠାକୁରଙ୍କ ପ୍ରତୀକ ବୋଲି ମଧ୍ୟ ନେପାଳୀମାନଙ୍କ ବିଶ୍ୱାସ ରହିଛି । କୁକୁର ପୂଜା କଲେ ଭୈବନ ଠାକୁର ସମସ୍ତ ପ୍ରକାର ଦୁଃଖ କଷ୍ଟରୁ ଉଦ୍ଧାର କରିଥାନ୍ତି ବୋଲି ବିଶ୍ୱାସ କରାଯାଏ । ଏହି ପରମ୍ପରାକୁ ସମ୍ମାନ ଜଣାଇ ସେଠାକାର ପୋଲିସ ବିଭାଗରେ ନିଯୁକ୍ତ କୁକୁରଙ୍କୁ ମଧ୍ୟ ପୋଲିସ୍ ପ୍ରଶାସନ ତରଫରୁ ପୂଜା କରାଯାଇଥାଏ । ନେପାଳ ସୀମାକୁ ଲାଗି ରହିଥିବା ଭାରତର କିଛି ଗାଁ ମାନଙ୍କରେ ମଧ୍ୟ ଏହି ପରମ୍ପରା ରହିଛି । କୁକୁର ଏବଂ ମଣିଷ ଭିତରେ ରହି ଆସିଥିବା ସଂପର୍କରେ ପ୍ରତୀକ ଏହି କୁକୁର ତିହାର୍ ନେପାଳର ଏକ ବଡ଼ ପର୍ବ ଭାବରେ ମାନ୍ୟତା ପାଇଛି । ନେପାଳର ଏହି ପର୍ବକୁ ବାଦ୍‌ଦେଲେ କୁକୁରକୁ ସ୍ନେହ ସମ୍ମାନ ଦେବା ପାଇଁ ଏକ ଦିବସ ମଧ୍ୟ ରହିଛି । ପ୍ରତିବର୍ଷ ଅଗଷ୍ଟ ମାସ ଛବିଶ ତାରିଖରେ ପାଳିତ ହୋଇଥାଏ ଏହି ଅନ୍ତର୍ଜାତୀୟ କୁକୁର ଦିବସ । କେତେକ ଦେଶରେ ଏହି ଦିବସକୁ ଜାତୀୟ କୁକୁର ପ୍ରଶଂସା ଦିବସ ମଧ୍ୟ କୁହାଯାଇଥାଏ । ଏହି ଦିବସର ଉଦ୍ଦେଶ୍ୟ ହେଉଛି ଅସହାୟ କୁକୁରକୁ ସାହାଯ୍ୟ କରିବା ଏବଂ ସେମାନଙ୍କୁ ଏକ ସୁରକ୍ଷିତ ପରିବେଶ ଯୋଗାଇଦେବା । ୨୦୦୪ ମସିହାରେ ପଶୁକଲ୍ୟାଣ ପାଇଁ କାମ କରୁଥିବା ଆଡ୍‌ଭୋକେଟ୍ କଲିନ୍ ପେଜ୍ ଅଗଷ୍ଟ ୨୬ ରେ ଆମେରିକାରେ ଜାତୀୟ କୁକୁର ଦିବସ ଆରମ୍ଭ କରିଥିବା କୁହାଯାଏ ।





ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୩୦ ସେପ୍ଟେମ୍ବର ୨୦୨୦, ବୁଧବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଛକାପଞ୍ଝା ଖେଳ...

ପଡ଼ୋଶୀ ଦେଶ ହୋଇ ଭଗାରୀ ସାଜିଛନ୍ତି ଚୀନ ଓ ପାକିସ୍ତାନ । ଗୋଟିଏ ପଟେ ପାକିସ୍ତାନ ଏମିତି କୌଣସି ଦିନ ନାହିଁ, ଯେଉଁଦିନ ଆତଙ୍କୀ ଅନୁପ୍ରବେଶ କରୁନାହିଁ । ହୋଇପାରେ ଆତଙ୍କୀମାନେ କୌଣସି ନା କୌଣସି ସଂଗଠନର, ହେଲେ ସେମାନଙ୍କୁ ଅର୍ଥ ଓ ଅସ୍ତ୍ର ଦେଇ ଆମ ଦେଶର ଇଲାକାରେ ଅନୁପ୍ରବେଶ କରାଉଛି । କେବଳ ସେତିକି ନୁହେଁ, ଜାମ୍ମୁ-କାଶ୍ମୀର ଭଳି ସମ୍ବେଦନଶୀଳ କ୍ଷେତ୍ରକୁ ଆପଣା ଭୌଗଳିକ କ୍ଷେତ୍ର ଭାବେ ଚିତ୍ରିକ କରି ବିଶ୍ୱ ଜନମତକୁ ବିଭ୍ରାନ୍ତ କରିବାକୁ ଅପଚେଷ୍ଟା କରୁଛି ପାକ୍ ସରକାର । ଓଷଦ ବାଉଳାରେ ତାଟିଆ କାମୁଡ଼ିବା ନ୍ୟାୟରେ ଘଡ଼ି ଘଡ଼ିକେ ଭାରତ-ବିରୋଧୀ ଅପପ୍ରଚାର ବାଣ ମାରି ପାକିସ୍ତାନ କେମିତି ଲୋକହସା ହେଉଛି, ତାହା ବିଶ୍ୱବାସୀ ଦେଖିଛନ୍ତି । ତାହା ସତ୍ତ୍ୱେ ଚୀନ ଭଳି ପାରମ୍ପରିକ ମିତ୍ରର ଶକ୍ତି ବଳରେ ଭାରତ-ବିରୋଧ ଉସ୍‌କାଣିରୁ ପାକିସ୍ତାନ ବିରତି ନହେବା ସମସ୍ତଙ୍କୁ ଚକିତ କରିଛି । ଏମିତି ଦିନଟିଏ ଯାଉନାହିଁ, ଆତଙ୍କୀମାନଙ୍କୁ ସାବାଡ଼ କରିବା ଲାଗି ୩୭୦ ଧାରା ଉଚ୍ଛେଦ କରାଯିବା ଭଳି ପଦକ୍ଷେପ ନେଇ ପାକ୍ ପ୍ରଶାସନ ଛାନିଆ ହୋଇପଡ଼ିଛି । କାଶ୍ମୀର ପ୍ରସଙ୍ଗକୁ କେମିତି ହେଲେ ଜୀବନ୍ତ ରଖି ଭାରତ ବିରୋଧରେ ବିଷ ବାନ୍ତି କରିବା ପାକିସ୍ତାନର ଖୋ ହୋଇ ସାରିଲାଣି । ଏକାଧିକବାର ଭାରତ ସହ ସମ୍ମୁଖ ଯୁଦ୍ଧ କରି ପରାଭୂତ ହୋଇ ସୁଦ୍ଧା ପାକିସ୍ତାନ ସେଥିରୁ କିଛି ଶିକ୍ଷା ଲାଭ କରିନାହିଁ । ଚୀନ୍ ସହ ଆମ ଦେଶର ସମ୍ପର୍କ ତିକ୍ତ ହୋଇଥିବାର ଦେଖି ଇମ୍ରାନ୍ ପ୍ରଶାସନ ପୂର୍ବରୁ ବଦଭ୍ୟାସର ଝଲକ ଦେଖାଉଛି । ଲେହ ଓ ଲଦାଖ ସୀମାନ୍ତରେ ମାସ ମାସ ଧରି ଉତ୍ତେଜନା ଲାଗି ରହିଛି । ଗଲଓ୍ୱାନ ଉପତ୍ୟକା ଓ ପେଙ୍ଗଙ୍ଗ ହ୍ରଦକୁ ଲାଗି କରି ଇଲାକାରେ ଚୀନ କିଛିକାଳ ଧରି ଦାଦାଗିରି ଦେଖାଇ ଚାଲିଛି । କେତେବେଳେ ଭାରତୀୟ ସୈନ୍ୟଙ୍କ ସହ ବାହୁଯୁଦ୍ଧ ତ' ଆଉ କେତେବେଳେ ଫାଙ୍କା ଗୁଳି ଚାଳନା କରି ସୀମାନ୍ତ ସ୍ଥିତିକୁ କଞ୍ଚା କରି ରଖିଛି ଚୀନ । ପିପୁଲ୍‌ସ ଲିବରେସନ ଆର୍ମି ପକ୍ଷରୁ ଭାରତୀୟ ଜାଗ୍ରତ ପ୍ରହରୀମାନଙ୍କ ଉପରେ ହମ୍‌ଲା କରାଯିବା ଭିତରେ ଆମ ଯବାନମାନେ ମଧ୍ୟ ଚୀନ୍‌କୁ ଶକ୍ତ ଜବାବ ଦେବାକୁ ଭୁଲିନାହାଁନ୍ତି । ତାହାରି ଭିତରେ ସାମରିକ ଅଧିକାରୀ ସ୍ତରରେ ଭାରତ ଓ ଚୀନ ବୈଠକ କରିଛନ୍ତି । ଅଧିକୃତ ଇଲାକାରୁ ପଛକୁ ହଟିବା ସକାଶେ ମଧ୍ୟ ସ୍ଥିର ହୋଇଛି । ହେଲେ ଚୀନ କଥାରେ ଗୋଟେ, କାମରେ ଆଉ ଗୋଟେ କରି ଦେଖାଉଛି । ସୀମାନ୍ତ ଆରପଟେ ବିପୁଳ ସେନା ସମାବେଶ କରାଯାଉଥିବାର ସୂଚନା ଭିତରେ ଭାରତ ଚାହୁଁଛି, ଜଳ-ସ୍ଥଳ-ଆକାଶ ଭାଗରେ କେମିତି ଶତ୍ରୁପକ୍ଷକୁ ଘେରିହେବ । ବିଦେଶରୁ ଅଣାଯାଇଥିବା ରାଫେଲର ମୁତୟନ ଆମ ଦେଶର ସାମରିକ ଇତିହାସରେ ନୂଆ ଫର୍ଦ୍ଦ ଯୋଡ଼ିଦେଇଛି । ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି)ରେ ଋଷନିର୍ମିତ ଟି- ୯୦ ଓ ଟି-୭୨ ଟ୍ୟାଙ୍କ ମୁତୟନ ହୋଇସାରିଛି । ତାହା ବାଦ୍ ଲକ୍ଷାଧିକ ଯବାନଙ୍କୁ ମୁତୟନ କରାଯିବା ସୂଚିତ କରୁଛି କି ଭାରତ ଯେକୌଣସି ସ୍ଥିତିର ମୁକାବିଲା କରିବା ସକାଶେ ପ୍ରସ୍ତୁତ ରହିଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ବରଫାବୃତ ହିମାଳୟ କ୍ଷେତ୍ରରେ ପ୍ରବଳ ଜାଡ଼ । ହିମାଙ୍କଠାରୁ ବିୟୁକ୍ତ ୪୦ ଡିଗ୍ରୀରେ ସୈନିକମାନେ କଠିଣ ତଥା ପ୍ରତିକୂଳ ଅବସ୍ଥାରେ ରହି ଯେଭଳି ପ୍ରତିପକ୍ଷର ମୁକାବିଲା କରିବାରେ ସକ୍ଷମ ହେବେ, ସେଥିପାଇଁ ସବୁପ୍ରକାର ପ୍ରସ୍ତୁତି ପ୍ରାୟ ସରିଛି । ଖାଦ୍ୟ, ବସ୍ତ୍ର ଇତ୍ୟାଦିଠାରୁ ଆରମ୍ଭ କରି ସବୁ କିଛି ମହଜୁଦ ରଖାଯାଇ ସାରିଲାଣି । ସବୁ ଦିଗରୁ ଦେଖାଗଲେ ଭୂତାଣୁ ସଂକ୍ରମଣଠାରୁ ଆରମ୍ଭ କରି ପ୍ରତି କ୍ଷେତ୍ରରେ ଏକଘରିକିଆ ହୋଇସାରିଲାଣି । ବିସ୍ତାରବାଦୀ ପ୍ରକୃତି ଛାଡ଼ିନଥିବା ଚୀନ ଦକ୍ଷିଣ ଚୀନ ସାଗରରେ ତାହାର କାର୍ଯ୍ୟକଳାପ ପାଇଁ ଆମେରିକାର ଖରାପ ନଜରରେ ପଡ଼ିସାରିଲାଣି । ଏପରେ ଅରୁଣାଚଳ ପ୍ରଦେଶକୁ ଦକ୍ଷିଣ ତିବ୍ବତ ଭାବେ ଅଭିହିତ କରୁଥିବା ଚୀନ ପ୍ରତି କୌଣସି ଭାରତୀୟଙ୍କ ସହାନୁଭୂତି ପାଇପାରୁନାହାଁନ୍ତି । ଉଭୟ ଚୀନ ଓ ପାକିସ୍ତାନ ଭାରତର ପ୍ରଭାବ ବୃଦ୍ଧିରେ ଅତିଷ୍ଠ ହୋଇ ଯେଉଁ ଆଚରଣ କରିଚାଲିଛନ୍ତି ଏବଂ ଉସ୍‌କାଣିମୂଳକ କାର୍ଯ୍ୟ କରିଚାଲିଛନ୍ତି, ତାହାର ଶକ୍ତ ଜବାବ ଦେବାକୁ ଭାରତ ପ୍ରସ୍ତୁତ ରହିଛି । ପ୍ରଧାନମନ୍ତ୍ରୀ ଏହା ମଧ୍ୟରେ ମିଳିତ ଜାତିସଂଘ ଭଳି ବିଶ୍ୱ ଫୋରମର କଥିତ ନିଷ୍କ୍ରିୟତା ନେଇ ଘୋର ଚିନ୍ତା ପ୍ରକଟ କରିବା ସ୍ୱାଭାବିକ୍ । ଏଭଳି ଯୁଦ୍ଧ ସ୍ଥିତି ଲାଗି ରହିଲେ କରୋନା ସଂକ୍ରମଣ ପୃଷ୍ଠଭୂମିରେ ଆଗକୁ କିଭଳି ସମୟ ରହିଛି, ଦେଖିବାର କଥା ।

## କବିତା କୋଣାର୍କ

### ଭଙ୍ଗା ହୃଦୟ...

ରାମ ଚନ୍ଦ୍ର ପ୍ରଧାନ

ହୃଦୟକୁ ଭାଙ୍ଗି କାହିଁ ଚାଲିଗଲୁ
ପ୍ରିୟାଲୋ ତୁ ବହୁ ଦୂରେ
ତୋ ପ୍ରେମର ମିଠା ଜହର ପିଆଇ
ଧୋକାଦେଲୁ ମୋ ସାଥିରେ...

ମୋ ଭଙ୍ଗା ହୃଦୟ ତୋ ପାଇଁ କାନ୍ଦୁଛି
ଆଖିରୁ ଝରାଇ ଲୁହ
ତୋ ମିଛ ସମ୍ପର୍କ କୁହୁଳା ନିଆଁରେ
ଜଳୁଛି ମୁଁ ଅହରହ...

ଭଙ୍ଗା ହୃଦୟକୁ ବୋହି ମୁଁ ଚାଲିଛି
ଯନ୍ତ୍ରଣାକୁ ସହ୍ୟ କରି
ଦିନ ତ ମୋହର ସରେ ନାହିଁ ଜମା
ବହିଯାଏ ଅଶ୍ରୁ ଝରି...

କେମିତି ରହିବି ସତରେ ତୋ ବିନା
ମନଟା ଯାଇଛି ମରି
ହୃଦୟକୁ ମୋର ଭାଙ୍ଗିରୁଜି ଦେଲୁ
ଭଙ୍ଗା ଆଇନାଟେ ପରି...

ପ୍ରତିଛବି ତୋର ଦେଖୁଛି ମୁଁ ଆଜି
ଭଙ୍ଗା ଆଇନାକୁ ଧରି
ମୋତେ ଏକାକରି ଖୁସିରେ କି' ଅଛୁ
ଆଲୋ ମୋର ସୁନାପରୀ..

+ ସାନ୍ତରାପଲ୍ଲୀ, ଗଞ୍ଜାମ
ମୋ: ୯୮୬୧୬୩୮୭୩୬

---

ଅଲେଖ ଚନ୍ଦ୍ର ସାମଲ

# ସାରସ୍ୱତ ସାଧନା ଓ ରାଜନୀତିର ସଫଳ ସଙ୍ଗମ ମତଲୁବ୍ ଅଲ୍ଲୀ



ଓଏଫ୍‌ଏସ୍-୧(ଏସବି)

ଓଡ଼ିଶାର ବିଶିଷ୍ଟ ରାଜନେତା, ସାହିତ୍ୟ ସାଧକ ଶେଖ୍ ମତଲୁବ୍ ଅଲ୍ଲୀ ଆଉ ନାହାଁନ୍ତି। ରାଜନୀତି, ସାହିତ୍ୟ, ସମାଜସେବା ଓ ଅଭିନୟର ସଙ୍ଗମ ଘଟିଥିଲା ଶେଖ ମତଲୁବ ଅଲ୍ଲୀଙ୍କ କ୍ଷେତ୍ରରେ। ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ସେ ଏହି ସବୁ ସହ ଜଡ଼ିତ ହୋଇ ରହିଥିଲେ। ମାହାଙ୍ଗାର ଭଗବତୀ ବିଦ୍ୟାପୀଠରେ ନାଟକରେ ଅଭିନୟ କରିବା ସହ ତର୍କ ପ୍ରତିଯୋଗିତାର ଭାଗ ନେଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଛାତ୍ର ମତଲୁବ୍ ଭଦ୍ରକ ମହାବିଦ୍ୟାଳୟର ନାଟ୍ୟ ସଂସଦର ସଂପାଦକ ହୋଇଥିଲେ। ରେଭେନ୍ସାରେ ଓଡ଼ିଆ ସାହିତ୍ୟ, ଅର୍ଥନୀତିରୁ ତାଙ୍କ ସ୍ନାତକୋତ୍ତର ଶିକ୍ଷା ଜୀବନ ଶେଷ ହୋଇଥିଲା। ୧୯୬୪ ମାହାଙ୍ଗା ବ୍ଲକ ଯୁବକଂଗ୍ରେସ ସଭାପତି ଦାୟିତ୍ୱରେ ଥିଲେ। ମାହାଙ୍ଗା ନିର୍ବାଚନ ମଣ୍ଡଳୀରୁ ସର୍ବାଧିକ ଷଷ୍ଠ, ଅଷ୍ଟମ, ନବମ ଓ ଏକାଦଶ ବିଧାନ ସଭାକୁ ଚାରି ଥର ନିର୍ବାଚିତ ହେବାର ସୌଭାଗ୍ୟ ତାଙ୍କୁ ମିଳିଥିଲା। ଜଣେ ସ୍ପଷ୍ଟବାଦୀ ରାଜନେତା ଭାବେ ସେ ବେଶ ଶୃଙ୍ଖଳିତ। ତାଙ୍କ ସୁଦୀର୍ଘ ରାଜନୈତିକ ଜୀବନରେ ଦଳ ବଦଳ କରିନଥିଲେ କି ସୁବିଧାବାଦୀ ରାଜନୀତିକୁ ବିଶ୍ୱାସ କରିନଥିଲେ। ରାଜନୀତି ଓ ଶାସନ ନୀତି ସମ୍ପର୍କରେ ସେ ସ୍ପଷ୍ଟ ଧାରଣାକୁ ସେ ଆହରଣ କରିଥିଲେ। ଜଣେ ତଥ୍ୟନିଷ୍ଠ ରାଜନେତା ଭାବେ ସେ ଦେଇଛନ୍ତି ନିଜର ପରିଚୟ। ସେ ବିଧାନ ସଭା ହେଉ କି ଜନସାଧାରଣଙ୍କ ସମାଗମ ଉପଯୁକ୍ତ ତଥ୍ୟର ଅବତାରଣ କରିବା ସହ ବିଭିନ୍ନ ପ୍ରସଙ୍ଗ ପାଇଁ ବାସ୍ତବ ଚିତ୍ର ସମ୍ପର୍କରେ ସ୍ପଷ୍ଟ କରୁଥିଲେ। ମନଭୁଲା କଥା କହି ଅନ୍ୟକୁ ନିଜ ଆଡ଼କୁ ଆକର୍ଷିତ କରିବାର ତାଙ୍କ ଜୀବନରେ କେବେ ଘଟିନାହିଁ। ଯାହା ହେଉଛି ତାଙ୍କ ବ୍ୟକ୍ତିତ୍ୱର ସ୍ୱତନ୍ତ୍ର ଓ ସବୁଠାରୁ ବଡ଼ ଦିଗ।

ଓଡ଼ିଶାବାସୀଙ୍କ ପାଖରେ ସେ ଜଣେ ରାଜନେତା ଭାବେ ଯେଉଁ ସେବା ପ୍ରଦାନ କରିଛନ୍ତି ତାହା ମଧ ଚିରସ୍ମରଣୀୟ। ଜଳସଂପଦ ବିଭାଗର ମନ୍ତ୍ରିତ୍ୱ ସମୟରେ ମଧ ଓଡ଼ିଶାରେ ଅନେକ ଉଲ୍ଲେଖନୀୟ କାର୍ଯ୍ୟ ସଂପାଦିତ ହୋଇଥିଲା। ଅପର କୋଲାବ ଜଳସେଚନ ଓ ବିଦ୍ୟୁତକରଣ ପ୍ରକଳ୍ପ ସଂପୂର୍ଣ୍ଣ, ଇନ୍ଦ୍ରାବତୀ ବହୁମୁଖୀ ଜଳସେଚନ ଓ ବିଦ୍ୟୁକରଣ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ଏବଂ ଇନ୍ଦ୍ରାବତୀ ନଦୀରେ ବିଶାଳ ଜଳ ଭଣ୍ଡାର ନିର୍ମାଣକୁ ତ୍ୱରାନ୍ୱିତ କରିବା, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ସହ ଜଡ଼ିତ ସମସ୍ୟା ସମାଧାନ ଓ ଏହି କାର୍ଯ୍ୟକୁ ତ୍ୱରାନ୍ୱିତ, ରେଙ୍ଗାଲୀ ଡ୍ୟାମର କେନାଲ ଖନନ କାର୍ଯ୍ୟ, ମହାନଦୀ ଓ ବିରୂପା ବ୍ୟାରେଜ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଥିଲା। କଣିହାଁ ଠାରେ ପ୍ରତିଷ୍ଠା ହେଲା ସୁପର ଥର୍ମାଲ ପାଓ୍ୱାର ସେଣ୍ଟର। ହୀରାକୁଦ ଠାରେ ନୂଆ ବିଦ୍ୟୁତ୍ ୟୁନିଟ ପ୍ରତିଷ୍ଠା ସହ ହୀରାକୁଦ ନଦୀ ବନ୍ଧରେ ସୃଷ୍ଟି ହୋଇଥିବା ଫାଟର ମରାମତି କାର୍ଯ୍ୟ ମଧ ତାଙ୍କ ମନ୍ତ୍ରିତ୍ୱ ସମୟରେ ସଂପାଦିତ ହୋଇଥିଲା। ବିରୂପା ଗେଙ୍ଗୁଟି ଦ୍ୱୀପାଞ୍ଚଳରେ ସ୍ଥାୟୀ ଜଳସେଚନ ବ୍ୟବସ୍ଥା କରିଥିଲେ। କାନପୁର, ବାଘନଟୀ, କାନ୍‌ଝରୀ ପରି ଅନେକ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରି କୃଷିର ଉନ୍ନତି ପାଇଁ ଯୋଗଦାନ ଦେଇଥିଲେ। ବିଦ୍ୟୁତ୍ ମନ୍ତ୍ରୀ ଭାବେ ଗ୍ରାମାଞ୍ଚଳରେ ବିଦ୍ୟୁତ୍‌କରଣକୁ ସେ ଅଗ୍ରାଧିକାର ଦେଇଥିଲେ। ଇବ୍ ଥର୍ମାଲ ପ୍ରକଳ୍ପ ପ୍ରତିଷ୍ଠା ମଧ ତାଙ୍କ ସମୟର ଅନ୍ୟ ଏକ ଉଲ୍ଲେଖଯୋଗ୍ୟ କାର୍ଯ୍ୟ। ତାଙ୍କର ସଫଳ ପଦକ୍ଷେପ ପାଇଁ ଓଡ଼ିଶାରେ ୧୫୦୦୦ରୁ ବେଶୀ ଉଠାଜଳ ସେଚନ ପ୍ରକଳ୍ପ ମଧ କାର୍ଯ୍ୟକାରୀ ହୋଇପାରିଥିଲା। ଶିକ୍ଷାମନ୍ତ୍ରୀ ଥିବାବେଳେ ବିଭନ୍ନ ମହାବିଦ୍ୟାଳୟକୁ ସରକାରୀ ଅନୁମତି ପ୍ରଦାନ କରାଯିବା ସହ ଅନେକ ପ୍ରାଥମିକ, ମଧ ଇଂରାଜୀ ଓ ହାଇସ୍କୁଲମାନ ପ୍ରତିଷ୍ଠା କରିଥିଲେ ସେ। ୧୯୮୯ ଓ ୧୯୯୯ ମସିହାରେ ଦୁଇ ଦୁଇ ଥର ଶିକ୍ଷାମନ୍ତ୍ରୀ ଭାବେ ଶେଖ ମତଲୁବ ଅଲ୍ଲୀଙ୍କ କାର୍ଯ୍ୟ ଥିଲା ପ୍ରଶଂସନୀୟ। ୧୯୯୫ମସିହାରେ ଗ୍ରାମ୍ୟ ଉନ୍ନୟନ କ୍ୟାବିନେଟ ମନ୍ତ୍ରୀ ଭାବେ ଗ୍ରାମୀଣ ଯୋଗାଯୋଗ, ଶୁଦ୍ଧ ପାନୀୟ, ଜଳ ବ୍ୟବସ୍ଥା, ବିଭିନ୍ନ ବିଦ୍ୟାଳୟରେ ପାନୀୟ ଜଳଯୋଗାଣର ବ୍ୟବସ୍ଥା କରିଥିଲେ।

ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ଦିବ୍ୟବାଣୀ ଥିଲା ମାନବୀୟ ମୂଲ୍ୟବୋଧ। ସର୍ବଧର୍ମ ସମନ୍ୱୟର ଜଣେ ଅନୁଚିନ୍ତକ ଥିଲେ ଶେଖ୍ ମତଲୁବ୍ ଅଲ୍ଲୀ। ଜଣେ ମୁସଲିମ ହୋଇ ମଧ ତାଙ୍କର ହିନ୍ଦୁ ଶାସ୍ତ୍ର ଉପରେ ଅଗାଧ ପାଣ୍ଡିତ୍ୟ ଥିଲା ଏବଂ ସେ ହିନ୍ଦୁ ଦେବାଳୟକୁ ମଧ ଯାଉଥିଲେ। ତାଙ୍କର ବିଶାଳ ପାଠାଗାରରେ ଅନେକ ଦୁଃଷ୍ପ୍ରାପ୍ୟ ପୁସ୍ତକ ରହିଛି। ସାରଗର୍ଭକ, ତଥ୍ୟଭିତ୍ତିକ ଓ ସରଳ କଥା ସେ କହୁଥିଲେ। ମାହାଙ୍ଗାରେ ଗଣକବି ବୈଷ୍ଣବ ପାଣିଙ୍କ ସ୍ମୃତି ହେଉ ବା ରାଜ୍ୟର ବରେଣ୍ୟ ସାରସ୍ୱତ ସାଧକଙ୍କ କାର୍ଯ୍ୟକ୍ରମ ନିଜେ ବ୍ୟକ୍ତିଗତ ଭାବେ ଅନେକ କାର୍ଯ୍ୟକ୍ରମ ଆୟୋଜନ କରୁଥିଲେ। ଏହି ଲେଖକ କିଛି ସଭା ସମିତିରେ ତାଙ୍କ ସହିତ କିଛି କଥାବାର୍ତ୍ତା ହେବାର ସୁଯୋଗ ପାଇଥିଲେ। ପ୍ରତିଟି ପ୍ରସଙ୍ଗ ଉପରେ ତାଙ୍କର ବିଚକ୍ଷଣ ଦକ୍ଷତା ଥିଲା। ଦଳମତ ନିର୍ବିଶେଷରେ ଯିଏ କେହି ବି ତାଙ୍କ ପାଖକୁ ଯାଉଥିଲେ ସେ ତାଙ୍କୁ ନିଶ୍ଚୟ ସାହାଯ୍ୟ କରୁଥିଲେ। ସ୍ପଷ୍ଟବାଦୀ ରାଜନେତା ଭାବେ ସେ ଯେପରି ପରିଚିତ ଜଣେ ସାହିତ୍ୟ ପ୍ରେମୀ ସରଳ ମଣିଷ ଭାବେ ଅଧିକ ପରିଚିତ। ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ଭଗବାନଙ୍କୁ ପ୍ରାର୍ଥନା କରୁଛୁ।

ପୂର୍ବତନ ଡିଏଫ୍‌ଓ (କେନ୍ଦୁଲିଫ୍)
ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର,
ଦୂରଭାଷ : ୯୪୩୭୨୫୭୧୨୩

---

ପ୍ରଦୀପ୍ତ ଆଚାର୍ଯ୍ୟ

# ବିଶ୍ୱ ହୃଦୟ ଦିବସ






ପ୍ରକୃତି ମନୁଷ୍ୟ ଶରୀରରେ ଏପରି ଏକ ଯନ୍ତ୍ର(ପାଣିପମ୍ପ) ଖଞ୍ଜି ଦେଇଛି, ଯାହା ଶିଶୁ, ମାତୃ ଗର୍ଭରେ ଥିବାବେଳୁ କାର୍ଯ୍ୟ ଆରମ୍ଭ କରି ଅନବରତ ଭାବେ ମୃତ୍ୟୁ ପର୍ଯ୍ୟନ୍ତ କାର୍ଯ୍ୟ କରିଥାଏ। ବୈଜ୍ଞାନିକ ମାନେ ଏପର୍ଯ୍ୟନ୍ତ, ବିନା ବିଶ୍ରାମରେ ଅଶିବର୍ଷ, ଶହେବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିପାରୁଥିବା ପରି ପାଣିପମ୍ପ ବାହାର କରିବାକୁ ସକ୍ଷମ ହୋଇପାରିନାହାନ୍ତି। ଆମ ଶରୀରର କେତେକ ଅଙ୍ଗ ପ୍ରତ୍ୟଙ୍ଗ ଆମ ଇଛା ଅନୁସାରେ ପରିଚାଳିତ ହେଉଥିବା ସ୍ଥଳେ ଆଉ କେତେକ ସ୍ୱୟଂକ୍ରିୟ। ଏହି ସ୍ୱୟଂକ୍ରିୟ ଅଙ୍ଗ ମଧ୍ୟରୁ ଆମ ଶରୀରରେ ହୃଦୟ ହେଉଛି ଏକ ଗୁରୁତ୍ୱପୂର୍ଣ ଅଙ୍ଗ, ଯାହା ଅକାମୀ ହୋଇଗଲେ, ମନୁଷ୍ୟ ମୃତ୍ୟୁ ମୁଖରେ ପଡେ। ତେଣୁ ଏହି ଗୁରୁତ୍ୱପୂର୍ଣ ଅଙ୍ଗକୁ ସୁସ୍ଥ ଏବଂ କାର୍ଯ୍ୟକ୍ଷମ ରଖିବା ନିମନ୍ତେ ଆମ୍ଭଙ୍କୁ କେତେକ ସତର୍କତା ଅବଲମ୍ବନ କରିବାକୁ ପଡିବ। ସର୍ବେକ୍ଷଣରୁ ପ୍ରାପ୍ତ ତଥ୍ୟ ଅନୁଯାୟୀ ବିଶ୍ୱରେ ବର୍ଷକୁ ସମୁଦାୟ ମୃତ୍ୟୁ ମଧ୍ୟରୁ ୩୧% ବା ୧୭.୯ ମିଲିୟନ ଲୋକ Cardiovascu-lar diseases (CVDs) ହୃଦଘାତ ଜନୀତ ମୃତ୍ୟୁ ମୁଖରେ ପଡୁଛନ୍ତି। ଲୋକମାନଙ୍କୁ ଏଦିଗରେ ସଚେତନ କରାଇବା ପାଇଁ World Health Organisation(WHO) ସହାୟତାରେ The World Heart Foundation ଦ୍ୱାରା, ୧୯୯୯ ମସିହା ଠାରୁ ପ୍ରତ୍ୟେକ ବର୍ଷ ସେପ୍ଟେମ୍ବର ମାସ ୨୯ ତାରିଖ ଦିନ WorldHeart Day ବା ବିଶ୍ୱ ହୃଦୟ ଦିବସ ପାଳିତ ହେଉଅଛି । ଏହି ଦିବସରେ ଅନେକ ବିଭାଗୀୟ ଅଭିଜ୍ଞ ଡାକ୍ତର,ତାଲିମ ପ୍ରାପ୍ତ ସ୍ୱେଚ୍ଛାସେବୀ, ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ,ବିଭିନ୍ନ ସ୍ଥାନରେ କ୍ୟାମ୍ପ କରି ପୋଷ୍ଟର, ଲିଫଲେଟ, ପଥପ୍ରାନ୍ତ ନାଟକ, ଟିଭି ରେଡିଓ ମାଧ୍ୟମରେ ବାର୍ତା ପ୍ରଚାର କରି, ଏ ରୋଗର କାରଣ ଓ ନିରାକରଣ ସମ୍ବନ୍ଧରେ ଲୋକମାନଙ୍କୁ ଅବଗତ ଓ ସଚେତନ କରାଇଥାନ୍ତି । ଏହିରୋଗ ସାଧାରଣତଃ ତମାଖୁସେବନ, ଧୁମପାନ, ମଦ୍ୟପାନ, ଅନିୟମିତ ଅସୁନ୍ତୁଳିତ ଖାଦ୍ୟାଭାସ ତଥା ପ୍ରଦୁଷିତ ବାୟୁ ସେବନ ଯୋଗୁ ଆକ୍ରାନ୍ତ କରିବାର ଯଥେଷ୍ଟ ସମ୍ଭାବନା ଥାଏ ।ଉପରୋକ୍ତ ଅଭ୍ୟାସ ଯୋଗୁ ଉଚ୍ଚ ରକ୍ତଚାପ,ଶରୀରରେ ଶର୍କରା ବୃଦ୍ଧି ବା ମଧୁମେହ, ମୋଟାପଣ ଇତ୍ୟାଦି ହୋଇଥାଏ, ଯାହାକି ହୃଦଘାତକୁ ସାଦର ନିମନ୍ତ୍ରଣ କରିଥାଏ । ଶାରିରୀକ ପରିଶ୍ରମ ବା ବ୍ୟାୟାମ କରୁନଥିବା ବ୍ୟକ୍ତି ମାନଙ୍କୁ ମଧ୍ୟ ଏହା ସହଜରେ ଆକ୍ରାନ୍ତ କରିଥାଏ । ପ୍ରତ୍ୟେକ ବର୍ଷ ଏହି ଦିବସକୁ ପାଳନ କରିବା ପାଇଁ ଏକ ବିଷୟ ବସ୍ତୁ ଚୟନ କରାଯାଏ । ୨୦୧୯ ର ବିଷୟ ବସ୍ତୁ ଥିଲା (Heart Heroes)ଏହି ବର୍ଷର ବିଷୟ ବସ୍ତୁ ହେଉଛି(Use Your Heart to beat CVD) ।ସାରା ବିଶ୍ୱରେ କୋଭିଡ-୧୯ ସଂକ୍ରମଣର ଭୟାବହତା ଦୃଷ୍ଟିରୁ, ଏ ବର୍ଷ ବିଶ୍ୱ ହୃଦୟ ଦିବସ ପାଳିତ ହେବାର ଯଥେଷ୍ଟ ଗୁରୁତ୍ୱ ରହିଅଛି । ନିଶା ସେବନ, ଅସନ୍ତୁଳିତ ଖାଦ୍ୟ ଗ୍ରହଣରୁ ଦୁରେଇ ରହି, ନିୟମିତ ଶାରିରୀକ ବ୍ୟାୟାମ କରି, ନିଜେ ଏ ଖର୍ଚ୍ଚବହୁଳ ରୋଗର ଚିକିତ୍ସା ଠାରୁ ଦୁରେଇ ରହିବା ସଙ୍ଗେ ସଙ୍ଗେ, ଅନ୍ୟ ପ୍ରିୟଜନ ତଥା ଅବଚେତନ ଜନସାଧାରଣଙ୍କୁ ସଚେତନ କରାଇବା ନିମନ୍ତେ, ଆମ୍ଭେ ସମସ୍ତେ ସଜାଗ ହେବାହିଁ ଆଜି ଦିବସର ତାତ୍ପର୍ଯ୍ୟ।

+ ଈଶାଣୀବ୍ରହ୍ମପୁର, କଟକ।
ମୋ-୬୩୭୧୫୯୩୨୨୦

---

ପଙ୍କଜ କୁମାର ପାଣିଗ୍ରାହୀ

# ନିର୍ଲଜ୍ଜର ଲଜ୍ଜା !

ନିର୍ଲଜ୍ଜ କାହୁଁ ବୁଝିବ ଲଜ୍ଜାର ସଜ୍ଞା ? ଶାରୀରିକ/ମାନସିକ ତୃଷ୍ଣା ମେଣ୍ଟାଇବାରେ ଲଜ୍ଜାର ମାନ ମଳିନ ପଡ଼ିଯାଏ ନିର୍ଲଜ୍ଜଠାରେ ! ନିର୍ଲଜ୍ଜ କେତେବେଳେ ଲୋକଙ୍କ ମନୋରନ କରିଥା'ନ୍ତି ତ ଆଉ କେତେବେଳେ ଲୋକଙ୍କ ଆଖିରୁ ଲୁହ ଝରାଇଥା'ନ୍ତି.......!! ଲଜ୍ଜା ସଭ୍ୟସମାଜର ଏକ ପ୍ରଥା । ଆଦିମ ମଣିଷ ସାମାଜିକ ସ୍ତରକୁ ଯିବା ପର୍ଯ୍ୟନ୍ତ ଲଜ୍ଜା କେବଳ ନିଜ ଶରୀରକୁ ଢାଙ୍କିବା ମଧରେ ସୀମିତ ଥିଲା । କିନ୍ତୁ ଭାଷାର ଉତ୍ପତ୍ତି ପରେ ମଣିଷ ସଭ୍ୟସମାଜ ସୃଷ୍ଟି କରିବାରେ ବିଭିନ୍ନ ଦାର୍ଶନିକ ଉପାଦାନ ମଧରେ ମାନବିକତାର ପରିଚୟ ଖୋଜି ନିଜକୁ ଅତିମାନବରେ ପରିଣତ କରିବାରେ ସମର୍ଥ ଆଜିର ଏହି ଉପସ୍ଥିତ ସଭ୍ୟସମାଜ ଯାହା ଆମେ ଦେଖୁଛେ । ସଭ୍ୟ ସମାଜରେ ଲଜ୍ଜାର ସଜ୍ଞା ଏତେ ବ୍ୟାପ୍ତଯେ ସେଗୁଡିକୁ ସାଧାରଣତଃ ସବୁମଣିଷ ବୁଝିନାହାଁନ୍ତି ଅଥବା ବୁଝି ମଧ ନବୁଝିବାର ଅଭିନୟ କରୁଛନ୍ତି ନିଜସ୍ୱ ସ୍ୱାର୍ଥ ପାଇଁ ବିସ୍ମୟଯୋଗ୍ୟ । ଆଜିର ସମୟରେ କେତେକ ମଣିଷ ଶିକ୍ଷାଗତ ଯୋଗ୍ୟତା ନଥିଲେ ମଧ ମାନବୀୟ ଚରିତ୍ର ତଥା ସାମାଜିକ ପ୍ରଥା ଏବଂ ରୀତିନୀତି ଗୁଡିକ ବିଷୟରେ ଅଭିଜ୍ଞ ଥିବା ଅସ୍ୱୀକାର କରିହେବ ନାହିଁ। ତଥାପି କେତେକ ମଣିଷ ଯଥେଷ୍ଟ ଶିକ୍ଷାଗତ ଯୋଗ୍ୟତା ଥାଇ ମଧ ନିଜ ଚରିତ୍ର ସଂହାର କରିବାକୁ ପଛାଇନଥା'ନ୍ତି କେବଳ କୌଣସି ସ୍ୱାର୍ଥ ଲକ୍ଷ୍ୟରେ ! କିନ୍ତୁ ସେହି ଶିକ୍ଷିତ ମଣିଷ ଗୁଡିକ ସବୁ ଜାଣିଶୁଣି ହୀନମନ୍ୟ ଦୁଃଶ୍ଚାରିତ୍ରିକ ନିର୍ଲଜ୍ଜ କାର୍ଯ୍ୟ ଗୁଡ଼ିଏ କରି ସାଧାରଣ ମଣିଷଙ୍କ ଆଂରିକ ଘୃଣାର ପାତ୍ର ହେଉଥିବା ବେଳେ ସେମାନଙ୍କୁ ବାହ୍ୟରେ କରାଯାଉଥିବା ଆକ୍ଷେପ ଗୁଡିକ ପାଇଁ ସେମାନଙ୍କୁ ଲଜ୍ଜା ଲାଗୁନଥିବା ଗୋଟିଏ ପ୍ରକାର ମାନସିକ ବିଡମ୍ବନା କି ସାମାଜିକ ଚରିତ୍ର ବୁଝିବା..........?! ନଗ୍ନ ଚରିତ୍ରର ନୃତ୍ୟାଙ୍ଗନା ରଙ୍ଗମଞ୍ଚର ଶୋଭାମଣ୍ଡନ କଲାବେଳେ ସାଧାରଣ ଲୋକେ ତାକୁ ଦେଖି ଉପଭୋଗ କରିଥା'ନ୍ତି। ସେହି ଚରିତ୍ରରେ କଳା ପରିବେଷଣ କଲାବେଳେ କେମେରା ସମ୍ମୁଖରେ ସମ୍ପୃକ୍ତ ନୃତ୍ୟାଙ୍ଗନାଙ୍କୁ କୌଣସି ଲଜ୍ଜା ଅନୁଭୂତ ହୁଏନାହିଁ ! କାରଣ କର୍ମକ୍ଷେତ୍ରଠାରୁ ଲକ୍ଷ ଭିନ୍ନ ଥାଏ ! କିନ୍ତୁ ସେହି ମହିଳାଙ୍କୁ ଯଦି ସର୍ବସାଧାରଣରେ ଚର୍ଚ୍ଚାର ପରିସରଭୁକ୍ତ କରାଯାଏ ତାହେଲେ ତାଙ୍କ ମନରେ କ୍ରୋଧ ଏବଂ ମୁଖରେ ଯେଉଁ ଲଜ୍ଜା ଆସେ ତାହା କାହିଁକି ବୁଝିବା କଷ୍ଟ....?!! ଯାହା କରିବା ବୁଝିବିଗ୍ଭରି କରିନଥିବା ହେତୁ ନା ନିଜେ ନିଜ ମନ ଭିତରେ ରଖିଥିବା ଅହଂଭାବ ହେତୁ ନା ତାହା ସେମାନଙ୍କ ମାନସିକ ବିଡମ୍ବନା, ଯେ ଯିଏ ଯାହା ତାକୁ ସେଇଆ କହିଲେ ପୁଣି ଲଜ୍ଜା କାହିଁକି ? ଏକ ଅସାଧାରଣ ପ୍ରଶ୍ନ !! ଅନୁରୂପ ଯିଏ ନିଜକୁ ଜଣେ ଶିକ୍ଷିତ ଏବଂ ସାମାଜିକ ସମ୍ମାନସ୍ପଦ ମଣିଷର ପରିଚୟ ଦେଇଥା'ନ୍ତି ସେମାନେ ମଧ ନିର୍ଲଜ୍ଜ କାର୍ଯ୍ୟ ଗୁଡିଏ କଲାବେଳେ କରିହର୍ମ ଠାରୁ ଲକ୍ଷକୁ ଭିନ୍ନ ଦିଗରେ ରଖି ବିଭିନ୍ନ କୁସଂସ୍କାର, ଭ୍ରଷ୍ଟାଗ୍ଭର, ଅସାମାଜିକ କାର୍ଯ୍ୟ କରିଥା'ନ୍ତି ! ସେହି ଅକର୍ତ୍ତବ୍ୟ ଗୁଡିକୁ ସମାଲୋଚନା କିମ୍ବା ତାଗିଦ କରାଯିବାରେ ସେମାନଙ୍କ ମୁଖରେ କ୍ରୋଧ ଏବଂ ବେଲଜ୍ଜାର ସୀମା ନଥିବା ବେଳେ ବିବେକ ଶୂନ୍ୟ ମଣିଷ ସେସବୁ ପଛରେ ଘୋଷାଡ଼ି ଦେଇ ପରବର୍ତ୍ତୀ ସମୟରେ ଯଥା ପୂର୍ବମ ତଥା ପରମ କାର୍ଯ୍ୟ ଅବିରତ ଭାବେ କରି ଗ୍ଭଲିଆସୁଥିବା କୌଣସି ନୂଆଁ କଥା ନୁହେଁ ! ହେଲେ ଏହି ଉଚ୍ଚ ଶିକ୍ଷିତ, ସମାଜର ସର୍ବୋଚ୍ଚ ପଦଧାରୀ ବୋଲାଉଥିବା ମଣିଷ ଗୁଡିକ ଯାହାସବୁ ଅକର୍ତ୍ତବ୍ୟ କରିଥା'ନ୍ତି ସେସବୁ ମଧ ସେହି ନୃତ୍ୟାଙ୍ଗନାର ଅଂଗଦର୍ଶନ ଠାରୁ ଯଥେଷ୍ଟ ନିକୃଷ୍ଟ ଲଜ୍ଜାଜନକ କାର୍ଯ୍ୟ ଯାହା ସେମାନଙ୍କ ବୁଝିବା ଜ୍ଞାନ ବହିର୍ଭୁତ ! ତଥାପି ସେମାନଙ୍କ ପାଇଁ ଆନୁଗତ୍ୟଙ୍କ କରତାଳି, ଆନ୍ତରିକ ସଭାବ କାହିଁକି ଥାଏ ତାହା ଏକ ଅଲୌକିକ ବିଷୟ ହୋଇଥାଏ ସର୍ବସାଧାରଣଙ୍କ ପାଇଁ ! ଏହି ଶିକ୍ଷିତ ଏବଂ ଉଚ୍ଚ ସ୍ଥାନିତ ବ୍ୟକ୍ତିବିଶେଷ ସେମିତି କୌଣସି ସାମାଜିକ ସଭାବନା ରଖିନଥିଲେ ମଧ ସେମାନଙ୍କ ଶିକ୍ଷାଗତ ପ୍ରମାଣ ପତ୍ରର ଖଣ୍ଡିଏ କାଗଜ, ଗ୍ଭତୁରୀ, ମିଥ୍ୟା ବଚନ ଏବଂ ଆର୍ଥିକ ପ୍ରଭାବଜନିତ ମାନ୍ୟତା ଏକରକମ ସାମାଜିକ ଦୁର୍ବଳ ଶ୍ରେଣୀର ଲୋକଙ୍କୁ ଅନ୍ଧ କରିଦେଉଥିବା ହେତୁ ଏକ ଅବାଂଛିତ ସଂଯୋଗରୁ ସେମାନେ କେବଳ ମିଥ୍ୟା ପ୍ରତିଭା ପ୍ରଦର୍ଶନ କରି ସମାଜର ଉଚ୍ଚସ୍ଥାନରେ ଅବସ୍ଥାପିତ ହୋଇଥା'ନ୍ତି ! (କ୍ରମଶଃ)

+ ଫେସ୍ ବୁକ୍ / ଟ୍ୱିଟର୍
ସୋସିଆଲ ଫୋରମ (ଭାରତ)
ଛତ୍ରପୁର, ଗଂଜାମ ।
ଦୁରଭାଷ-୯୪୩୭୩୨୪୯୧୭.

---

## କବିତା କୋଣାର୍କ

### କୁଆଡ଼େ ଗଲା ମୋ ପିଲାଦିନ ? ...



ହରେରାମ ପଣ୍ଡା

କୁଆଡ଼େ ଗଲା ମୋ ପିଲାଦିନ ଆଜି
ଭାରି ପଡୁଅଛି ମନେ,
ପିଲାଦିନେ ଖେଳ ସାଙ୍ଗସାଥି ମେଳ
ଫେରିବ ନାହିଁ ଜୀବନନେ ।
ଗାଆଁ ଚାଟଶାଳି, ଗୁରୁଜୀଙ୍କ ଗାଳି
ବିଷ୍ଣୁନ୍ନାର ମୋର ଯୋଡ଼ି,
କେବେ ଖେଳକୁଦ,
କେବେ ରାଗରଷା
ମିଛେମିଛେ ବାଡ଼ାବାଡ଼ି ।
ବାଲିମାଟି ଘର, ଚୁଲି ହାଣ୍ଡି କଢ଼ା
ମିଛେମିଛେ ଭାତଡାଲି,
ରଜ ହୋଲି ପରି ପରବର ମଜା
କେବେ ବି ନହେବ ଭୁଲି ।
ନୂଆବୋଉ ଘରେ କମଳା ଚକଟା
ରସୁଣର ଆମ୍ବୁଲ ଝୋଳ,
କୃଷ୍ଣ, ବଇଦ, ନୀଳା, ପଦୁଆଁଙ୍କ
ଥଟ୍ଟାମଜା କୋଳାହଳ ।
ଲୁଡୁ, ଚେସ୍, ପୁଣି ବାଗୁଡ଼ିର ଖେଳ
ବନିସିରେ ମାଛ ଧରା,
ପୋଖରୀରେ ବୁଡ଼ା, ଗାଆଁ ବାଡ଼ିତଳୁ
ଲୁଚି ମୁଗଛୁଇଁ ତୋଳା ।
ନାଲୁଆ, ନାରଣା,
ଭିକାରୀ ସାଙ୍ଗରେ
ତୋଟାରେ ଭୋଜିର ମଜା,
ଖରାବେଳେ ଗଛଚଢ଼ି ଆମ୍ବ ତୋଳି
କେତେ ବି ପାଇଛୁ ସଜା ।
ମଙ୍ଗଳାଯାତରା ବରାଗୁଲୁଗୁଲା
କାର୍ତ୍ତିକରେ ଡଙ୍ଗାଭସା,
ସାଆନ୍ତରା ପୋଖରୀ
କଇଁଫୁଲ ତୋଳା
କୁଆଁର ପୁନେଇଁ ଓଷା ।
କେତେ ସୁଖଦୁଃଖ ଅବା ହସକାନ୍ଦ
ରାଗରଷା ଅଭିମାନ,
ଭୁଲି ପାରୁନାହିଁ, କେବେ ନ ଭୁଲିବି
ଭାବୁଥିବି ଚିରଦିନ ।
କୁଆଁସ, ମେର୍ଦ୍ଧା କାଟିଆ ଛକ,
ଯାଜପୁର ।

+ ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ,
ମଧୁପୁର ନୋଡାଲ ଉଚ୍ଚ ବିଦ୍ୟାଳୟ
ମୋ: ୯୪୩୮୦୬୫୧୯୫

### କିଛି ସତ୍ୟ..

ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ

ଜୀବନର ମାନେ ଯଦି କେଇ ଧାଡ଼ି
ବେସୁରା ସଙ୍ଗୀତ,
କିବା ପ୍ରୟୋଜନ ସେଠି ଛାନ୍ଦ, ଚମ୍ପୁ
ଓଡ଼ିଶୀର ଗୀତା ।
ଜୀବନର ମାନେ ଯଦି କେଇ କୋଷ
ଜଳରେ ସୀମିତ,
କିବା ପ୍ରୟୋଜନ ସେଠି ଚିରସ୍ରୋତା
ନଦନଦୀ ସ୍ରୋତା ।
ଜୀବନର ମାନେ ଯଦି ଦଲକାଏ
ଶୀତଳ ପବନ,
କିବା ପ୍ରୟୋଜନ କୁହ ଗଣ୍ଡା ଗଣ୍ଡା
ଦାମୀ ପଙ୍ଖାମାନ ।
ଜୀବନର ମାନେ ଯଦି ମିଠା ମିଠା
କଥା କେଇପଦ,
କିବା ପ୍ରୟୋଜନ କୁହ ସ୍ୱାର୍ଥଭରା
ସାକର, ନବାତ ।
ଜୀବନର ମାନେ ଯଦି ସମ୍ପର୍କର
ଦୁଇ ଖିଅ ସୂତା,
କିବା ଲୋଡ଼ା ଛଳନାରେ ପରିପୂର୍ଣ୍ଣ
ଅବାସ୍ତବ ଚିନ୍ତା ।
ଜୀବନର ମାନେ ଯଦି ଅଭିନୟ
ମୁହେଁ ରଙ୍ଗ ବୋଳି,
କିବା ପ୍ରୟୋଜନ କୁହ ଅଭିମାନ
ମାନ ଅବା କଳି ।
ଜୀବନର ମାନେ ଯଦି କଣ୍ଟକିତ
ଖାଲ ଢିପ ରାସ୍ତା,
କିବା ପ୍ରୟୋଜନ କୁହ ଲୋଭରେ ପଡ଼ି
ହୋଇବ ହୀନସ୍ତା ।
ଜୀବନର ମାନେ ଯଦି ବିଧି ଦ୍ୱାରା
ପୂର୍ବ ନିର୍ଦ୍ଧାରିତ,
କିବା ପ୍ରୟୋଜନ ହୁଏ ମିଥ୍ୟା ଦ୍ୱାରା
ଢାଙ୍କିବାକୁ ସତ୍ୟ ।
ଜୀବନର ମାନେ ଯଦି ଅନ୍ଧାର ଓ
ଆଲୁଅର ଖେଳ,
କିପାଇଁ ଦେଖାନ୍ତି ଥୋକେ ଅହଂକାରେ
ନିଜ ବାହୁ ବଳ ।
ଜୀବନର ମାନେ ଯଦି ନିଷ୍ଟେ ହେବ
ମୃତ୍ୟୁର ଆଗତ,
କାହିଁ ଆଦରି ନେବାନି ଆମେ ବିଶ୍ୱ
ଭାତୃତ୍ୱର ଗୀତା ।

+ ଚକାପଦା, ବେଗୁନିଆ, ଖୋର୍ଦ୍ଧା
ମୋ:୮୩୨୮୯୪୧୭୦୭


# ବର୍ଷାଦିନେ ବଗିଚାର ଯତ୍ନ



**ଗଛ ପାଇଁ ପାଣି ନିହାତି ଦରକାର । ମାତ୍ର ତା' ମୂଳରେ ପାଣି ଜମି ରହିଲେ ଗଛ ପଚିଯାଏ । ତେଣୁ ବର୍ଷାଦିନେ ବଗିଚାର ଯତ୍ନ କିଭଳି ନେବେ ଜାଣିବା ଆସନ୍ତୁ...**

ଘର ଆଗରେ ବା ପଛରେ ସୁନ୍ଦର ବଗିଚାଟିଏ କରିବା ପାଇଁ କାହାର ବା ଇଚ୍ଛା ନ ହୁଏ ? ଅନେକଙ୍କର ବିଶ୍ୱାସ ଫୁଲ, ଫଳଭର୍ତ୍ତି ଗଛଲତାଟିଏ ଦେଖିବା ଦ୍ୱାରା ମୁଡ୍ ଭଲ ରହେ । ଫୁଲ ଫଳ ନ ହେଲେ ବି ସବୁଜ ପତ୍ରରେ ଭରପୂର ଗଛଟିଏ ଦେଖି ଦିନ ଆରମ୍ଭ କଲେ ଦିନଟି ଭଲରେ କାଟେ । ତା' ଛଡ଼ା ସକାଳୁ ସକାଳୁ ସବୁଜିମା ଦେଖିବା ଆଖି ପାଇଁ ମଧ୍ୟ ଭଲ ବୋଲି ମତ ଦିଅନ୍ତି ବିଶେଷଜ୍ଞ । ହେଲେ ବଗିଚାକରିବା ପାଇଁ ଇଚ୍ଛା କରିବା ବା ମନ ବଳାଇବା ଓ ତାହାକୁ କାର୍ଯ୍ୟରେ ପରିଣତ କରିବା ଭିତରେ ଅଛି ଅନେକ ଫରକ୍ । ଗଛ ଲଗାଇବା, ଖରାଦିନେ ପାଣି ଦେବା ଓ ବର୍ଷାଦିନେ ଗଛ ମୂଳରେ ପାଣି ଜମି ନରହିବା, ଗଛଲତାଙ୍କୁ ପୋକ କୀଟ ଆକ୍ରମଣରୁ ରକ୍ଷା କରିବା ଆଦି ପାଇଁ ବହୁ ପରିଶ୍ରମ କରିବାକୁ ହୋଇଥାଏ । ଏସବୁ କାମ ପାଇଁ ସମୟ ମଧ୍ୟ ଦରକାର । ଗଛ ପାଇଁ ପାଣି ନିହାତି ଦରକାର । ମାତ୍ର ତା' ମୂଳରେ ପାଣି ଜମି ରହିଲେ ଗଛ ପଚିଯାଏ। ତେଣୁ ବର୍ଷାଦିନେ ବଗିଚାର ଯତ୍ନ କିଭଳି ନେବେ ଜାଣିବା ଆସନ୍ତୁ...

ବର୍ଷା ଆରମ୍ଭ ହେବା ପୂର୍ବରୁ ବଗିଚାର ଜଳ ନିଷ୍କାସନ ବ୍ୟବସ୍ଥାକୁ ଠିକ୍ କରିଦେବା ଉଚିତ । ନଚେତ୍ ବଗିଚାରେ ଅଯଥା ପାଣି ଜମି ରହିବା ଦ୍ୱାରା ଗଛଲତାଗୁଡ଼ିକ ପଚିଯିବାର ଯଥେଷ୍ଟ ଆଶଙ୍କ ଥାଏ । ବର୍ଷାଦିନେ ମଝିରେ ମଝିରେ ଗଛର ପତ୍ରଗୁଡ଼ିକୁ କାଟି ସାଇଜ୍ କରିଦିଅନ୍ତୁ । ଏହାଦ୍ୱାରା ବଗିଚାରେ ଭଲ ଭାବରେପବନ ଚଳାଚଳ ହୋଇଥାଏ । ଫଳରେ ଗଛଲତା ଭଲ ଭାବରେ ବଢ଼ିଥାନ୍ତି । ଯଦି ଆପଣଙ୍କ ଗାର୍ଡେନ୍‌ରେ ଏପରି କିଛି କୋମଳ ଗଛ ଅଛି, ଯାହା ସିଧାସଳଖ ବର୍ଷା ସଂସ୍ପର୍ଶରେ ଆସିଲେ ଭାଙ୍ଗିଯିବ, ତେବେ ସେ କ୍ଷେତ୍ରରେ ଆପଣ ଗାର୍ଡେନ ଅମ୍ବ୍ରେଲା ବ୍ୟବହାର କରିପାରିବେ । ଜିଆ କେବଳ ମାଟିର ଉର୍ବରତା ବଢ଼ାଏ ନାହିଁ ବରଂ ମାଟି ଭିତରେ ସୁଡ଼ଙ୍ଗ ତିଆରି କରି ଗଛକୁ ଭରପୂର ଅମ୍ଳଜାନ ଯୋଗାଇଥାଏ । ଫଳରେ ଗଛ ଭଲ ବଢ଼େ । ତେଣୁ ଆପଣଙ୍କ ବଗିଚାରେ ଯେତେ ସମ୍ଭବ ଜିଆବଂଶ ବୃଦ୍ଧି କରିବାକୁ ଚେଷ୍ଟା କରନ୍ତୁ । ଅନେକ ସମୟରେ ନାନା ପ୍ରକାର ପୋକ କୀଟ ଗଛଲତାଙ୍କର ଶତ୍ରୁ ହୋଇଥାନ୍ତି । କଅଁଳ ଛନଛନିଆ ଗଛଲତାକୁ ଖାଇ ଶେଷ କରିଦିଅନ୍ତି । ତେଣୁ ମଝିରେ ମଝିରେ ଗଛଲଦା ଉପରେ କୀଟନାଶକ ସିଞ୍ଚନ କରନ୍ତୁ । ଏହାଦ୍ୱାରା ଗଛଗୁଡ଼ିକରେ ସହଜରେ ପୋକ ଲାଗେ ନାହିଁ । ତା' ଛଡ଼ା ଯଦି କୌଣସି ଗଛ ପଚି ଯାଇଥାଏ, ତେବେ ସଙ୍ଗେ ସଙ୍ଗେ ତାହାକୁ ବଗିଚାରୁ ଉପାଡ଼ି ଫୋପାଡ଼ି ଦିଅନ୍ତୁ । ନଚେତ୍ ଏହି ପଚା ଗଛ ଅନ୍ୟ ଗଛ ସହ ଲାଗି ତାକୁ ବି ପଚାଇଦେବ । ଋତୁପରିବର୍ତ୍ତନ ହେବାଦ୍ୱାରା ଋତୁକାଳୀନ ବୃକ୍ଷଲତାଗୁଡ଼ିକର ଆକର୍ଷଣ କମିଯାଇଥାଏ । ତେଣୁ ଋତୁକାଳୀନ ଗଛଗୁଡ଼ିକ ଅପେକ୍ଷା ଚିରହରିତ୍ ଗଛ ଲଗାଇବା ପ୍ରତି ପ୍ରାଥମିକତା ଦେବା ଉଚିତ । ଏହାଦ୍ୱାରା ଆପଣଙ୍କ ବଗିଚା ବର୍ଷସାରା ଆକଷୟଣୀୟ ଲାଗୁଥିବ ।



**କ'ଣ ନ କରିବା ଉଚିତ:**

ବର୍ଷା ଦିନେ ଅତି ଶୀଘ୍ର ବଢୁଥିବା ଗଛଗୁଡ଼ିକୁ ବଗିଚାରେ ଲଗାନ୍ତୁ ନାହିଁ । ନଚେତ୍ ଆପଣଙ୍କ ବଗିଚା ଅଳ୍ପ ଦିନରେ ଜଙ୍ଗଲ ଭଳି ଦେଖାଯିବ । ଫଳରେ ଏଥିରେ ସାପ ତଥା ଅନ୍ୟାନ୍ୟ ବିଷଧର ଜୀବଜନ୍ତୁ, ସରୀସୃପ ଲୁଚି ରହିବାକୁ ସୁବିଧା ହେବ । ଆପଣଙ୍କ ବଗିଚାରେ ଯଦି ବୁଢ଼ିଆଣୀ ଅଛି, ତା' ହେଲେ ତାକୁ ମାରନ୍ତୁ ନାହିଁ । କାରଣ ବଗିଚାରେ ଥିବା କୀଟମାନଙ୍କୁ ନଷ୍ଟ କରିବାରେ ବୁଢ଼ିଆଣୀ କୀଟନାଶକଠାରୁ ବି ଅଧିକ ସକ୍ରିୟ । ଏହା କୀଟମାନଙ୍କୁ ଖାଇଦେଇଥାଏ । ଫଳରେ ଗଛଲତାଗୁଡ଼ିକ ସୁସ୍ଥ ରହିଥାନ୍ତି । ବୁଢ଼ିଆଣୀ ପରି ବେଙ୍ଗ ମଧ୍ୟ କୀଟମାନଙ୍କୁ ଖାଇ ଫୁଲ, ଫଳଗଛକୁ ସୁରକ୍ଷିତ ରଖିବାରେ ସାହାଯ୍ୟ କରିଥାନ୍ତି । ତେଣୁ ବେଙ୍ଗକୁ ବଗିଚାରୁ ନ ଘଉଡ଼ାଇ ସେମାନଙ୍କୁ ଆଶ୍ରୟ ଦେବା ଦରକାର ।



**ଟେରାସ୍ ଗାର୍ଡେନିଂ ପାଇଁ କିଛି କଥା:**

ଆପଣ ଯଦି ଟେରାସ୍ ବା ଛାତ ଉପରେ ବଗିଚା କରିବେ ବୋଲି ଚିନ୍ତା କରିଛନ୍ତି, ତା' ହେଲେ ପ୍ରଥମେ ଗଛଲତା ଲଗା ସ୍ଥାନ ଠିକ୍ କରିନିଅନ୍ତୁ । ସ୍ଥାନ ବାଛିସାରିବା ପରେ ସେଠାରେ ମାଟି ତିଆରି ଇଟାଗୁଡ଼ିକୁ ସଜେଇ ରଖି ତା' ଉପରେ ଆପଣଙ୍କ ମନପସନ୍ଦର ଫୁଲ କୁଣ୍ଡଗୁଡ଼ିକୁ ଲଗାଇ ଦିଅନ୍ତୁ । ହଁ ଧ୍ୟାନ ରଖିବେ, ଇଟା ଯେପରି ପାଣିରେ ବତୁରି ଯାଉନଥିବ । ଛାତ ଉପରେ ଲଗାଯାଉଥିବା ଫୁଲ, ଫଳଗୁଡ଼ିକୁ ଭୂମିର ପ୍ରାକୃତିକ ତତ୍ତ୍ୱ ମିଳିପାରେ ନାହିଁ । ତେଣୁ ଆପଣ ଯେଉଁ ଫୁଲକୁଣ୍ଡ ଲଗାଇଛନ୍ତି, ଧ୍ୟାନ ଦିଅନ୍ତୁ ସେଥିରେ ଯେପରି ପର୍ଯ୍ୟାପ୍ତ ପରିମାଣରେ ସାର ତଥା ଉର୍ବର ମାଟି ତତ୍ତ୍ୱ ରହିପାରିବ ।

## ଶକ୍ତିଶାଳୀ ଔଷଧ ସେକ୍ସ

ଶରୀରକୁ ସୁସ୍ଥ ରଖିବାକୁ ଆମେ ଡାଏଟିଂ,ଯୋଗ, ମର୍ଣ୍ଣିଂଓ୍ୱାର୍କ ଆଦି କରିଥାଉ । ଉତ୍ତମ ସ୍ୱାସ୍ଥ୍ୟ ହେଉଛି ମଣିଷର ପ୍ରକୃତ ସମ୍ପତ୍ତି । ସେଥିପାଇଁ ନାନା ପ୍ରକାର ବିକଳ୍ପ ବି ଗ୍ରହଣ କରିଥାନ୍ତି ସମସ୍ତେ, କିଭଳି ଭାବରେ ନିଜ ସ୍ୱାସ୍ଥ୍ୟର ଉନ୍ନତି ହୋଇପାରିବ, ସମସ୍ତେ ପ୍ରାୟ ଚେଷ୍ଟା କରିଥାନ୍ତି । ଯଦି ଜଣେ ଭଲଭାବରେ ସେକ୍ସ କରୁଥାଏ, ତା'ହେଲେ ସ୍ୱାସ୍ଥ୍ୟ ପାଇଁ ତାହା ଖୁବ୍ ଦରକାରୀ । ଏହାକୁ କେହି ଗବେଷକ ବି କହିଥାନ୍ତି, ସେକ୍ସଠାରୁ ଶକ୍ତିଶାଳୀ ଔଷଧ କିଛି ନାହିଁ । ଯେଉଁମାନେ ନିୟମିତ ଭାବରେ ସେକ୍ସ କରନ୍ତି, ସେମାନଙ୍କର ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଇବା ସହ କ୍ୟାନ୍ସର ହେବାର ଆଶଙ୍କାକୁ ମଧ୍ୟ ଏଡ଼ାଇଥାଏ । ଏହା ଚାପ କମ୍ କରିବା ସହ ହରମୋନର ସଠିକ ସନ୍ତୁଳନ କରିଥାଏ । ଫଳରେ ସ୍ୱାସ୍ଥ୍ୟ ଭଲ ରହେ । ବଡ଼ କଥା ହେଉଛି, ସେକ୍ସ କରୁଥିବା ଲୋକଙ୍କୁ ବିଶେଷ କିଛି ଶାରୀରିକ ବ୍ୟାୟାମ କରିବାର ଆବଶ୍ୟକତା ପଡ଼ି ନଥାଏ ।

## କଲରା ଆମ୍ବିଳା ମସଲା

**ସାମଗ୍ରୀ:**

କଲରା: ୪/୫ ଟା (ବଡ଼)
-କର୍ନଫ୍ଲୋର୍: ୧ କପ୍
-କଟା ପିଆଜ: ୧ଟା (ବଡ଼)
-କଟା ରଶୁଣ: ୧ଟା (ଛୋଟ)
-ଅଦା: ଛୋଟ ଖଣ୍ଡେ
-ଜିରା: ୧ ଚାମଚ
-ଶୁଖିଲା ଲଙ୍କା: ୧/୨ ଟା
-ଚିନି: ଅଧାଚମଚ
-ଆମ୍ବୁଲ: ୨ଟା
-ଅଳ୍ପ ଟମାଟୋ ସସ୍
-ଲୁଣ: ସ୍ୱାଦ ଅନୁସାରେ
-ପ୍ରୟୋଜନ ଅନୁଯାୟୀ ତେଲ




**ପ୍ରଣାଳୀ:**

ପ୍ରଥମେ କଲରାକୁ ଭଲ ଭାବେ ଧୋଇ ଛୋଟ ଛୋଟ ଗୋଲ୍ କରି କାଟି ଦିଅନ୍ତୁ । ସେଥିରେ କର୍ନଫ୍ଲୋର୍, ଲୁଣ ପକାଇ ଗୋଳାଇ ଦିଅନ୍ତୁ । ଗ୍ୟାସ୍‌ରେ କଡ଼େଇ ବସାଇ ତେଲ ଦିଅନ୍ତୁ । ତେଲ ଗରମ ହୋଇଗଲା ପରେ କଲରାକୁ ପକାଇ ଚିପ୍ସ ଭଳି ଛାଣି ରଖନ୍ତୁ । ଜିରା, ଶୁଖିଲା ଲଙ୍କା, ଅଦା, ପିଆଜ, ରସୁଣକୁ ଗ୍ରାଇଣ୍ଡିଂ କରି ଦିଅନ୍ତୁ । ତା' ପରେ ଗ୍ୟାସ୍‌ରେ କଡ଼େଇ ବସାଇ ଅଳ୍ପ ତେଲ ଦିଅନ୍ତୁ । ତେଲ ଟିକେ ତାତିଗଲା ପରେ ଗ୍ରାଇଡିଂ କରିଥିବା ମସଲାକୁ ପକାଇ ଭଲ ଭାବେ କଷନ୍ତୁ । ସେଥିରେ ଚିନି, ଆମ୍ବୁଲ, ଟମାଟୋ ସସ୍ ଏବଂ ଅଳ୍ପ ପାଣି ଦେଇ ମଧ୍ୟ କଷନ୍ତୁ । ମସଲା କଷି ହୋଇଗଲା ପରେ ପୂର୍ବରୁ ଛାଣିଥିବା କଲରାକୁ ପକାଇ ଭଲ ଭାବେ ଗୋଳେଇ ଦେଇ ପାଞ୍ଚ ମିନିଟ୍ ପର୍ଯ୍ୟନ୍ତ ମଧ୍ୟମ ଆଞ୍ଚରେ ବସାନ୍ତୁ । ପାଞ୍ଚ ମିନିଟ୍ ପରେ କଡ଼େଇକୁ ତଳକୁ ଓହ୍ଲାଇ ଦିଅନ୍ତୁ । ଗରମ ଗରମ ଭାତ ସହିତ ନିଜେ ଖାଆନ୍ତୁ ଓ ଅନ୍ୟମାନଙ୍କୁ ଖାଇବାକୁ ପରଷି ଦିଅନ୍ତୁ ।

## ସଜନା ଶାଗର ଉପକାରିତା

ଆମ ଓଡ଼ିଶାରେ ଗାଁ ଗହଳିଠାରୁ ଆରମ୍ଭ କରି ମହାନଗରୀ ପର୍ଯ୍ୟନ୍ତ ସଜନା ଶାଗ ଓ ଛୁଇଁର ଆଦର ଅଧିକ । ଦକ୍ଷିଣ ଭାରତୀୟ ବ୍ୟଞ୍ଜନରେ ମଧ୍ୟ ଏଇ ପରିବା ଓ ପତ୍ରର ଉପଯୋଗ ହୁଏ । ଖାଦ୍ୟ ବିଶେଷଜ୍ଞଙ୍କ ମତରେ ସହରୀ ଲୋକଙ୍କ ତୁଳନାରେ ଗାଁ ଲୋକଙ୍କ ରୋଗପ୍ରତିରୋଧକ ଶକ୍ତି ଅଧିକ ସେମାନେ ଦେଶୀ ଖାଦ୍ୟ ଖାଇବା ସହ ବିଭିନ୍ନ ପ୍ରକାରର ଶାଗ ନିୟମିତ ଭୋଜନରେ ଖାଇଥାନ୍ତି । ସିନେତାରକାଙ୍କ ଖାଦ୍ୟ ବିଶେଷଜ୍ଞ ଭାବେ ଜଣାଶୁଣା ରୁଜୁତା ଦିୱେକର୍ କହିଛନ୍ତି, ସଜନା ଶାଗ ଏକ ଚମତ୍କାରୀ ଖାଦ୍ୟ । କମଳା ଫଳଠାରୁ ୭ ଗୁଣ ଅଧିକ ଭିଟାମିନ୍ ସି ଏଇ ଶାଗରେ ମହଜୁଦ୍ । ଦୈନିକ ଅଳ୍ପ ପରିମାଣର ସଜନା ଶାଗ ଖାଇଲେ ଆମ ପାଚନ କ୍ଷମତା ବୃଦ୍ଧି ପାଏ ।



- ♦ଭିଟାମିନ୍ ଏ'ର ଅଭାବ ଦୂର କରିବା ନିମନ୍ତେ ଅଧିକାଂଶ ଗାଜରକୁ ମଧ୍ୟ ନିୟମିତ ଖାଇଥାଉ । ସପ୍ତାହରେ ୨ ଥର ସଜନା ଶାଗ ଖାଇଲେ ଭିଟାମିନ୍ ଏ ଅଭାବଜନିତ ରୋଗରୁ ରକ୍ଷା ମିଳେ ।
- ♦ପାଶ୍ଚାତ୍ୟ ରାଷ୍ଟ୍ରରେ ସଜନା ଶାଗ ଭିଟାମିନ୍ କ୍ୟାପ୍‌ସୁଲ୍ ମିଳିଥାଏ । ଅନେକ ଲୋକ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଏଇ କ୍ୟାପସୁଲ୍ ଖାଉଥିବାର ପ୍ରକାଶ ।
- ♦ଆଣ୍ଟିଅକ୍ସିଡାଣ୍ଟ ଭରପୂର ସଜନା ଶାଗ ଖାଇଲେ ରକ୍ତଚାପ ନିୟନ୍ତ୍ରଣରେ ରହିବା ସହ ତ୍ୱଚା ଭାଙ୍ଗ ସମସ୍ୟା ଦୂର ହୋଇଥାଏ ।
- ♦କୋଲେଷ୍ଟରଲ୍ ସ୍ତରକୁ ନିୟନ୍ତ୍ରଣ କରୁଥିବା ଏହି ଶାଗର ପୋଷକ ତତ୍ତ୍ୱ ହୃଦ୍‌ଘାତର ଆଶଙ୍କା କମ୍ କରୁଥିବାର ଖାଦ୍ୟ ବିଶେଷଜ୍ଞଙ୍କ ମତ ।
- ♦ନିଶାଗ୍ରସ୍ତ ବ୍ୟକ୍ତି ନିୟମିତ ସଜନା ଶାଗ ଖାଇଲେ ସେମାନଙ୍କ ଯକୃତକୁ ଶକ୍ତି ମିଳିବା ସହ ଶରୀରର ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବୃଦ୍ଧି ପାଇଥାଏ ।

## ଅମ୍ଳଜାନ ମାପିବ ସ୍ମାର୍ଟୱାଚ୍


ସ୍ୱାସ୍ଥ୍ୟ ପାଇଁ ଖୁବ୍ ସଚେତନ ରହୁଥିବା ମଣିଷଙ୍କ ଲାଗି ମେଭୋଫିଟ୍ ଏକ ସ୍ୱତନ୍ତ୍ର ସ୍ମାର୍ଟୱାଚ୍ ପ୍ରସ୍ତୁତ କରିଛି । ଏହା ଶରୀରରେ ଅମ୍ଳଜାନ ପରିମାଣ ଜଣାଇବା ଲାଗି ସେନ୍‌ସର ଭଳି କାମ କରିବ । ମେଭୋଫିଟ୍‌ର ଏହି ସ୍ମାର୍ଟୱାଚ୍ ମେଭୋଫିଟ୍ ଏହି ସ୍ମାର୍ଟୱାଚ୍ ମେଭୋଫିଟ୍ ରେସ୍‌ଡାଇଭ୍‌ର ମୂଲ୍ୟ ମାତ୍ର ୪ ୯ ୯ ୦ ଟଙ୍କା ରଖାଯାଇଥିବା କମ୍ପାନୀ ପକ୍ଷରୁ ଜଣାଯାଇଛି । ଏହାକୁ ପିନ୍ଧି ଜଣେ ସନ୍ତରଣ ମଧ୍ୟ କରିପାରିବେ । ଏହି ସ୍ମାର୍ଟୱାଚ୍‌ରେ କେତେ ପାଦ ଚାଲିଲେ, କେତେ କ୍ୟାଲେରୀ ମୁକ୍ତ ହେଲା, କେତେ ଦୂର ଦୌଡ଼ିଲେ, ଦିନସାରା କେତେ ଶାରୀରିକ କାର୍ଯ୍ୟକଳାପ କଲେ ଆଦି ଜାଣିବା ଲାଗି ଟ୍ରାକର ରହିଛି । ଏହା ମଧ୍ୟ ନିଦ ପରିମାଣ, ହୃତ୍‌ସ୍ପନ୍ଦନ, ରକ୍ତଚାପ, ଅମ୍ଳଜାନ ପରିମାଣ ଜଣାଇପାରିବ । ଅନ୍ୟ ସ୍ମାର୍ଟୱାଚ୍‌ଗୁଡ଼ିକ ପରି ଏଥିରେ ବି ବ୍ଲୁଟୁଥ୍ ସଂଯୋଗ ରହିଥିବାରୁ ଫୋନ୍‌କୁ ଆସୁଥିବା ସମସ୍ତ ନୋଟିଫିକେସନ୍, ଇନ୍‌କମିଂ କଲ୍, ମେସେଜ୍‌ର ସୂଚନା ପାଇପାରିବେ । ଫାଇଣ୍ଡ ପାଇଁ ଫୋନ୍ ସୁବିଧା ଥିବାରୁ ସ୍ମାର୍ଟୱାଚ୍‌କୁ ଟ୍ରାକ୍ କରିବା ସହଜ ହେବ । ଏଥିରେ କ୍ୟାଲେଣ୍ଡର ସହ ପାଣିପାଗର ସୂଚନା ଏବଂ କ୍ୟାମେରା ନିୟନ୍ତ୍ରଣ କରିବା ସୁବିଧା ରହିଛି । ଘଣ୍ଟାରୁ ହିଁ ମୋବାଇଲ୍‌ର କ୍ୟାମେରା ପରିଚାଳନା କରିପାରିବେ । ସାଇକଲ୍ ଚାଳନା, ସନ୍ତରଣ, ସ୍କିପିଙ୍ଗ, ବ୍ୟାଡମିଣ୍ଟନ, ବାସ୍କେଟବଲ୍, ଚାଲିବା, ଦୌଡ଼ିବା ଆଦି ବିଭିନ୍ନ କାର୍ଯ୍ୟ ପାଇଁ ଏହି ସ୍ମାର୍ଟୱାଚ୍‌ରେ ଏକାଧିକ ମୋଡ୍ ରହିଛି । ଏଥିରେ ଥିବା ୮୦ ଏମ୍‌ଏଏଚ୍ ବ୍ୟାଟେରି ଥରେ ଚାର୍ଜ ହେଲେ ୪ ରୁ ୬ ଦିନ କାମ କରିପାରେ । ଧୂଳି ଏବଂ ପାଣିରେ ଏହି ଘଣ୍ଟାର କିଛି କ୍ଷତି ହୋଇନଥାଏ । ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି ।




## ପ୍ରକୃତରେ ମହିଳାଙ୍କ ହୃଦୟ ଛୋଟ

ସମସ୍ତେ କୁହନ୍ତି ମହିଳାଙ୍କ ହୃଦୟ ପୁରୁଷମାନଙ୍କଠାରୁ ଛୋଟ । ହୁଏତ ଏହାର ପ୍ରକୃତ ଅନୁଧ୍ୟାନ କରି କେହି କହି ନଥାଇ ପାରନ୍ତି କି କାହା ପାଖରେ ସମ୍ପୂର୍ଣ୍ଣ ବିବରଣୀ ନଥାଏ । ପୁରୁଷମାନେ ପ୍ରେମରେ ହାରିବା ବେଳେ ମହିଳାଙ୍କ ହୃଦୟ ଛୋଟ କଥାକୁ ଅବଶ୍ୟ କହିଥାନ୍ତି । କିନ୍ତୁ ବାସ୍ତବରେ ଦେଖିବାକୁ ଗଲେ ମହିଳାଙ୍କ ହୃଦୟ ଛୋଟ ବୋଲି ବୈଜ୍ଞାନିକମାନେ ପ୍ରମାଣିତ କରିଛନ୍ତି । ସେଥିପାଇଁ ପୁରୁଷଙ୍କ ହାର୍ଟବିଟ୍ ତୁଳନାରେର ମହିଳାଙ୍କ ଅଧିକ ହାର୍ଟବିଟ୍ ହୋଇଥାଏ । ତାହାର ମୁଖ୍ୟ କାରଣ ହେଲା ଯେ ମହିଳାଙ୍କର ହୃଦୟରର ଆକାର କମ ଥିବାରୁ ତାହା ଅଧିକ ଥର ସ୍ପନ୍ଦନ କରିଥାଏ । ଏହିକଥା ବି ଅନେକ ସମୟରେ ଉପମା ଦେଇକି ପରିହାସରେ ପୁରୁଷମାନେ ମହିଳାଙ୍କ ଉଦ୍ଦେଶ୍ୟରେ କହିପାରନ୍ତି କିନ୍ତୁ ଏହା ପଛର ପ୍ରକୃତ କାରଣ ଛୋଟ ହାର୍ଟ ପାଇଁ ବିଟ୍ କିନ୍ତୁ ଅଧିକ ହୋଇଥାଏ ।

## ରୋବଟ୍ କ୍ଲିନର୍‌ରେ ବିମାନ ଭିତର ସଫେଇ



କରୋନା ମହାମାରୀର ଭୟ ଲୋକଙ୍କ ମନରେ ରହିଛି । ଲୋକେ ଭୟକୁ ମନରେ ରଖି ବାହାରକୁ ବାହାରିଲେଣି । ଚାକିରି, ବ୍ୟବସାୟ ଆଦି କାମରେ ପାଖ ସହର, ରାଜ୍ୟକୁ ଯା-ଆସ ଇତିମଧ୍ୟରେ ଆରମ୍ଭ ହୋଇଯାଇଛି । ବିମାନସେବା ମଧ୍ୟ ଧୀରେ ଧୀରେ ସ୍ୱାଭାବିକ ହେଉଛି । ବ୍ରିଟେନ୍‌ରେ ଆନ୍ତଃରାଜ୍ୟ ବିମାନ ଚଳାଚଳ ଆରମ୍ଭ ହୋଇଥିବାବେଳେ ଯାତ୍ରୀଙ୍କ ସଂଖ୍ୟା ପୂର୍ବଭଳି ନାହିଁ । ଲୋକେ ଅତି ଜରୁରୀ କାମରେ ବିମାନରେ ଯା-ଆସ କରୁଛନ୍ତି । ବ୍ରିଟେନ୍ ବିମାନ କର୍ତ୍ତୃପକ୍ଷ ବିମାନ ଭିତର ସ୍ଥିତିକୁ ନେଇ ପୂର୍ବାପେକ୍ଷା ଅଧିକ ସଚେତନ । ଏବେ ରୋବଟ୍ କ୍ଲିନର୍‌ର ସହାୟତା ନିଆଯାଇ ସଫା କରାଯାଉଛି । ରୋବଟ୍ କ୍ଲିନର୍‌ର ନାମ 'ନୋଭା ରୋଭର୍' ଓ ବିମାନ ଭିତରେ ଏହା ସ୍ୱୟଂଚାଳିତ ଭାବେ କାମ କରୁଥିବାର ପ୍ରକାଶ । ଏହାକୁ ସ୍ପ୍ରେ କଲେ, ୧୨ ଫୁଟ୍ ପର୍ଯ୍ୟନ୍ତ ପରିଷ୍କାର କରୁଥିବାର ଦେଖା ଯାଇଛି । ନ୍ୟୁଜିଲାଣ୍ଡର ଏକ କମ୍ପାନୀ ଏହି ରୋବଟ୍‌କୁ ତିଆରି କରିଥିବାବେଳେ ବିଭିନ୍ନ କାମ ମଧ୍ୟ କରିଥାଏ । ପ୍ରତ୍ୟେକ ସିଟ୍‌କୁ ପରିଷ୍କାର କରିବା ସହ ଯାତ୍ରୀଙ୍କ ଶରୀରର ତାପମାତ୍ରାକୁ ମଧ୍ୟ ମାପିପାରେ । ମହାମାରୀ ସମୟରେ ପୂର୍ବ ଭଳି ଅଧିକ କର୍ମଚାରୀଙ୍କୁ କାମରେ ଲଗାଇବା ପରିବର୍ତ୍ତେ ରୋବଟ୍ କ୍ଲିନର୍ ଜରିଆରେ କାମ ହୋଇପାରୁଥିବାର କର୍ତ୍ତୃପକ୍ଷ କହିଛନ୍ତି ।

# ବୁଢ଼ାବଳଙ୍ଗ ପାର୍ଶ୍ୱ ପୁରୁଣା ବାଲେଶ୍ୱରର ସୁରକ୍ଷାକୁ ନେଇ ଚିନ୍ତା !

## ୬ କୋଟି ଟଙ୍କାର ପଥରବନ୍ଧ ପ୍ରକଳ୍ପ କାର୍ଯ୍ୟକାରିତା ଉପରେ ମନ୍ତ୍ରୀଙ୍କ ଗୁରୁତ୍ୱ



ବାଲେଶ୍ୱର,୨୯।୯ (ନି.ପ୍ର): ଦୀର୍ଘଦିନ ଧରି କୂଳ ଖାଇ ଚାଲିଥିବା ବୁଢ଼ାବଳଙ୍ଗ ନଦୀର ପାର୍ଶ୍ୱ ପୁରୁଣାବାଲେଶ୍ୱର ଅଞ୍ଚଳକୁ ରକ୍ଷା କରିବା ପାଇଁ ବାରମ୍ବାର ଦାବି ହୋଇ ଆସୁଥିବା ବେଳେ ଏହି ପ୍ରକଳ୍ପର କାର୍ଯ୍ୟକାରିତା ନିମନ୍ତେ ସରକାରୀ ସ୍ତରରେ ଏବେ ତତ୍ପରତା ପ୍ରକାଶ ପାଇଛି। ସ୍ଥାନୀୟ ଲୋକଙ୍କ ଦାବିକୁ ଦୃଷ୍ଟିରେ ରଖି ପୂର୍ବତନ ସାଂସଦ ଇଂ ରବୀନ୍ଦ୍ର କୁମାର ଜେନା ଆଜି ରାଜ୍ୟ ଆଇନ୍ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ନେଇ ପୁରୁଣା ବାଲେଶ୍ୱରର ନଦୀପାର୍ଶ୍ୱ ଅସୁରକ୍ଷିତ ଅଞ୍ଚଳ ପରିଦର୍ଶନ କରିବା ସହ ସେଠାକାର ଦୀର୍ଘଦିନର ସମସ୍ୟା ସମ୍ପର୍କରେ ଅବଗତ ହୋଇଛନ୍ତି। ବୁଢ଼ାବଳଙ୍ଗ ନଦୀର ଗତିପଥ ବଦଳିବା ଫଳରେ ପ୍ରତିବର୍ଷ ପୁରୁଣାବାଲେଶ୍ୱର ପାର୍ଶ୍ୱ ଜମି ଖାଇ ଚାଲିଥିବା ସ୍ଥାନୀୟ ଲୋକେ ମନ୍ତ୍ରୀ ଓ ପୂର୍ବତନ ସାଂସଦଙ୍କୁ ଅବଗତ କରିଥିଲେ। ଦୀର୍ଘ ୧୦ ବର୍ଷ ଧରି ଏହି ପ୍ରକ୍ରିୟା ଜାରି ରହିଥିବା ବେଳେ ଇତିମଧ୍ୟରେ ବହୁ ଘର ଓ ଘରଡିହ ବୁଢ଼ାବଳଙ୍ଗ ନଦୀ ଗର୍ଭରେ ଲୀନ ହୋଇ ଯାଇଥିବା ସ୍ଥାନୀୟ ଲୋକେ ମନ୍ତ୍ରୀ ଶ୍ରୀ ଜେନାଙ୍କୁ ଜଣାଇଥିଲେ। ବୁଢ଼ାବଳଙ୍ଗ ନଦୀ କବଳରୁ ପୁରୁଣା ବାଲେଶ୍ୱରକୁ ରକ୍ଷା କରିବା ପାଇଁ ପ୍ରୋଟେକ୍ସନ ପଥରବନ୍ଧ ସାଙ୍ଗକୁ ଏହାର ଗତିପଥ ବଦଳାଇବା ନିମନ୍ତେ ସ୍ଥାନେ ସ୍ଥାନେ ନଦୀ ଭିତରକୁ ସ୍ପର ନିର୍ମାଣର ଆବଶ୍ୟକତା ସମ୍ପର୍କରେ ସେମାନେ କହିଥିଲେ। ଏନେଇ ଦୀର୍ଘଦିନ ଧରି ଦାବି ହୋଇ ଆସୁଥିଲେ ବି ଡ୍ରେନେଜ୍ ଓ ଜଳସେଚନ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନଥିବା ଗ୍ରାମବାସୀମାନେ ମନ୍ତ୍ରୀଙ୍କ ସମ୍ମୁଖରେ ଆରୋପ ଉଠାଇଥିଲେ। ମନ୍ତ୍ରୀ ଶ୍ରୀ ଜେନା ଓ ପୂର୍ବତନ ସାଂସଦ ଇଂ ଜେନା ବୁଢ଼ାବଳଙ୍ଗ ନଦୀ ପାର୍ଶ୍ୱ ବୁଲି ଦେଖିବା ସହିତ ଅସୁରକ୍ଷିତ ପୁରୁଣାବାଲେଶ୍ୱର ସ୍ଥିତି ସମ୍ପର୍କରେ ହୃଦବୋଧ ହୋଇଥିଲେ। ଏନେଇ ପୂର୍ବରୁ ୫ କୋଟି ୮୪ ଲକ୍ଷ ଟଙ୍କାର ଏକ ପ୍ରକଳ୍ପ ପ୍ରସ୍ତୁତ ହୋଇ ସରକାରୀ ଅନୁମୋଦନ ପାଇଁ ପଠାଯାଇଥିବା ପୂର୍ବତନ ସାଂସଦ ଇଂ ଜେନା କହିଥିଲେ। ତୁରନ୍ତ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ସେ ମନ୍ତ୍ରୀଙ୍କୁ ପ୍ରସ୍ତାବ ଦେଇଥିଲେ। ତେବେ ଜରୁରୀକାଳୀନ ଭିତ୍ତିରେ ନଦୀପାର୍ଶ୍ୱ ସୁରକ୍ଷା ପାଇଁ ଟେଣ୍ଡର ପାସ୍ ସହ ପ୍ରକଳ୍ପ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବା ପାଇଁ ମନ୍ତ୍ରୀ ଶ୍ରୀ ଜେନା ସେଠାରେ ଉପସ୍ଥିତ ଡ୍ରେନେଜ ବିଭାଗ ଓ ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସମ୍ପ୍ରତି ଏହି ପ୍ରକଳ୍ପ ପାଇଁ ୫ କୋଟି ୮୪ଲକ୍ଷ ଟଙ୍କାର ଅନୁଦାନ ମଞ୍ଜୁର କରାଯାଇଥିବା ବେଳେ ଆବଶ୍ୟକ ପଡ଼ିଲେ ଆଗାମୀ ଦିନରେ ଅଟକଳ ମୂଲ୍ୟ ବୃଦ୍ଧି କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ମନ୍ତ୍ରୀ ଓ ପୂର୍ବତନ ସାଂସଦଙ୍କ ଏହି କ୍ଷେତ୍ର ପରିଦର୍ଶନ ଓ ପ୍ରତିଶ୍ରୁତିକୁ ନେଇ ପୁରୁଣାବାଲେଶ୍ୱର ବାସିନ୍ଦାମାନେ ବେଶ୍ ସନ୍ତୋଷ ପ୍ରକାଶ କରିଛନ୍ତି।

## କୋଭିଡ ହସ୍ପିଟାଲରେ ପ୍ରତି ପନ୍ଦର ଦିନରେ ଥରେ ଅଗ୍ନି ନିରାପତା ଅଡିଟ୍ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୨୯।୯ (ନି.ପ୍ର): ପ୍ରତି ୧୫ ଦିନରେ ସମସ୍ତ କୋଭିଡ ହସ୍ପିଟାଲରେ ଅଗ୍ନି ନିରାପତା ଅଡିଟ୍ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଅଗ୍ନିଶମ ସେବା ନିର୍ଦ୍ଦେଶାଳୟ । ପୁଲିସ୍ ମହାନିର୍ଦ୍ଦେଶକ (ଅଗ୍ନିଶମ ସେବା, ହୋମ ଗାର୍ଡ ଏବଂ ସିଭିଲ୍ ଡିଫେନ୍ସ) ସତ୍ୟଜିତ୍ ମହାନ୍ତି ଏହି ନିର୍ଦ୍ଦେଶ ପାଳନ କରିବା ପାଇଁ ସମସ୍ତ ରେଞ୍ଜ ଅଗ୍ନିଶମ ଅଧିକାରୀଙ୍କୁ ଏକ ସର୍କୁଲାର ଜାରି କରିଥିବା ଜଣାପଡିଛି । ଏହି ସର୍କୁଲାରରେ ପ୍ରତ୍ୟେକ ସିଫ୍ଟରେ ସେମାନଙ୍କ ମଧ୍ୟରୁ ଜଣେ କର୍ମଚାରୀଙ୍କୁ ଜରୁରୀକାଳୀନ ରେସପନ୍ସ ଅଫିସର ଭାବରେ ନିଯୁକ୍ତ କରା ଯିବାକୁ ନିର୍ଦ୍ଦେଶ ଦିଆଯାଇଛି ।

# ଖୋର୍ଦ୍ଧା ସାହିତ୍ୟ ସଂସଦ ତରଫରୁ ସ୍ମୃତିସଭା



ଖୋର୍ଦ୍ଧା,୨୯।୯ (ନି.ପ୍ର): ଖୋର୍ଦ୍ଧା ସାହିତ୍ୟ ସଂସଦର ସଦସ୍ୟ କବିପ୍ରଫୁଲ୍ଲ କୁମାର ମିଶ୍ର, ସମାଲୋଚକ ପ୍ରଧ୍ୟାପକ ପ୍ରଫୁଲ୍ଲ କୁମାର ପାଇକରାୟ ଏବଂ ବେତାର ଓ ମଂଚଶୀଳ୍ପି ପ୍ରଧାପିକା ଆଦରମଣି ବରାଳଙ୍କ ବିୟୋଗରେ ଏକ ସ୍ମୃତିସଭା ସାହିତ୍ୟ ସଂସଦ ସଭାପତି ପ୍ରଧ୍ୟାପକ ଗୋପାଳକୃଷ୍ଣ ଦାସଙ୍କ ପୌରହିତ୍ୟରେ ସଂସଦ ସଦନ ଠାରେ ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧାର ପ୍ରବୀନ କବି ମାନଙ୍କ ଗ୍ରନ୍ଥର ସଂପାଦନା ପାଇଁ ପ୍ରଫୁଲ୍ଲ କୁମାର ପାଇକରାୟଙ୍କୁ ସଂସଦର ବିଗତ ବାର୍ଷିକୋତ୍ସବରେ ସମ୍ବର୍ଦ୍ଧନା କରାଯାଇଥିଲା। କବି ପ୍ରଫୁଲ୍ଲ ମିଶ୍ରଙ୍କ କବିତା ଗ୍ରନ୍ଥ ସଂପର୍କରେ ଆଲୋଚନା ସହିତ ଶିକ୍ଷାବିତ୍ ଆଦରମଣି ବରାଳଙ୍କ ସଂସ୍କୃତି ଓ ସମାଜସେବା କ୍ଷେତ୍ରରେ ଅବଦାନ ସଂପର୍କରେ ଆଲୋଚନା କରାଯାଇଥିଲା। ।ହିତ୍ୟ ସଂସଦର ସମ୍ପାଦକ ଡକ୍ଟର ଧୀରେନ୍ଦ୍ର ନନ୍ଦ ପ୍ରାରମ୍ଭିକ ସୂଚନା ଦେବା ପରେ ପ୍ରାକ୍ତନ ସଭାପତି ବୈକୁଣ୍ଠନାଥ ରାଜଗୁରୁ, ଡକ୍ଟର ପ୍ରଶାନ୍ତ ପାଣିଗ୍ରାହୀ, ଡକ୍ଟର ନିରଞ୍ଜନ ମହାନ୍ତି, ସହସଂପାଦକ ଡକ୍ଟର କୈଳାଶ ଚନ୍ଦ୍ର ମହାରଣା, ଉପସଭାପତି ଡା. ଯୋଗେଶ ଚନ୍ଦ୍ର ରଥ, ପ୍ରଫୁଲ କୁମାର ସାମନ୍ତରାୟ, ନିଳାଦ୍ରୀନାଥ ଜଗଦେବ, କବୟିତ୍ରୀ ପ୍ରିୟଦର୍ଶିନୀ ମହାରଣା, ସମାଜସେବୀ ନରେନ୍ଦ୍ର କୁମାର ପୃଷ୍ଟି, ସରୋଜ ସୁନ୍ଦର ପଟ୍ଟନାୟକ ପ୍ରମୁଖ ଏହି ଦିବଂଗତ ସାରସ୍ୱତ ସାଧକ ମାନଙ୍କର ଗୁଣଗାନ କରିଥିଲେ।

# ଅକ୍ଟୋବର ୪ରୁ ଖୋଲିବ ନନ୍ଦନକାନନ

ଭୁବନେଶ୍ୱର,୨୯।୯ (ନି.ପ୍ର): ଆସନ୍ତା ଅକ୍ଟୋବର ୪ ତାରିଖରୁ ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଖୋଲିବ । ଏହାସହ ବଟାନିକାଲ ଗାର୍ଡେନ ମଧ ୪ ତାରିଖରୁ ଖୋଲିବ । ଏନେଇ ସୂଚନା ଦେଇଛନ୍ତି ନନ୍ଦନକାନନ ଉପନିର୍ଦ୍ଦେଶକ ବିମଳ ପ୍ରସନ୍ନ ଆଚାର୍ଯ୍ୟ। କରୋନା କଟକଣା ପାଇଁ ଗତ ମାର୍ଚ୍ଚ ମାସରୁ ନନ୍ଦନକାନନ ବନ୍ଦ ରହିଥିଲା । ତେବେ ନନ୍ଦନକାନନ ଖୋଲିବା ପରେ କରୋନା କଟକଣାକୁ ପାଳନ କରାଯିବ । ମାସ୍କ ପିନ୍ଧିନଥିବା କୌଣସି ପର୍ଯ୍ୟଟକଙ୍କୁ ଭିତରକୁ ଛଡାଯିବନି । ପର୍ଯ୍ୟଟକଙ୍କ ଥର୍ମାଲ ସ୍କାନିଂ କରାଯିବ। ଏହାସହ ଏନକ୍ଲୋଜର ଛୁଇଁବା ପାଇଁ ମଧ ବାରଣ କରାଯାଇଛି । ଉଭୟ ଅନଲାଇନ ଓ ଅଫଲାଇନରେ ଟିକେଟ ମିଳିବ। ଅଫଲାଇନରେ ଧାଡି କରି ଲୋକମାନେ ଛିଡା ହେବେନି ଜଣକ ପରେ ଜଣେ ଆସି ଟିକେଟ ନେବେ ବୋଲି କୁହାଯାଇଛି।

# ସିଦ୍ଧମହାବୀର ଓଭରବ୍ରୀଜ୍ ଲାଗି ସର୍ଭେ ଆରମ୍ଭ

ପୁରୀ,୨୯।୯ (ନି.ପ୍ର): ସିଦ୍ଧ ମହାବୀର ଓଭର ବ୍ରୀଜ୍ ନିର୍ମାଣ ଲାଗି ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଛି। ଏଥି ସହିତ ପ୍ରସ୍ତାବିତ ଓଭର ବ୍ରୀଜ୍ ନିର୍ମାଣ ଲାଗି ବିସ୍ଥାପିତ ହେବାକୁଥିବା ଲୋକମାନଙ୍କ ସହିତ ପ୍ରଶାସନ ଆଲୋଚନା କରିଛି। ଉପ ଜିଲ୍ଲାପାଳ ଭବତାରଣ ସାହୁ ଓ ଅନ୍ୟ ବିଭାଗୀୟ ଅଧିକାରୀମାନେ ଓଭରବ୍ରୀଜ୍ ଯୋଗୁ କ୍ଷତିଗ୍ରସ୍ତହେବାକୁଥିବା ଲୋକମାନଙ୍କ ସହିତ ଆଲୋଚନା କରିଥିଲେ। ଆଲୋଚନା ସମୟରେ ପ୍ରଭାବିତ ହେବାକୁ ଥିବା ଅଧିବାସୀମାନଙ୍କ ପକ୍ଷରୁ ମୁଖ୍ୟତଃ ୪ ଟି ଦାବି ଉପସ୍ଥାପନ କରାଯାଇଥିଲା। ପ୍ରଭାବିତ ହେବାକୁଥିବା ଲୋକମାନଙ୍କୁ ଉପଯୁକ୍ତ ଥଇଥାନ, ଅନ୍ୟସ୍ଥାନରେ ଜମି ପ୍ରଦାନ କରାଗଲେ ତୁରନ୍ତ ତାହାର ରେକର୍ଡ଼ ପ୍ରଦାନ, ଉପଯୁକ୍ତ କ୍ଷତିପୂରଣ ଓ ଶ୍ରୀମନ୍ଦିର ଚତୁଃପାର୍ଶ୍ୱର ଉନ୍ନତିକରଣ ପାଇଁ ଯେପରି ପ୍ୟାକେଜ ପ୍ରଦାନ କରାଯାଇଛି। ସେହିଭଳି ଢ଼ଙ୍ଗରେ ପ୍ରଭାବିତ ଲୋକମାନଙ୍କ ଲାଗି ପ୍ୟାକେଜ ଘୋଷଣା କରିବାକୁ ସେମାନେ ଦାବି କରିଥିଲେ। ସେମାନଙ୍କ ଦାବି ସମ୍ପର୍କରେ ଉପଯୁକ୍ତ ବିଚାର କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଥିଲା।

# ରକ୍ତତୀର୍ଥ ଇରମରେ ୭୮ତମ ସହିଦ ସ୍ମୃତି ଦିବସ ପାଳିତ



ବାସୁଦେବପୁର,୨୯।୯ (ନି.ପ୍ର): ୧୯୪୨ ମସିହା ସେପ୍ଟେମ୍ବର ୨୮ ତାରିଖ ରେ ଭାରତ ଛାଡ ଆନ୍ଦୋଳନ ସମୟରେ ଇଂଗ୍ରେଜ ମାନଙ୍କ ନିଷ୍ଠୁର ବନ୍ଧୁକ ଗୁଳିରେ ରକ୍ତତିର୍ଥ ଇରମରେ ୨୯ ଜଣ ଦେଶପାଇଁ ରକ୍ତ ଦେଇ ସହୀଦ ହୋଇଥିଲେ। ଏହି ସହିଦ ମାନଙ୍କ ଉଦ୍ଦେଶ୍ୟରେ ପ୍ରତ୍ୟେକ ବର୍ଷ ସହିଦ ସ୍ମୃତି ଦିବସ ପାଳନ କରାଯାଇଛି। ଚଳିତ ବର୍ଷ ରକ୍ତତିର୍ଥ ଇରମରେ ୭୮ଜଣ ସହିଦ ଦିବସ ଆଜି ନିରାଡମ୍ବର ଭାବେ ପାଳିତ ହୋଇଯାଇଛି। ଭଦ୍ରକ ଜିଲ୍ଲା ଆରକ୍ଷୀ ବାହିନୀ ପକ୍ଷରୁ ସହିଦ ସମାଧିପୀଠରେ ତୋପ ସଲାମୀ ପ୍ରଦାନ କରାଯାଇଥିଲା। ଏହି ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଭଦ୍ରକ ଜିଲ୍ଲା ସଂାସଦ ମଂଜୁଲତା ମଣ୍ଡଳ ଓ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ଧାମନଗର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲ୍ଲାପାଳ ଜ୍ଞାନଦାସ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାସ ତିହିଡି ବ୍ଲକ ଚେୟାରମ୍ୟାନ ବିଦ୍ୟୁତ ଲତା ନାୟକ । ସମସ୍ତ ଅତିଥି ସହିଦ ସମାଧି ପୀଠରେ ପୁଷ୍ପଗୁଛ ଦେଇ ସହିଦଙ୍କୁ ଶ୍ରଦ୍ଧାଞ୍ଜଳି ବାଢ଼ିଥିଲେ। ଇରମର ସହିଦ ସ୍ମୃତି ସ୍ତମ୍ଭଠାରେ ମଧ ସମସ୍ତେ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧରେ ବାସୁଦେବପୁର ବିଡିଓ ପ୍ରଣବ ବେହେରା, ବାସୁଦେବପୁର ଥାନାର ଭାରପ୍ରାପ୍ତ ଅଧିକାରୀ ଆଦିତ୍ୟ ଜେନା, ଇରମ ଗ୍ରାମ ପଞ୍ଚାୟତ ସରପଞ୍ଚ ପ୍ରଫୁଲ୍ଲ ବିଶ୍ୱାଳ, ଶିକ୍ଷାବିତ୍ ଭାଗିରଥି ମହାନ୍ତି, ସାଂସଦ ପ୍ରତିନିଧି ସୁରେଶ ମହାନ୍ତି, ଶିକ୍ଷାବିତ୍ ଦୁଶାସନ ରାଉତ, ଅଧାପକ ରାଜକିଶୋର ରାୟ ଯୋଗ ଦେଇ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ବାସୁଦେବପୁର ସହିଦ ତୀର୍ଥଯାତ୍ରୀ ସଂଘର ପ୍ରତିଷ୍ଠାତା ବୈଲୋଚନ ଜେନା, ନାରୀନେତ୍ରୀ ବନଲତା ଜେନା, ଲୁଙ୍ଗା ବିକାଶ ପରିଷଦର ସଂପାଦକ ଦେବଦର୍ଶନ ଦାଶ, ଯୁବ ନେତା ଗିରିଶ ସାମଲ , ବିଜୁ ଜନତା ଦଳର ବ୍ଲକ ସଭାପତି ଦୀନବନ୍ଧୁ ଦାସ, ବିଧାୟକ ପ୍ରତିନିଧି ଅସିତ ଦାଶ, ସରପଞ୍ଚ ଯଦୁନାଥ ନାୟକ , ସହିଦ ସ୍ମୃତି ସାଂସ୍କୃତିକ ପରିଷଦର ସଂପାଦକ ରଂଜନ ନାୟକ, ଭଗବାନ ନାୟକ, ବାସୁଦେବପୁର ପ୍ରେସ କ୍ଲବର ସଂପାଦକ ନିରଦ କୁମାର ଦାଶ, ଗବେଷକ ଅଜୟ ପଣ୍ଡା, ରଙ୍ଗରାଗର ସଂପାଦକ କବି ପ୍ରଦୀପ୍ତ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇ ସହିଦ ମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଜାତୀୟ କବି ବାଞ୍ଛାନିଧି ମହାନ୍ତିଙ୍କ ପ୍ରତିମୂର୍ତ୍ତି, ବାସୁଦେବପୁର ଗାନ୍ଧୀ ଗୌରାଙ୍ଗ ଚନ୍ଦ୍ର ମହାନ୍ତି, ସ୍ୱାଧୀନତା ସଂଗ୍ରାମୀ ନୀଳମଣି ରାଉତରାୟଙ୍କ ପ୍ରତିମୁର୍ତ୍ତି, ଲବଣ ତୀର୍ଥ ଚୁଡାମୁଣି ସ୍ତମ୍ଭରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପର୍ଯ୍ୟଟନ ମନ୍ତ୍ରୀଙ୍କ ଦ୍ୱାରା ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତ ରାୟଙ୍କ ଆନୁକୁଲ୍ୟରେ ଇରମର ଭିତ୍ତିଭୂମିର ବିକାଶ ପାଇଁ ୨୫ ଲକ୍ଷ ଟଙ୍କା ଅନୁଦାନ ଆସିଛି ବୋଲି ଘୋଷଣା କରାଯାଇଥିଲା। ଭଦ୍ରକ ସାଂସଦ ମଂଜୁଲତା ମଣ୍ଡଳ ରକ୍ତତୀର୍ଥ ଇରମକୁ ଜାତୀୟ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇଁ ପାର୍ଲିଆମେଣ୍ଟରେ ଦାବି ଉଠାଇଛନ୍ତି। କୋଭିଡ ସମୟରେ ସାମାଜିକ ଦୂରତା ରକ୍ଷା କରାଯାଇଥିଲା। ସଂଗ୍ରାମୀ ଅନିରୁଦ୍ଧ ମହାନ୍ତି, କମଳା ପ୍ରସାଦ କର, ଗଣେଷ ତ୍ରପାଠୀ, ଅର୍ଜୁନ ବିଶ୍ୱାଳ, ଭାରତବର୍ଷର ପ୍ରଥମ ମହିଳା ସହିଦ ପରିବେଓ୍ୱାଙ୍କ ଦେଶ ପ୍ରେମକୁ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ ରାଜ୍ୟ ସରକାର ଓ କେନ୍ଦ୍ର ସରକାର ଏହି ଅବହେଳିତ ଥିବା ରକ୍ତତୀର୍ଥ ଇରମ ମାଟି ପ୍ରତି ଉପଯୁକ୍ତ ଦୃଷ୍ଟି ଦେଲେ ଏବଂ ଏହାର ବିକାଶ ପାଇଁ ଚେଷ୍ଟା କଲେ ନିଶ୍ଚିତ ସହିଦ ପରିବାର ଓ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ପ୍ରତି ଉପଯୁକ୍ତ ଶ୍ରଦ୍ଧାଞ୍ଜଳି ହୋଇପାରିବ। ସ୍ଥାନୀୟ କ୍ଲବ ପକ୍ଷରୁ ଇରମରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା।

# କରୋନା ସଂକ୍ରମିତ ବ୍ୟକ୍ତିର ମୃତ୍ୟୁ : ପ୍ରଶାସନର ବିଳମ୍ବ କାର୍ଯ୍ୟକ୍ରମ ଯୋଗୁଁ ପାଖରା ଗ୍ରାମରେ ଉତ୍ତେଜନା

ଜଳେଶ୍ୱର,୨୯।୯ (ନି.ପ୍ର): ଜଳେଶ୍ୱର ବ୍ଲକର କରୋନା ସଂକ୍ରମଣ ବଢି ଚାଲିଥିବା ବେଳେ ମୃତ୍ୟୁ ସଂଖ୍ୟାରେ ଆଉ ଜଣକ ନାମ ଯୋଡି ହୋଇ ଯାଇଛି । ଖାଲିନା ପଂଚାୟତର ପାଖରା ଗାଁରେ ଶ୍ରୀକାନ୍ତ ପ୍ରଧାନ(୬୭)ଙ୍କୁ ଦୀର୍ଘଦିନ ଜ୍ୱର, କାଶ ଲାଗି ରହିବାରୁ ସେ ଗତ ୨୬ ତାରିଖରେ ବାଲେଶ୍ୱର ଫକୀରମୋହନ ମେଡିକାଲ କଲେଜକୁ ନେଇଯାଇଥିଲେ । ସେଠାରେ କରୋନା ପଜେଟିଭ୍ ଜଣାଯାଇଥିଲେ ମଧ୍ୟ ହେମ ଲକରେଣ୍ଟାଇନ୍‌ରେ ରଖିବାକୁ ପରାମର୍ଶ ଦିଆଯାଇଥିବା ପରିବାର ପକ୍ଷରୁ କୁହାଯାଇଛି । କିନ୍ତୁ ଗତ ରବିବାର ରାତିରେ ଖାଦ୍ୟ ଖାଇବା ସହିତ ଔଷଧ ଖାଇ ଶୋଇଥିଲେ ହେଁ ଭୋର ୪ଟାରେ ତାଙ୍କର ମୃତ୍ୟୁ ଘଟିଥିଲା । ଖବର ପାଇ ନାମ୍ପୋ ଏଏନ୍‌ଏମ୍ ଘଟଣାସ୍ଥଳରେ ପହଞ୍ଚିଥିଲେ ଓ ପରେ ମେଡିକାଲ ଅଫିସର ଅଜୟ କୁମାର ସାହୁ ପହଞ୍ଚିବାପରେ ଗ୍ରାମରେ ଉତ୍ତେଜନା ଦେଖା ଦେଇଥିଲେ । ଶବ ସତ୍କାର ଲାଗି ଗ୍ରାମବାସୀ ସହଯୋଗ କରିବାକୁ ମନା କରିବାରୁ ଜିଲା ପ୍ରଶାସନକୁ ଜଣାଇ ଦିଆଯାଇଥିଲା । ଶେଷରେ ଅପରାହ୍ନ ୩ଟାରେ ଏକ ସ୍ୱତନ୍ତ୍ର ଆମ୍ବୁଲାନ୍ସରେ ଶବକୁ ବାଲେଶ୍ୱର ନିଆଯାଇଛି । ଶବ ସତ୍କାର ଲାଗି ପୁଅ ଉତ୍କଳ ପ୍ରଧାନ ସେମାନଙ୍କ ସହ ଯାଇଥିବା ଜଣାଯାଇଛି । କୋଭିଡ୍ ସଂକ୍ରମିତ ଙ୍କ ପ୍ରତି ଠିକ୍ ଚିକିତ୍ସା କରାଯାଉନଥିବା ଓ ସରକାରଙ୍କ ଖାମ୍‌ଖିଆଲି ନିତୀକୁ ବରେନ୍ଦ୍ର ପ୍ରଧାନ ସମାଲୋଚନା କରିବା ସହ ସରକାରୀ ସହାୟତା ଯୋଗାଇବାକୁ ଦାବି କରିଥିଲେ ।

# ସମ୍ବଲପୁର ମଣ୍ଡଳରେ ସ୍ୱଚ୍ଛ ଆହାର, ସ୍ୱଚ୍ଛ ଅଭିଯାନ ଓ ସ୍ୱଚ୍ଛ ପ୍ରସାଧନ ଅଭିମାନ ଆୟୋଜିତ

ଭୁବନେଶ୍ୱର,୨୯।୯ (ନି.ପ୍ର): ପୂର୍ବତଟ ରେଳବାଇ ସମ୍ବଲପୁର ମଣ୍ଡଳରେ ୧୬ ସେପ୍ଟେମବରରୁ ୩୦ ସେପ୍ଟେମ୍ବର ୨୦୨୦ ମଧରେ ସ୍ୱଚ୍ଛ ରେଳ ସ୍ୱଚ୍ଛ ଭାରତ ସ୍ୱଚ୍ଛତା ପାକ୍ଷିକ ଆୟୋଜନ କରାଯାଇଅଛି । ଏହି ଅବସରରେ ୨୪ ଓ ୨୫ ସେପ୍ଟେମ୍ବରରେ ସ୍ୱଚ୍ଛତା ଆହାର, ୨୬ ସେପ୍ଟେମ୍ବରରେ ସ୍ୱଚ୍ଛତା ଅଭିଯାନ ଏବଂ ୨୭ ସେପ୍ଟେମ୍ବରରେ ସ୍ୱଚ୍ଛ ପ୍ରସାଧନ ଆୟୋଜିତ ହୋଇଯାଇଛି । ଏହି ଅଭିଯାନ ଗୁଡ଼ିକ ଅନ୍ତର୍ଗତ କ୍ୟାଂଟିନ, ଫୁଡ଼ ଷ୍ଟଲ, ପ୍ୟାଂଟ୍ରି କାର, ଚା ଷ୍ଟଲ ଏବଂ ଅନ୍ୟାନ୍ୟ କେଟରିଂ ୟୁନିଟ୍ ଗୁଡ଼ିକର ବ୍ୟାପକ ଭାବେ ସଫା ସୁତୁରା କରାଯାଇଥିଲା । ବିଭିନ୍ନ ଷ୍ଟେସନରେ ରେଲୱେ କଲୋନୀରେ ଷ୍ଟେସନ କୋଚିଂ ଡିପୋ ଗୁଡ଼ିକ ବିଶେଷ ଭାବେ ସଫା ସୁତୁରା କରାଯାଇଥିଲା । ମଣ୍ଡଳର ଷ୍ଟେସନ ଗୁଡ଼ିକରେ ଥବବା ଶୌଚାଳୟ ଗୁଡ଼ିକରେ ପରିଷ୍କାର ଓ ପରିଚ୍ଛନ୍ନତା ଉପରେ ଗୁରୁତ୍ୱ ଦିଆଯାଇ ବିଶେଷ ଭାବେ ସଫା କରାଯାଇଥିଲା । ୨୮ ସେପ୍ଟେମ୍ବର ୨୦୨୦ରେ ମଣ୍ଡଳର ବିଭିନ୍ନ ଷ୍ଟେସନରେ ସ୍ୱଚ୍ଛ ନୀର ଅଭିଯାନ ଆୟୋଜନ କରାଯିବ ।

# ଲୋକଙ୍କୁ ମୌଳିକ ସେବା ପ୍ରଦାନରେ ବିଫଳ ପ୍ରଶାସନ : ବିଭିନ୍ନ ଦାବି ନେଇ ବିଜେପି କର୍ମୀଙ୍କ ସଦର ବ୍ଲକ ଘେରାଓ



ବାଲେଶ୍ୱର,୨୯।୯ (ନି.ପ୍ର): ବିଭିନ୍ନ ଦାବି ନେଇ ଭାରତୀୟ ଜନତା ପାର୍ଟି, ସଦର ନିର୍ବାଚନମଣ୍ଡଳୀ ପକ୍ଷରୁ ଆଜି ସଦର ବ୍ଲକ ଘେରାଓ କରାଯାଇଥିଲା। ବିଜେପି ସଦର ନିର୍ବାଚନମଣ୍ଡଳୀ ସଂଯୋଜକ ମାନସ କୁମାର ଦତ୍ତଙ୍କ ନେତୃତ୍ୱରେ ସ୍ଥାନୀୟ ସଦର ବ୍ଲକ କାର୍ଯ୍ୟାଳୟ ଓ କାଳୀ ମନ୍ଦିର ନିକଟସ୍ଥ ବିଦ୍ୟୁତ କାର୍ଯ୍ୟାଳୟରେ ଘେରାଓ ସହ ଦାବିପତ୍ର ପ୍ରଦାନ କରାଯାଇଛି। ସଦର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସମସ୍ତ ପଞ୍ଚାୟତର ନିର୍ବାଚିତ ପ୍ରତିନିଧି ଓ ପ୍ରମୁଖ କାର୍ଯ୍ୟକର୍ତ୍ତାଙ୍କ ଉପସ୍ଥିତିରେ ରାସନ କାର୍ଡ ବଣ୍ଟନରେ ପାତର ଅନ୍ତର ନୀତି, ଭତ୍ତା ହିତାଧିକାରୀ ଚୟନରେ ଅନିୟମିତତା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଆବଣ୍ଟନରେ ବ୍ୟାପକ ଦୁର୍ନୀତି ଓ ଚଞ୍ଚକତା, ଏସ.ପି.ଏଫ ରେ ମଞ୍ଜୁର ଅନୁଦାନ ଅର୍ଥକୁ ନିର୍ବାଚିତ ପ୍ରତିନିଧିମାନଙ୍କ ଜରିଆରେ ଖର୍ଚ୍ଚ କରାଇବା, ମନରେଗା ଯୋଜନାରେ ଶ୍ରମିକମାନଙ୍କର ମଜୁରୀକୁ ତୁରନ୍ତ ପ୍ରଦାନ କରିବା ଓ ବ୍ଲକର ଅଧିକାରୀ ଏବଂ କର୍ମଚାରୀମାନେ ଶାସକ ଦଳର ପ୍ରୀତି ଛାଡି ଗରିବ ଜନତାର ମୌଳିକ ସୁବିଧା ପୂରଣ ପାଇଁ ନିଜ କାର୍ଯ୍ୟକୁ ସଠିକ ଭାବେ ତୁଲାଇବା ଇତ୍ୟାଦି ଦାବିରେ ଏହି ଘେରାଓ ତଥା ପ୍ରତିବାଦ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସେହିଭଳି ବାଲେଶ୍ୱର ସହରର ବହୁବିଧ ବିଦ୍ୟୁତ ସମସ୍ୟାକୁ ନେଇ ବାଲେଶ୍ୱର ବିଦ୍ୟୁତ ବିଭାଗର କାଳୀ ମନ୍ଦିରସ୍ଥିତ କାର୍ଯ୍ୟାଳୟ ସମ୍ମୁଖରେ ବିଜେପି ନଗର ଶାଖା ତରଫରୁ କର୍ମୀମାନେ ଧାରଣାରେ ବସିଥିଲେ। ବାରମ୍ବାର ଅଘୋଷିତ ବିଜୁଳି କାଟ, ଅହେତୁକ ବିଦ୍ୟୁତ ବିଲ୍‌ରେ ବୃଦ୍ଧି, ପ୍ରଧାନମନ୍ତ୍ରୀ ସୌଭାଗ୍ୟ ଯୋଜନାରେ ବିନା ପାତର ଅନ୍ତରରେ ସଠିକ ହିତାଧିକାରୀ ଚୟନ ଓ ବିଦ୍ୟୁତ ସଂଯୋଗ, ସହର ମଧ୍ୟରେ ବିପଦ ସଙ୍କୁଳ ଅବସ୍ଥାରେ ଥିବା ବିଦ୍ୟୁତ ଖୁଣ୍ଟ ଗୁଡିକୁ ମରାମତି କିମ୍ବା ସ୍ଥାନାନ୍ତର କରାଯାଉ, ସହର ମଧ୍ୟରେ ଥିବା ସମସ୍ତ ଫ୍ୟୁଜ କଲ ଅଫସକୁ କାର୍ଯ୍ୟକ୍ଷମ କରାଇବା ଇତ୍ୟାଦି ଦାବିନେଇ ଏକ ସ୍ମାରକ ପତ୍ର ଏସଡିଓଙ୍କୁ ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ନେତା ରବିନାରାୟଣ ମହାପାତ୍ର, ଶୁଭଙ୍କର ମହାପାତ୍ର, ଗୌରାଙ୍ଗ ଦାସ, ସୀତାକାନ୍ତ ସ୍ୱାଇଁ, ସୁଜିତ ଦେବ, ମିହିର ପାଣି, ପ୍ରଦୀପ ପତି, ଗଙ୍ଗାଧର ରାଉତ, ସତ୍ୟଜିତ ମିଶ୍ର, ପ୍ରବୀର ଶଙ୍କର ଦାସ, ଲୋକନାଥ ଭୂୟାଁ, ମନ୍ମୟ ଦାସ, ଅନ୍ତର୍ଯ୍ୟାମୀ ବେହେରା, ସର୍ବେଶ୍ୱର ମହାନ୍ତି, ଶ୍ରୀକାନ୍ତ ମହାପାତ୍ର, ଅନ୍ନପୂର୍ଣ୍ଣା ମଣ୍ଡଳ, ସତ୍ୟଭାମା ରାଉତ, ସାନିଆ ମୁର୍ମୁ, ଜୟନ୍ତୀ ମୁର୍ମୁ, କାଳିଚରଣ ମାଝୀ, ରଶ୍ମିତା ମଣ୍ଡଳ, ଅମ୍ବିକା ବେହେରା, ଅନୀଲ ପାତ୍ର, କାର୍ତ୍ତିକ ରାଉତ, ତପନ ଗିରି, ବିଜୟ ଦାସ, ଜୀବନ ପାତ୍ର, ମଣ୍ଟୁ ପେରିଓ୍ୱାଲ, ଲକ୍ଷ୍ମୀକାନ୍ତ ବେହେରା, ଧୀରଜ ମହାନ୍ତି, ମାଧବାନନ୍ଦ ସାହୁ, ବିବେକାନନ୍ଦ ରାଉତ, ସୁସ୍ମିତା ପଣ୍ଡା, ସସ୍ମିତା ଚାନ୍ଦ, ଶ୍ରୀୟା ଦାସ, ଅରୁପ ଜେନା, ପବନ କମିଲା, ସରୋଜ ହାଜରା, ସେଖ ହଲିମ, ଉତ୍ତମ ପ୍ରଧାନ, ତରୁଣ ବର୍ଦ୍ଧନ, ବସନ୍ତ ନାୟକ,ଅଶୋକ ଦାସ, ରାକେଶ ପାଢୀ, ପ୍ରତାପ ପ୍ରଧାନ, ସ୍ୱାଧୀନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## କଟକରେ ଗତ ୨୪ ଘଂଟା ମଧ୍ୟରେ ମାସ୍କ ନ ପିନ୍ଧିଥିବାରୁ ୨୪୦ ଜଣଙ୍କ ଠାରୁ ଜୋରିମାନା

ଭୁବନେଶ୍ୱର,୨୯।୯ (ନି.ପ୍ର): କମିଶନରେଟ ପୋଲିସ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ କଟକରେ ୨୪୦ ଜଣଙ୍କ ଠାରୁ ଜୋରିମାନା ଆଦାୟ କରିଛି । ସେହିପରି ସାମାଜିକ ଦୂରତ୍ୱ ନିୟମ ପାଳନ କରି ନ ଥିବା ଅଭିଯୋଗରେ ୧୨୭୨ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । ମୋଟର ଯାନ ଆଇନ୍ ଓ ଓଡିଶା ସହରାଂଚଳ ପୋଲିସ ଆଇନ୍ ଉଲ୍ଲଂଘନ କରିଥିବା ୫୪୦ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । ଏହି ସମୟ ମଧ୍ୟରେ ଗୋଟିଏ ଦୋକାନ ସିଲ କରା ଯାଇଛି । କଟକ ଡିସିପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି।

# ମୟୁରଭଞ୍ଜ ସାଂସଦ ହେଲେ ବିଜେପି ରାଷ୍ଟ୍ରୀୟ ସମ୍ପାଦକ



ବାରିପଦା,୨୯।୯ (ନି.ପ୍ର): ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ଅଧକ୍ଷ ଜେପି ନଡ୍ଡା କେନ୍ଦ୍ରୀୟ କମିଟି ଘୋଷଣା କରିଛନ୍ତି। ବିଜେପିର ଜାତୀୟ କର୍ମକର୍ତା ଟିମରେ ଓଡ଼ିଶାର ୪ଜଣ ନେତାଙ୍କୁ କର୍ମକର୍ତା ଭାବେ ସାମିଲ କରାଯିବା ସହିତ ଗୁରୁତ୍ୱପୂର୍ଣ୍ଣ ପଦପଦବୀ ପ୍ରଦାନ କରାଯାଇଛି। ବିଜେପି ପକ୍ଷରୁ ଜାରି କର୍ମକର୍ତାଙ୍କ ତାଲିକା ଅନୁସାରେ କମିଟିରେ ଜାତୀୟ ସମ୍ପାଦକ ପଦବୀରେ ମୟୂରଭ ସାଂସଦ ବିଶେଶ୍ୱର ଟୁଡୁଙ୍କୁ ନିଯୁକ୍ତି ମଳିଛି। ପୂର୍ବରୁ ସାଂସଦ ଶ୍ରୀ ଟୁଡୁ ରାଜ୍ୟ ଅନୁସୂଚିତ ଜନଜାତି ମୋର୍ଚ୍ଚା ସଭାପତି ପଦରେ ଅଛନ୍ତି। ତାଙ୍କର ଏହି ନୂତନ ନିଯୁକ୍ତି ନେଇ ଜିଲ୍ଲା ବିଜେପି ତଥା ତାଙ୍କ ପ୍ରଶଂସକ ମହଲ ତଟା ଜିଲ୍ଲାର ବିଭିନ୍ନ ବର୍ଗରୁ ସାଂସଦଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି । ମୟୁରଭ ମହାରାଜା ତଥା ପୂର୍ବତନ ମନ୍ତ୍ରୀ ପ୍ରବୀଣ ଚନ୍ଦ୍ର ଭଦେଓ, ବାରିପଦା ବିଧାୟକ ପ୍ରକାଶ ସୋରେନ, ସାରସକଣା ବିଧାୟକ ବୁଡାନ ମୁର୍ମୁ, ବଡ଼ସାହି ବିଧାୟକ ସନାତନ ବିଜୁଳି, ଜିଲ୍ଲା ସଭାପତି କାନ୍ଦ୍ରା ସରେନ, ପୂର୍ବତନ ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ମହାପାତ୍ର, ଉଦଳା ବିଧାୟକ ଭାସ୍କର ମଢ଼ଇ, ବରିଷ୍ଠ ବିଜେପି ନେତା ଶ୍ରୀ ଛୋଟେଲାଲ ମହାନ୍ତ, ଜିଲ୍ଲା ପରିଷଦ ସଭ୍ୟ ବ୍ରଜମୋହନ ବେହେରା, ରାଜୁ ଶାହା, ଜୀବନ ସାହୁ, ପରେଶ ମହାନ୍ତ, ଲକ୍ଷ୍ମୀଧର ହାଓ୍ୱଡା, ଦେବବ୍ରତ ସାମଲ ସାଂସଦଙ୍କୁ ଅଭିନନ୍ଦନ ଜଣାଇବା ସହିତ ସହିତ ମାନନୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଷ୍ଟ୍ରୀୟ ସଭାପତି ଜେପି ନଡ୍ଡା, କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ମୟୁରଭ ଜିଲ୍ଲା ଭଳି ଏକ ବୃହତ୍ ଆଦିବାସୀ ଅଧୁଷିତ ଜିଲ୍ଲାକୁ ଗୁରୁତ୍ୱ ଦେଉ ଥିବାରୁ ଧନ୍ୟବାଦ ଜଣାଇଛନ୍ତି।

# ଦଳରୁ ବହିଷ୍କୃତ ହେଲେ ବିଜୁ ଯୁବ ଜନତା ଦଳର ସାଧାରଣ ସମ୍ପାଦକ କଳ୍ପତରୁ ଓଝା

ଭୁବନେଶ୍ୱର,୨୯।୯ (ନି.ପ୍ର): ବିଜୁ ଯୁବ ଜନତା ଦଳର ସାଧାରଣ ସମ୍ପାଦକ କଳ୍ପତରୁ ଓଝାଙ୍କୁ ଦଳରୁ ବହିଷ୍କାର କରାଯାଇଛି । କଳ୍ପତରୁ ଓଝାଙ୍କୁ ଦଳ ବିରୋଧୀ କାର୍ଯ୍ୟ ପାଇଁ ଦଳର ସୁପ୍ରିମୋ ବହିଷ୍କାର କରା ଯାଇଥିବା ନେଇ ଦଳର ଗଣମାଧମ ବ୍ୟାପାର ସାଧାରଣ ସଂପାଦକ ମାନସ ମଙ୍ଗରାଜ ସୂଚନା ଦେଇଛନ୍ତି । ଉଲ୍ଲେଖନୀୟ ଯେ ସେ ଦଳର ନେତୃତ୍ୱ ଓ ଚୟନ ସଠିକ୍ ଢଙ୍ଗରେ ହୋଇନଥିବା ଅଭିଯୋଗ ଆଣିଥିଲେ । ଏଣେ ଦଳ ବିରୋଧୀ କାର୍ଯ୍ୟ ପାଇଁ ତାଙ୍କୁ ଦଳରୁ ବହିଷ୍କାର କରାଯାଇଛି ।

# ୧୫ ବ୍ୟବସାୟିକ-ଶିଳ୍ପ ସଂଘର ଚୂଡ଼ାନ୍ତ ନିଷ୍ପତ୍ତି: ଅକ୍ଟୋବର ୧୨ଯାଏଁ ସଂଧ୍ୟା ୭ରୁ ବନ୍ଦ ରହିବ ବାଲେଶ୍ୱର ବଜାର



ବାଲେଶ୍ୱର,୨୯।୯ (ନି.ପ୍ର): କରୋନା ସଂକ୍ରମଣ ଚେନ୍ ଭାଙ୍ଗିବାରେ ଏକମାତ୍ର ଉପଚାର ଭାବେ ସଟ୍ ଡାଉନ୍ ଓ ଲକ୍ ଡାଉନ୍ ଜାରି କ୍ଷମତା ଏବେ ଜିଲ୍ଲାପାଳଙ୍କଠାରେ ନଥିବା ବେଳେ ଏନେଇ ବାଲେଶ୍ୱରର ବିଭିନ୍ନ ବ୍ୟବସାୟିକ ଓ ଶିଳ୍ପ ସଂଗଠନ ପକ୍ଷରୁ ମିଳିତ ଉଦ୍ୟମ ଆରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ ବାଲେଶ୍ୱରର ୧୫ ଗୋଟି ସଂଗଠନ ପକ୍ଷରୁ ଏକ ଜରୁରୀ ବୈଠକ ସ୍ଥାନୀୟ ଉଦ୍ୟୋଗ ଭବନରେ ଆଜି ଅନୁଷ୍ଠିତ ହୋଇଯାଇଛି । ବାଲେଶ୍ୱର ଚାମ୍ବର ଅଫ୍ ଇଣ୍ଡଷ୍ଟ୍ରିଜ୍ ଏଣ୍ଡ କମର୍ସର କର୍ମକର୍ତ୍ତା ସଂଜୟ ଦାସ ଏହି ବୈଠକରେ ସଂଯୋଜନା କରିବା ସହିତ କରୋନା ସଂକ୍ରମଣ ଚେନ୍ ଭାଙ୍ଗିବାର ଆବଶ୍ୟକତା ସମ୍ପର୍କରେ ସୂଚନା ଦେଇଥିଲେ । ନୋସିର କର୍ମକର୍ତ୍ତା ସିପି ଭର୍ତ୍ତିଆ, ଜିଲ୍ଲା କ୍ଷୁଦ୍ରଶିଳ୍ପ ସଂଘର ସଭାପତି ବିବେକ ବାଜପେୟୀ, ବ୍ୟବସାୟୀ ସଂଘରୁ ବିଭୂତି ପ୍ରଧାନ, ବାଲେଶ୍ୱର ହୋଟେଲ ଆସୋସିଏସନରୁ ସରୋଜ ବଦନୱାଲା, ଅଟୋ ମୋବାଇଲ ଡିଲର୍ସ ଆର୍ସୋସିଏସନର ଜଦୀଶ ମୋରେ, ଜୁଏଲାରୀ ଆସୋସିଏସନରୁ କମଲେଶ ପାଲା, ନିର୍ମାଣ ସମାଗ୍ରୀ ବିକ୍ରେତା ସଂଘର ରଘୁନାଥ ଲେଙ୍କା, ଆଇସିଏଆଇ ବାଲେଶ୍ୱର ଚାପ୍ଟରର ସୁଡେଲ ମୋଦି, ନ୍ୟୁ ମାର୍କେଟ ବ୍ୟବସାୟୀ ସଂଘର ଅଜୟ କୁମାର ବିଶ୍ୱାଳ, ମହାଲକ୍ଷ୍ମୀ ବ୍ୟବସାୟୀ ସଂଘର ସିଦ୍ଧେଶ୍ୱର ବିନ୍ଧାଣୀ, ଅଟୋ ମୋବାଇଲ୍ସ ସ୍ପେୟାର ପାର୍ଟସ ଆସୋସିଏସନର କିଶୋର ଅଗ୍ରୱାଲ, ଇଲେକ୍ଟ୍ରିକାଲ ଫିଟିଙ୍ଗ୍ସ ଆସୋସିଏସନର ଅଶୋକ କୁମାର ଖଣ୍ଡେଲୱାଲ, ଇଲୋକ୍ଟ୍ରୋନିକ୍ସ ଟ୍ରେଡର ଆସୋସିଏସନର ଅୟେନ୍ ସେନ୍ ପ୍ରମୁଖ ଏଥିରେ ଯୋଗଦେଇ ସମ୍ପ୍ରତିକ ସ୍ଥିତିରେ ବାଲେଶ୍ୱର ସହର ସମେତ ସମଗ୍ର ଜିଲ୍ଲାରେ ବୃଦ୍ଧି ପାଇଥିବା କରୋନା ସଂକ୍ରମଣକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ । ସରକାରଙ୍କ କୋଭିଡ୍ ନିୟମକୁ ଲୋକେ ଶତ ପ୍ରତିଶତ ପାଳନ କରୁ ନଥିବା ବେଳେ ଏବେ କରୋନା ଜନିତ ମୃତ୍ୟୁ ସଂଖ୍ୟା ବି ବୃଦ୍ଧି ପାଇବାରେ ଲାଗିଛି ବୋଲି ଉପସ୍ଥିତ ପ୍ରତିନିଧିମାନେ କହିଥିଲେ । ବିଶେଷ କରି ଅଧିକ ସମୟ ଦୋକାନ ବଜାର ଖୋଲା ରହିବା ଫଳରେ ଅବଶ୍ୟକତା ନଥାଇ ବହୁ ଅମାନିଆ ବିଭିନ୍ନ ସ୍ଥାନରେ କରୁଥିବା ଖଟି ସଂକ୍ରମଣ ବୃଦ୍ଧିରେ ମୁଖ୍ୟ କାରଣ ହୋଇଥିବା ସେମାନେ ଆରୋପ କରିଥିଲେ । ସମ୍ପ୍ରତି ପ୍ରଶାସନ କିମ୍ବା ରାଜ୍ୟ ସରକାରଙ୍କ ପକ୍ଷରୁ ଲକ୍ ଡାଉନ୍ କିମ୍ବା ସଟ୍ ଡାଉନ୍ ଜାରି ହେଉ ନଥିବା ବେଳେ ସଂଗଠନମାନେ ମିଳିତ ଭାବେ କିଛି ନିଷ୍ପତି ନେବାର ସମୟ ଉପନୀତ ହୋଇଛି ବୋଲି ବୈଠକରେ ଉପସ୍ଥିତ ପ୍ରତିନିଧିମାନେ ମତ ବ୍ୟକ୍ତ କରିଥିଲେ । ଦୀର୍ଘ ସମୟର ଆଲୋଚନା ଓ ବିଭିନ୍ନ ପ୍ରତିନିଧିଙ୍କ ପ୍ରସ୍ତାବକୁ ଦୃଷ୍ଟିରେ ରଖି ଦୋକାନ ବଜାର ଖୋଲିବା ସମୟ ହ୍ରାସ ପାଇଁ ନିଷ୍ପତି ଗ୍ରହଣ କରାଯାଇଥିଲା । ଆସନ୍ତା ଅକ୍ଟୋବର ମାସ ୧ ତାରିଖରୁ ସଂଧ୍ୟା ୭ଟାରୁ ସକାଳ ପର୍ଯ୍ୟନ୍ତ ଦୋକାନ ବଜାର ବନ୍ଦ ରଖିବା ପାଇଁ ଏହି ବୈଠକରେ ସିଦ୍ଧାନ୍ତ ହୋଇଛି । ଏହି ବନ୍ଦ ପୂର୍ବରୁ ପ୍ରଶାସନ ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି ରାତ୍ରୀକାଳୀନ କର୍ଫ୍ୟୁ ହୋଇ ନଥିଲେ ବି ଦୋକାନ ବଜାର ବନ୍ଦ ରହିଲେ ଜନ ସାଧାରଣଙ୍କ ବାହାରେ ବୁଲିବା ହ୍ରାସ ପାଇବ ବୋଲି ସମସ୍ତେ ଆଶା ପ୍ରକାଶ କରିଥିଲେ । ତେବେ ଏହି ବନ୍ଦ ଧାରାରୁ ଔଷଧ ଦୋକାନ, ପେଟ୍ରୋଲ ପମ୍ପ ଓ ସ୍ୱାସ୍ଥ୍ୟ ସମ୍ପର୍କିତ ସେବା ଯୋଗାଣକାରୀଙ୍କୁ ସଂସ୍ଥାକୁ ବାଦ୍ ଦିଆଯାଇଛି । ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ଏହି ନିୟମ ଜାରି ରଖିବା ସହିତ ୧୨ ତାରିଖରୁ ଦୁର୍ଗାପୂଜା ମାହଲ ସରିବା ପର୍ଯ୍ୟନ୍ତ ଏହି କଟକଣା ଉଠାଇଦେବା ସହ ସ୍ୱାଭାବିକ ବଜାର ଚାଲିବା ପାଇଁ ସର୍ବସମ୍ମତି କ୍ରମେ ବୈଠକରେ ନିଷ୍ପତି ନିଆଯାଇଛି । ଦେକାନ ବଜାର ବନ୍ଦ ରହିଲେ ଲୋକଙ୍କ ଭିଡ଼ କମିବା ସହିତ ଅମାନିଆଙ୍କ ଆଡ୍ଡା ହେବନାହିଁ ବୋଲି ସମସ୍ତେ ହୃଦବୋଧ କରିଛନ୍ତି ।

## ଏମପିସି ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଯୁକ୍ତ ୩ରେ ନାମ ଲେଖା ଆରମ୍ଭ

କେନ୍ଦୁଝର,୨୯।୯ (ନି.ପ୍ର): ବାରିପଦା ସହରର ତଖତପୁରସ୍ଥିତ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ୨୦୨୦-୨୧ ଶିକ୍ଷା ବର୍ଷ ନିମନ୍ତେ ଯୁକ୍ତ ୩ ବାଣିଜ୍ୟ, ବିଜ୍ଞାନ, କଳା ଓ ବିତିୟ(ସେଲଫ ଫାଇନାନ୍ସି) ବିଭାଗରେ ନାମ ଲେଖା ଆରମ୍ଭ ହୋଇଥିବାର ଜଣାପଡ଼ିଛି । ଏଥି ନିମନ୍ତେ ସୋମବାର ପୂର୍ବାହ୍ନ ୧୧ରେ ପ୍ରଥମ ପର୍ଯ୍ୟାୟ କଟ୍ ଅଫ୍ ମାର୍କ ତଥା ମେରିଟ ଲିଷ୍ଟ(ମେଧା ତାଲିକା) ପ୍ରକାଶ ପାଇବା ପରେ ନାମ ଲେଖା ପ୍ରକ୍ରିୟା ଆରମ୍ଭ ହୋଇଛି ଏବଂ ଏହି ପ୍ରକ୍ରିୟା ଆସନ୍ତା ଅକ୍ଟୋବର ୨ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି । ଏହି ସମୟରେ ଛାତ୍ରଛାତ୍ରୀମାନେ ମହାବିଦ୍ୟାଳୟରେ ସେମାନଙ୍କର ନାମ ଲେଖାଇ ପାରିବେ ବୋଲି ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶ କ୍ରମେ ମହାବିଦ୍ୟାଳୟର ଆଡ଼ମିଶନ କମିଟି ପକ୍ଷରୁ ସୂଚନା ଦିଆଯାଇଛି ।

## ଅଖିଳ ଭାରତୀୟ କୃଷକ ସଭା ପକ୍ଷରୁ ସହିଦ୍ ଭଗତ୍ ସିଂହଙ୍କ ୧୧୪ ତମ ଜୟନ୍ତୀ ପାଳିତ

ଜଳେଶ୍ୱର,୨୯।୯ (ନି.ପ୍ର): ସହିଦ୍ ଭଗତ୍ ସିଂହଙ୍କର ୧୧୪ ତମ ଜନ୍ମ ଜୟନ୍ତୀ ଅଖିଳ ଭାରତ କୃଷକ ସଭାର ଜଳେଶ୍ୱର ଶାଖା ପକ୍ଷରୁ ପଂଚୁଘଣ୍ଟାଠାରେ ପାଳନ ହୋଇଯାଇଛି । ସେ ଜଣେ ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ ଓ ସମାଜବାଦରେ ବିଶ୍ୱାସ କରୁଥିବା ଦେଶପ୍ରେମୀ । ମାତ୍ର ୨୩ବର୍ଷ ବୟସରେ ବ୍ରିଟିସ୍ ସରକାରର କଳା ଆଇନ୍‌କୁ ବିରୋଧ କରିଥିବା ଯୋଗୁଁ ତାଙ୍କୁ ଫାସୀ ଖୁଣ୍ଟରେ ଝୁଲିବାକୁ ପଡିଥିଲା ତାଙ୍କ ମତରେ ଶ୍ରମିକ, କଳକାରଖାନାରେ ଉତ୍ପାଦନର ମାଲିକାନା ଓ ଚାଷୀ ଅମଳ ଫସଲର ମାଲିକ ନ ହେବା ପର୍ଯ୍ୟନ୍ତ ଧନୀ ଗରିବର ବୈଶମ୍ୟ ଦୂର ହେବ ନାହିଁ । ସେ ଜାତି ଓ ଧର୍ମକୁ ବିରୋଧ କରୁଥିବା ବେଳେ ମାନବବାଦରେ ବିଶ୍ୱାସୀ ଥିଲେ । ତାଙ୍କର ସ୍ୱାପ୍ନ ଏବେବି ଅଧୁରା ରହିଛି । କେନ୍ଦ୍ର ସରକାର କୃଷକ, ଶ୍ରମିକ ବିଲ ଆଣିଛନ୍ତି । କର୍ପୋରେଟ ହଟାଅ ଓ ଦେଶ ବଂଚାଅ କୃଷକ ବିରୋଧି ଆଇନ୍‌କୁ ପ୍ରତ୍ୟାହାର କରାଯାଇପାରିଲେ ଭଗତ୍ ସିଂଙ୍କ ଅଧୁରା ସ୍ୱପ୍ନକୁ ପୂରଣ କରାଯାଇ ପାରିବ ବୋଲି ବକ୍ତାମାନେ ବକ୍ତବ୍ୟ ରଖିଥିଲେ । ଲକ୍ଷ୍ମୀଧର ପଲେଇଙ୍କ ସଭାପତିତ୍ୱରେ ଦିଲ୍ଲିପ କୁମାର ଗିରି, ଶିଶିର କୁମାର ହୁଇ, ଆରତୀ ପଲାଇ, ବିଶ୍ୱନାଥ ସିଂହ, ଆରତୀ ଦେବନାଥ, ସଂଜୁ ନାୟକ ପ୍ରମୁଖ ଭଗତ୍ ସିଂହଙ୍କ ଦେଶପ୍ରୀତି ସଂପର୍କରେ ବକ୍ତବ୍ୟ ରଖିଥିବା ବେଳେ ଶୁଭମ୍ ପଲେଇ ଧନ୍ୟବାଦ ଅର୍ପଣ କରିଥିଲେ ।

## ସକ୍ଷମ-କମ୍ୱା ଆନୁକୁଲ୍ୟରେ ନେତ୍ରଦାନ ସଂକଳ୍ପ ଅଭିଯାନ



ବାରିପଦା ,୨୯।୯ (ନି.ପ୍ର): ସକ୍ଷମ-କମ୍ୱା (କରନିଆ ଅନ୍ଧତ୍ୱ ମୁକ୍ତ ଭାରତ ଅଭିଯାନ), ପୂର୍ବ ଓଡିଶା ଆନୁକୁଲ୍ୟରେ ମୟୁରଭ ଜିଲ୍ଲା ସକ୍ଷମର ସମ୍ପାଦକ ସରୋଜ କୁମାର ସାହୁ, ଓଡିଶା ପୂର୍ବ ପ୍ରାନ୍ତ ସଙ୍ଗଠନ ସମ୍ପାଦକ, ବିରୋକିଶୋର ମହାନ୍ତ ଏବଂ ସକ୍ଷମର ରାଜ୍ୟ ସଂଯୋଜିକା ଯସଶ୍ୱିନୀ ବଳ ମୟୂରଭ ଜିଲ୍ଲା ଅନ୍ତର୍ଗତ କରିଆ ଅଂଚଳରେ ନେତ୍ରଦାନ ସଂକଳ୍ପ ଅଭିଯାନ ସଚେତନତା କାର୍ଯ୍ୟକ୍ରମ ଚାଲିଥିବାର ଜଣାଯାଇଛି । ଦେଶକୁ ଅନ୍ଧତ୍ୱ ମୁକ୍ତ କରିବା ଲକ୍ଷ ନେଇ ସାରା ଭାରତରେ ଏହି ସଂକଳ୍ପ ଅଭିଯାନ ଚାଲିଥିବା ପରିପ୍ରେକ୍ଷୀ ରେ ଏହି ଅଂଚଳରେ ତିନି ଶହ ପୁରୁଷ ଓ ମହିଳା ନେତ୍ରଦାନ କରିବେ ବୋଲି ସଂକଳ୍ପ ପତ୍ର ପୁରଣ କରିଥିବାର ଏହି କାର୍ଯ୍ୟକ୍ରମର ସଂଚାଳକ ମାନେ ସୂଚନା ଦେଇଛନ୍ତି । କାମ୍ବା ର ସ୍ଥାନୀୟ ସଂଯୋଜିକା ତଥା ଇଂଜିନିୟରିଂ ଛାତ୍ରୀ ସୁଶ୍ରୀ ଅନନ୍ୟା ଦାଶଙ୍କ ଦ୍ୱାରା ପରିଚାଳିତ ଏହି ସଚେତନତା ଅବିଯାନରେ ଲୋକ ମାନଙ୍କୁ ସଚେତନକରାଯାଇ ହଜାରେ ନେତ୍ରଦାନ ସଂକଳ୍ପ ପତ୍ର ପୂରଣ କରାଯିବାପାଇଁ ଲକ୍ଷ ରଖାଯାଇଥିବାର ପ୍ରକାଶ । ବଂଚିଥିବା ବେଳେ ରକ୍ତ ଦାନକରି ଜଣଙ୍କର ଜୀବନ ବଂଚାଇବା ଏବଂ ମୃତ୍ୟୁପରେ ନେତ୍ରଦାନକରି ଅନ୍ୟଜଣକ ମାଧ୍ୟମରେ ଜୀବିତ ରହିବା ପ୍ରୟାସରେ ଏହା ଏକ ମହତ କାର୍ଯ୍ୟ ହୋଇଥିବାରୁ ଅନ୍ଧତ୍ୱ ମୁକ୍ତ ଭାରତ ଲକ୍ଷ ଅଭିଯାନରେ ସାମିଲ ହେବାକୁ ଏହି କର୍ମକର୍ତାମାନେ ଜନସାଧାରଣଙ୍କୁ ଆହ୍ୱାନ ଜଣାଇଛନ୍ତି । ଏହି କାର୍ଯ୍ୟକ୍ରମକୁ ବିଭିନ୍ନ ଅନୁଷ୍ଠାନ ତରଫରୁ ସ୍ୱାଗତ କରାଯାଇଥିବାବେଳେ ବହୁ ବୁଦ୍ଧିଜୀବି,ସାମ୍ବାଦିକ,ଓକୀଲ ମାନେ ନେତ୍ରଦାନପାଇଁ ସଂକଳ୍ପପତ୍ର ପୁରଣ କରୁଥିବାର ଦେଖିବାକୁ ମିଳୁଛି ।

## ବିଜେଡି ସାଂସଦ ସସ୍ମିତ ପାତ୍ର କରୋନା ପଜିଟିଭ୍

ଭୁବନେଶ୍ୱର,୨୯।୯ (ନି.ପ୍ର): ବିଜେଡିର ରାଜ୍ୟସଭା ସାଂସଦ ଡ. ସସ୍ମିତ ପାତ୍ର କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଏସମ୍ପର୍କରେ ସେ ଟ୍ୱିଟ୍ କରି ସୂଚନା ଦେଇଛନ୍ତି । ସେ ଟ୍ୱିଟ୍ ରେ ଉଲ୍ଲେଖ କରିଛନ୍ତି ଯେ ମୁଁ କୋଭିଡ୍ -୧୯ ପଜିଟିଭ୍ ଚିହ୍ନଟ ହୋଇଛନ୍ତି । କୋଭିଡ୍ ନିର୍ଦ୍ଦେଶାବଳୀ ଅନୁଯାୟୀ ଘରେ ଆଇସୋଲେସନ୍ ରେ ରହିଛି । ଗତ କିଛି ଦିନ ମଧ୍ୟରେ ମୋ ସହ ଯୋଗାଯୋଗରେ ଆସିଥିବା ବ୍ୟକ୍ତିମାନେ ହୋମ୍ ଆଇସୋଲେସନ୍ ରେ ରହିବା ସହିତ ନିଜର ପରୀକ୍ଷା କରେଇ ନିଅନ୍ତୁ । ଆମେ ଏକତ୍ର କରୋନାକୁ ପରାସ୍ତ କରିବା । ସୁରକ୍ଷିତ ରୁହନ୍ତୁ ବୋଲି ଡ.ପାତ୍ର ଟ୍ୱିଟ୍ କରିଛନ୍ତି ।

## ପୌର ପ୍ରଶାସନର ପାତରଅନ୍ତର ନୀତିକୁ ନେଇ ଅସନ୍ତୋଷ : ବିଜେପି ପକ୍ଷରୁ ପୌରପାଳିକା ଆଗରେ ବିକ୍ଷୋଭ

ବାଲେଶ୍ୱର,୨୯।୯ (ନି.ପ୍ର): ବାଲେଶ୍ୱର ପୌରପାଳିକାରେ ବିଭିନ୍ନ ଯୋଜନା କାର୍ଯ୍ୟକାରୀରେ ଅନିୟମିତତା ହୋଇଥିବା ଅଭିଯୋଗ କରି ବିଜେପି ନଗର କମିଟି ପକ୍ଷରୁ ଆଜି ବିକ୍ଷୋଭ ପ୍ରଦର୍ଶିତ ହୋଇଯାଇଛି । ବିଜେପି ନଗର କମିଟି ସଭାପତି ଚିତ୍ତରଂଜନ ପଣ୍ଡାଙ୍କ ନେତୃତ୍ୱରେ ଆୟୋଜିତ ଏହି ବିକ୍ଷୋଭ ଓ ଘେରାଓ କାର୍ଯ୍ୟକ୍ରମରେ କର୍ମୀଙ୍କ ସମେତ ଜିଲ୍ଲା ବିଜେପିର ବହୁ ନେତା ଯୋଗଦେଇ ମୁରବୀ ବିହୀନ ପୌରପାଳିକାରେ ଚାଲିଥିବା ଦୁର୍ନୀତି ତଥା ଅନିୟମିତତାର ତୀବ୍ର ସମାଲେଚନା କରିଥିଲେ । ବିଜେପି ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ସଦର ନିର୍ବାଚନମଣ୍ଡଳୀ ସଂଯୋଜକ ମାନସ ଦତ୍ତ, ବରିଷ୍ଠ ବିଜେପି ନେତା ରବିନାରାୟଣ ମହାପାତ୍ର, ଶୁଭଙ୍କର ମହାପାତ୍ର ଗୌରାଙ୍ଗ ଦାସ, ସଂଯୁକ୍ତା ମହାପାତ୍ର, ଶୋଭନା ମହାନ୍ତି ପ୍ରମୁଖ ଏଥିରେ ଯୋଗଦେଇ ପୌର ପ୍ରଶାସନ ଶାସକ ଦଳର ହାତବାରିସି ଭଳି କାର୍ଯ୍ୟ କରୁଥିବା ଆରୋପ ଉଠାଇଥିଲେ । ବିଶେଷ କରି ବାର୍ଦ୍ଧକ୍ୟ, ବିଧବା ଓ ଦିବ୍ୟାଙ୍ଗ ଭତ୍ତା ଯୋଜନାରେ ହିତାଧିକାରୀ ଚୟନରେ ଅନିୟମିତତା, ପ୍ରଧାନମନ୍ତ୍ରୀ ଆତ୍ମନିର୍ଭରଶୀଳ ଯୋଜନାରେ ଉଠା ଦୋକାନୀଙ୍କୁ ୩ ହଜାର ଟଙ୍କାର ସହାୟତା ଓ ୧୦ ହଜାର ଟଙ୍କାର ଋଣ ପ୍ରଦାନରେ ଅନିୟମିତତା, ହରିଶ୍ଚନ୍ଦ୍ର ଯୋଜନାରେ ମୃତକଙ୍କ ପରିବାରକୁ ସରକାର ଘୋଷିତ ଆର୍ଥିକ ସହାୟତା ପ୍ରଦାନରେ କାଳକ୍ଷେପଣ ନୀତି, ମରଣଯନ୍ତା ପାଲଟିଥିବା ସହର ରାସ୍ତା ନବୀକରଣରେ ଅହେତୁକ ବିଳମ୍ବ, ବିଭିନ୍ନ ଜନକଲ୍ୟାଣ ଯୋଜନାରେ ସରକାରୀ ଦଳର ସୁପାରିଶ କ୍ରମେ ହେଉଥିବା ହିତାଧିକାରୀ ଚୟନ ପ୍ରକ୍ରିୟା ଆଦିକୁ ବିଜେପି ନେତାମାନେ ତୀବ୍ର ବିରୋଧ କରିଥିଲେ । ବାଲେଶ୍ୱର ପୌର ପ୍ରଶାସନର ଦଳୀୟ ପ୍ରୀତି ଯୋଗୁଁ ସାଧାରଣ ଲୋକେ ସରକାରୀ ଯୋଜନାର ସୁଫଳ ପାଇପାରୁ ନାହାନ୍ତି ବୋଲି ସେମାନେ ଅଭିଯୋଗ କରିଥିଲେ । ପୌର କର୍ତ୍ତୃପକ୍ଷ ତୁରନ୍ତ ଏହି ନୀତି ପରିତ୍ୟାଗ କରି ପ୍ରକୃତ ହିତାଧିକାରୀଙ୍କୁ ଉଚିତ ନ୍ୟାୟ ପ୍ରଦାନ ନ କଲେ ଆଗାମୀ ଦିନରେ ବିଜେପି ତୀବ୍ର ଆନ୍ଦୋଳନକୁ ଓହ୍ଲାଇବ ବୋଲି ବିଜେପି କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି । ଏହି ଅବସରରେ ବିଜେପି ନଗର କମିଟି ପକ୍ଷରୁ ଏକ ଦାବିପତ୍ର ପୌରପାଳିକା ନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା । ବୈଲୋଚନ ଦାଶ, ଲୋକନାଥ ଭୂୟାଁ, ଯୋଗେନ୍ ରଣା, ବିକାଶ ପାଢ଼ର, ଶଶିଶେଖର ମହାନ୍ତି, ଧୀରଜ ମହାନ୍ତି, ଉପେନ୍ଦ୍ର ଶତପଥୀ, ସତ୍ୟଜିତ୍ ମିଶ୍ର, ପ୍ରବୀର ଶଙ୍କର ଦାଶ, ମିହିର ପାଣି, ପ୍ରଦୀପ ପତି, ବିଭୂପଦ ଦାସ, ମଣ୍ଟୁ ପେରିୱାଲ, ମହୁଆ ପ୍ରଧାନ, ରଣଜିତ୍ ପ୍ରଧାନ, ବିବେକାନନ୍ଦ ରାଉତ, ସୁସ୍ମିତା ପଣ୍ଡା, ସସ୍ମିତା ଚାନ୍ଦ, ସସ୍ମିତା ଦାସ, ଶ୍ରୀୟା ଦାସ, ଅରୁପ ଜେନା, ପବନ କମିଳା, ଶ୍ରୀନିବାସ ପ୍ରଧାନ, ଶେଖ୍ ହଲିମ୍ ପ୍ରମୁଖଙ୍କ ସମେତ ନଗର ବିଜେପିର ବହୁ କର୍ମୀ ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ୩ ଦିନ ପର୍ଯ୍ୟନ୍ତ...

ମୟୂରଭଞ୍ଜ, ଗଞ୍ଜାମ, ଗଜପତି, ପୁରୀ, କନ୍ଧମାଳ ଏବଂ ଜଗତସିଂହପୁର ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଶୁକ୍ରବାର ଦିନ ବାଲେଶ୍ୱର, ଭଦ୍ରକ, କଟକ, ଜଗତସିଂହପୁର, ଯାଜପୁର, କେନ୍ଦ୍ରାପଡା, ଗଜପତି, ଗଞ୍ଜାମ, ଖୋର୍ଧା, ପୁରୀ, ନୟାଗଡ଼, ଅନୁଗୁଳ, ଢ଼େଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ ଏବଂ କନ୍ଧମାଳ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି । ସେହିପରି ଏହି ସମୟ ମଧରେ କଟକ, ଜଗତସିଂହପୁର, ମୟୂରଭଞ୍ଜ ଏବଂ ବାଲେଶ୍ୱର ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଅଧିକ ରହିଛି । ଏହାକୁ ଦୃଷ୍ଟିରେ ରଖି ଏହି ସମସ୍ତ ଜିଲ୍ଲା ପାଇଁ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି ।

### ଓଡିଶା ବିଧାନସଭାର...

ପାଇଁ ଏକ ମିନିଟ ପ୍ରାର୍ଥନା କରା ଯାଇଥିଲା । ଏହା ପରେ ବାଚସ୍ପତି ଗୃହକୁ ଦିନ ତିନିଟା ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ । ମୁଖ୍ୟମନ୍ତ୍ରୀ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ଶୋକ ପ୍ରସ୍ତାବ ଆଣିଥିଲେ । ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ , ତିର୍ତୋଲ ବିଧାୟକ ବିଷ୍ଣୁ ଦାସ, ବାଲେଶ୍ୱର ବିଧାୟକ ମଦନ ମୋହନ ଦତ, ପୂର୍ବତନ ମନ୍ତ୍ରୀ ହର ପ୍ରସାଦ ମହାପାତ୍ର, ସହରାଇ ଓରାମ୍, ସନାତନ ବିଶି, ଶେକ ମତଲୁବ ଅଲୀ ପୂର୍ବତନ ବିଧାୟକ ଅଭିମନ୍ୟୁ କୁଁଅର, ନେଲସନ୍ ସୋରେଙ୍ଗେ, ରବୀନ୍ଦ୍ରନାଥ ଭୋଇ, ହରପ୍ରସାଦ ମହାପାତ୍ର, ଅର୍ଜୁନ୍ ସେଠୀ, ଚିନ୍ତାମଣି ଜେନା, ରାମମୂର୍ତି ମୁତିକାଙ୍କ ସହ ଦେଶ ପାଇଁ ବଳିଦାନ ଦେଇଥିବା ଓଡିଆ ଯବାନ ତଥା କରୋନା ଭଳି କଠିନ ପରିସ୍ଥିତିରେ ରାଜ୍ୟବାସୀଙ୍କ ସେବାରେ ନିୟୋଜିତ ହୋଇ ପ୍ରାଣବଳୀ ଦେଇଥିବା ସମସ୍ତ କରୋନା ଯୋଦ୍ଧାଙ୍କ ଉଦ୍ଦେଶ୍ୟରେ ଶୋକ ପ୍ରସ୍ତାବ ଆଣିଥିଲେ । ବିରୋଧୀ ଦଳର ନେତା ପ୍ରଦୀପ୍ତ ନାୟକ ଏହାକୁ ସମର୍ଥନ କରିଥିଲେ । କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର ମଧ୍ୟ ଶୋକ ପ୍ରସ୍ତାବକୁ ସମର୍ଥନ କରିଥିଲେ । ଏହା ଉପରେ ୫୦ ମିନିଟ ଧରି ଆଲୋଚନା ହେବା ପରେ ଶୋକ ପ୍ରସ୍ତାବ ପାରିତ ହୋଇଥିଲା । ଶୋକ ପ୍ରସ୍ତାବକୁ ସେମାନଙ୍କ ପରିବାରକୁ ପଠାଇ ଦିଆ ଯିବ ବୋଲି ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର କହିଥିଲେ । କୋବିଡ କଟକଣାକୁ ନେଇ ଆଜି ବିଧାନସଭାର ମୌସୁମୀ ଅଧିବେଶନ ଆରମ୍ଭ ହୋଇଥିବା ବେଳେ ପ୍ରଥମ ଥର ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫ୍ରେନ୍ସିଂ ଜରିଆରେ ବିଧାନସଭା ବୈଠକରେ ସାମିଲ ହୋଇଛନ୍ତି । ସେ ଆଜି ଭିଡିଓ କନଫ୍ରେନ୍ସିଂ ଜରିଆରେ ଆଜି ଶୋକପ୍ରସ୍ତାବ ଆଗତ କରିଥିଲେ।

### ରାଜ୍ୟରେ ଆଉ ୧୫ ଜଣଙ୍କର...

ପୀଡିତ ଥିଲେ। ବାଲେଶ୍ୱର ଜିଲ୍ଲାର ଜଣେ ୭୦ ବର୍ଷୀୟା ମହିଳା କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ। ଜିଲ୍ଲାର ଜଣେ ୬୩ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ । ଭୁବନେଶ୍ୱରର ଜଣେ ୭୩ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷଙ୍କ ମୃତ୍ୟୁ ଘଟିଛି । ଭୁବନେଶ୍ୱରର ଜଣେ ୫୦ ବର୍ଷୀୟ ପୁରୁଷ କରୋନା ସଂକ୍ରମିତ ମୃତ୍ୟୁ ଘଟିଛି । ଭୁବନେଶ୍ୱରର ଜଣେ ୬୦ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସେହିପରି ବଲାଙ୍ଗୀର ଜିଲ୍ଲାର ଜଣେ ୭୪ ବର୍ଷୀୟ ପୁରୁଷ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । କଟକ ଜିଲ୍ଲାରେ ଜଣେ ୪୦ ବର୍ଷୀୟ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି । କଟକ ଜିଲ୍ଲାର ଜଣେ ୬୮ ବର୍ଷୀୟ ମହିଳା କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହରେ ପୀଡିତ ଥିଲେ । କଟକ ଜିଲ୍ଲାର ଜଣେ ୮୨ ବର୍ଷୀୟ ମହିଳା କରୋନା ଆକ୍ରାନ୍ତ ମୃତ୍ୟୁବରଣ କରିଛନ୍ତି । ସେ ମଧୁମେହ ଓ ଅନ୍ୟ ରୋଗରେ ପୀଡିତ ଥିଲେ । ଝାରସୁଗୁଡା ଜିଲ୍ଲାର ଜିଲ୍ଲାର ଜଣେ ୬୭ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ । ନବରଙ୍ଗପୁର ଜିଲ୍ଲାର ଜିଲ୍ଲାର ଜଣେ ୩୦ ବର୍ଷୀୟା ମହିଳା କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ପୁରୀ ଜିଲ୍ଲାର ଜଣେ ୬୫ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ । ପୁରୀ ଜିଲ୍ଲାର ଜଣେ ୪୯ ବର୍ଷୀୟ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ସୁନ୍ଦରଗଡ ଜିଲ୍ଲାର ଜଣେ ୪୭ ବର୍ଷୀୟ ମହିଳା କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ ।

### ସାମ୍ବାଦିକ ତାରିଣୀ ପାଢ଼ୀଙ୍କ ...

ତାଙ୍କ ଅମର ଆତ୍ମାର ସଦଗତି ପାଇଁ ନୀରବ ପ୍ରାର୍ଥନା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ । ତାଙ୍କ ଭଳି ଜଣେ ମେଳାପୀ, ବନ୍ଧୁ ବତ୍ସଳ ଲୋକ ବହୁତ କ୍ୱଚିତ୍ ଦେଖାଯାଆନ୍ତି । ଆର୍ଥିକ ଦୁଃସ୍ଥିତି ଭିତରେ ସେ ଥାଇବି ସବୁବେଳେ ବେଶ ହସହସ ହୋଇ ରହିବା ଓ ଖୁସିରେ ରହିବା କଳା ତାଙ୍କୁ ବେଶ ଜଣା । ତାଙ୍କ ମୃତ୍ୟୁକୁ ସହଜରେ ବାଲେଶ୍ୱରବାସୀ ଗ୍ରହଣ କରିପାରୁନଥିବା ବେଳେ ତାଙ୍କର ହସହସ ମୁହଁ, ଅମାୟିକ ବ୍ୟବହାର ଚିରଦିନ ତାଙ୍କ ବାଲେଶ୍ୱର ସାମ୍ବାଦିକ ମହଲ ତଥା ତାଙ୍କୁ ଶୁଭେଚ୍ଛୁଙ୍କ ଗହଣରେ ଅମର କରି ରଖିବ । ଶ୍ରୀଯୁକ୍ତ ପାଢ଼ୀଙ୍କ ଅକାଳ ବିୟୋଗରେ 'ଧ୍ୱନିପ୍ରତିଧ୍ୱନି' ପରିବାର ପକ୍ଷରୁ ଅଶ୍ରୁଳ ଶ୍ରଦ୍ଧାଂଜଳି ଜ୍ଞାପନ କରାଯାଇଛି । ଶ୍ରୀଯୁକ୍ତ ପାଢ଼ୀ ଧ୍ୱନି ପ୍ରତିଧ୍ୱନି ପରିବାର ସହିତ ଜଡ଼ିତ ଥିଲେ । ଏକ ପାରିବାରିକ ସମ୍ପର୍କରେ ସେ ଧ୍ୱନି ପ୍ରତିଧ୍ୱନି ସହ ସମ୍ପର୍କ ରଖି ସେ ସବୁ ପ୍ରକାର ସାହାଯ୍ୟ କରିଆସୁଥିଲେ । ତେଣୁ ତାଙ୍କ ମୃତ୍ୟୁରେ ଧ୍ୱନି ପ୍ରତିଧ୍ୱନିର ସମ୍ପାଦକ ଶ୍ରୀମତୀ ସୈରିନ୍ଧ୍ରୀ ସାହୁ ଓ ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ା ଗଭୀରଭାବେ ମର୍ମାହତ ହେବାସହ ତାଙ୍କ ଆତ୍ମାର ସଦଗତି କାମନା କରିଥିଲେ ।

### ଉର୍ଜା ସୁରକ୍ଷା ସ୍ଥାପତ୍ୟର...

ଶ୍ରୀ ପ୍ରଧାନ କହିଛନ୍ତି କରୋନା ପରବର୍ତୀ ପର୍ଯ୍ୟାୟରେ ଆମ ଦେଶର ନାଗରିକଙ୍କ ପାଇଁ ସୁରକ୍ଷିତ, ସ୍ୱଚ୍ଛ, ସୁଲଭ ଓ ସ୍ଥିର ଉର୍ଜାକୁ ଅଧିକ ଧ୍ୟାନ ଦିଆଯିବ । ଭାରତର ଉର୍ଜା କମ୍ପାନୀମାନେ ନୂଆ ଉପାୟରେ ଏବଂ ନବସୃଜନ ମାଧମରେ ଆତ୍ମନିର୍ଭର ଭାରତ ନିର୍ମାଣ କରିବାରେ ବଡ ଯୋଗଦାନ ରଖିବା ଦିଗରେ କାମ କରୁଛନ୍ତି । ଉର୍ଜା କ୍ଷେତ୍ରରେ ଆତ୍ମନିର୍ଭର ଭାରତ ପଦକ୍ଷେପକୁ କାର୍ଯ୍ୟକାରୀ କରାଯିବ ଏବଂ ପ୍ରଧାନମନ୍ତ୍ରୀଙ୍କ ଉର୍ଜା ଦୂରଦୃଷ୍ଟି ଯଥା ଉର୍ଜା ଉପଲବ୍ଧି, ଦକ୍ଷତା, ସ୍ଥିର, ନିରାପତା ଏବଂ ସୁଲଭ ମୂଲ୍ୟର ଉର୍ଜା ଉପରେ ଗୁରୁତ୍ୱ ଦିଆଯାଉଛି । ଏ ମର୍ମରେ ଶ୍ରୀ ପ୍ରଧାନ ଭାରତ ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟର ପଦକ୍ଷେପ ଉପରେ ଆଲୋକପାତ କରିଛନ୍ତି । ୨୦୨୩ ସୁଦ୍ଧା ସମସ୍ତ ରେଳ ଲାଇନକୁ ଶତପ୍ରତିଶତ ବିଦ୍ୟୁତିକରଣ ପାଇଁ ରେଳ ମନ୍ତ୍ରଣାଳୟ ପକ୍ଷରୁ ଯୋଜନା ଚାଲୁଅଛି । ଏମଏନଆରଇର କିଷାନ ଉର୍ଜା ଇଭାମ ଉଥାନ ଅଧୀନ ମହାଭିଯାନରେ ୧୫ ଲକ୍ଷରୁ ଉର୍ଦ୍ଧ୍ୱ ସୋଲାର ପମ୍ପର ସ୍ଥାପନା ପାଇଁ ଲକ୍ଷ୍ୟ ରଖାଯାଇଛି । ପରିବହନ ମନ୍ତ୍ରଣାଳୟ ସିଏନଜିକୁ ଏକ ବିକଳ୍ପ ଇନ୍ଧନରେ ଗ୍ରହଣ କରୁଛି ଓ ଜାହାଜ ମନ୍ତ୍ରଣାଳୟ ପକ୍ଷରୁ ମଧ କୋଇଲା ଗ୍ୟାସିଫିକେସନ୍ ପ୍ରକଳ୍ପର ବିକାଶ କରି ସ୍ୱଚ୍ଛ କୋଇଲା ପ୍ରଯୁକ୍ତିବିଦ୍ୟାକୁ ତ୍ୱରାନ୍ୱିତ କରିବା ଦିଗରେ ପଦକ୍ଷେପ ନିଆଯାଇଛି । କୋଭିଡ୍-୧୯ ପରବର୍ତୀ ଦୃଶ୍ୟପଟ୍ଟରେ ବିଶ୍ୱର ତୃତୀୟ ସର୍ବବୃହତ ଉର୍ଜା ଉତ୍ପାଦନକାରୀ ରାଷ୍ଟ୍ର ଭାରତ ଉର୍ଜାର ଆହ୍ୱାନକୁ ସାମ୍ନା କରିବାକୁ ପ୍ରସ୍ତୁତ ଅଛନ୍ତି । ବର୍ତମାନ ଦେଶର ତୈଳ ବିପଣନ କମ୍ପାନୀମାନେ ଆଫ୍ରିକା, ଉତର ଏବଂ ଦକ୍ଷିଣ ଆମେରିକା ସମେତ ୩୦ଟି ଦେଶରୁ ଅଶୋଧିତ ତୈଳ ଆମଦାନୀ କରୁଛନ୍ତି । ହାଇଡ୍ରୋକାର୍ବନ୍ ପାଇଁ ଆମଦାନୀ ନିର୍ଭରଶୀଳତା ହ୍ରାସ କରିବାକୁ ଉଦ୍ୟମ କରାଯାଉଛି । ୨୦୨୦ ବର୍ଷ ଏପ୍ରିଲ ଏବଂ ମଇରେ ଅଶୋଧିତ ତୈଳର ମୂଲ୍ୟ କମ୍ ରହିବାରୁ ଏହାର ଲାଭ ଉଠାଯାଇ ଷ୍ଟ୍ରାଟେଜିକ୍ ପେଟ୍ରୋଲିୟମ ଭଣ୍ଡାରରେ ୧୬ ମିଲିୟନ ବ୍ୟାରେଲ ଅଶୋଧିତ ତୈଳ ଭର୍ତି କରାଯାଇଛି । ଯଦ୍ୱାରା ସରକାରଙ୍କ ୫ ହଜାରରୁ ଅଧିକ କୋଟି ସଂଚୟ ହୋଇପାରିଛି । ଅଶୋଧିତ ଏବଂ ପେଟ୍ରୋଲିୟମ ଉତ୍ପାଦ ସଂରକ୍ଷଣ କ୍ଷମତାକୁ ୭୪ ଦିନର ଜାତୀୟ ବ୍ୟବହାରରୁ ୯୦ ଦିନ ପର୍ଯ୍ୟନ୍ତ ଉନ୍ନତ କରାଯାଉଛି ।

### ବେଦାନ୍ତର ଜନଶୁଣାଣି ...

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ୨୭.୦୮.୨୦୨୦ ରେ ଦେଇଥିବା ବିଜ୍ଞାପନରେ ୩୦.୦୯.୨୦୨୦ ତାରିଖ ଦିନ ୧୧ଟା ସମୟରେ ଝାରସୁଗୁଡା ଜିଲ୍ଲାର ଡାଲକି କୁରେବଗା ଠାରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜନଶୁଣାଣି ପାଇଁ ଯାହା ଧାର୍ଯ୍ୟ କରିଥିଲେ ତାହା ହୋଇପାରିବ ନାହିଁ । ରାୟ ସଂକ୍ରାନ୍ତରେ ମତ ଦେଇ ବିଧାୟିକା ଶ୍ରୀମତୀ ଟେଟେ କହିଛନ୍ତି ଯେ କରୋନା ମହାମାରୀ ସମୟରେ ଏହି ଜନଶୁଣାଣି ବାତିଲ ପାଇଁ ସେ ମୁଖ୍ୟ ଶାସନ ସଚିବ ତଥା ଓଡିଶା ରାଜ୍ୟ ପରିବେଶ ନିୟନ୍ତ୍ରଣ ବୋର୍ଡର ଅଧକ୍ଷ, ବୋର୍ଡର ସଦସ୍ୟ ସମ୍ପାଦକ, ଗୃହ ଏବଂ ଜଙ୍ଗଲ ଓ ପରିବେଶ ବିଭାଗର ପ୍ରମୁଖ ସଚିବଙ୍କୁ ପତ୍ରଲେଖି ଅନୁରୋଧ କରିଥିଲେ । ସରକାରୀ ସ୍ତରରେ ନିଷ୍ପତିରେ ବିଳମ୍ବ ଯୋଗୁଁ ଶ୍ରୀମତୀ ଟେଟେ ଓ ଶ୍ରୀ ତ୍ରିପାଠୀ ବାଧହୋଇ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ ।

### ଆଉ ପାଂଚ ବିଧାୟକ ...

ଦାଶ, ମନ୍ତ୍ରୀ ପଦ୍ମିନୀ ଦିଆନ ଓ ଜ୍ୟୋତି ପାଣିଗ୍ରାହୀଙ୍କ କରୋନା ରିପୋର୍ଟ ପଜିଟିଭ ଆସିଥିଲା । ସେହିପରି ବିଧାୟକ ଅଶୋକ ବଳ, ବିଷ୍ଣୁବ୍ରତ ରାଉତରାୟ, ଭାଗିରଥୀ ସେଠୀ କରୋନା ସଂକ୍ରମିତ ଥିବା ଚିହ୍ନଟ ହୋଇଛନ୍ତି । ସୁଶାନ୍ତ ବେହେରା, ଉମାକାନ୍ତ ସାମନ୍ତରାୟ, ନାଉରୀ ନାଏକ, ପ୍ରଶାନ୍ତ ଜଗଦ୍ଦେବ ଓ ସୁକାନ୍ତ ନାୟକଙ୍କର ମଧ୍ୟ କରୋନା ପରୀକ୍ଷା ରିପୋର୍ଟ ପଜିଟିଭ ଆସିଥିଲା ।


OFFICE OF THE EXECUTIVE ENGINEER, MAYURBHANJ (R &B) DIVISION, BARIPADA
INVITATION FOR BIDS (IFB)

1st Corrigendum to Bid Identification No. EE-06/2020-21

Due to unavoidable circumstance tender for the work "Construction of attendant's rest shed at D.H.H., Baripada under Baripada Block for the year 2020-21 (Civil+EI+P.H)" Vide Sl. No.(4) of Bid Identification No. EE-06/2020-21 is hereby cancelled.

All other terms & Conditions are remain unchanged.

OIPR: 34025/11/0005/2021

Executive Engineer,
Mayurbhanj (R&B) Division

## ନେତୁଆ-ଆଡିନଗା ବୋର୍ଡର ରାସ୍ତାର ଦୂରାବସ୍ଥା : ନିର୍ମାଣଲାଗି କେନ୍ଦ୍ର ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ

ଜଳେଶ୍ୱର, ୨୯/୯ (ନି.ପ୍ର) : ଜଳେଶ୍ୱର ବ୍ଲକ ଅନ୍ତର୍ଗତ ନେତୁଆ ପଂଚାୟତର ପଂଚାୟତ କାର୍ଯ୍ୟାଳୟ ଠାରୁ ଆଡିନଗା ପର୍ଯ୍ୟନ୍ତ ଉପାନ୍ତ ରାସ୍ତାଟି ପଶ୍ଚିମବଂଗର ପଶ୍ଚିମ ମେଦିନୀପୁର ଜିଲାର ମୋହନପୁର ଥାନା ଅଂଚଳର ରାସ୍ତା ସହିତ ସଂଯୋଗ କରୁଛି । କିନ୍ତୁ ନେତୁଆଠାରୁ ଆଡିନଗା ପର୍ଯନ୍ତ ରାସ୍ତାର ଜଗନ୍ନାଥ ମାର୍କେଟ, ତ୍ରିଶକ୍ତି ମାର୍କେଟ, ଶାହାପୁର, ପିରବାଗର ଆଦିବାସୀ ସାହି ନିକଟରେ ଥିବା ରାସ୍ତା ଏବେ କାଦ ପଚପଚ । ଏହି ରାସ୍ତାଲାଗି ଅତୀତରେ ଜଳେଶ୍ୱର ତହସିଲଦାର ଓ ଗ୍ରାମଉନ୍ନୟନ ବିଭାଗ ମିଳିତଭାବେ ମାପଚୁପ କରି ଥିଲେ ହେଁ ଏବେ ଅଗମ୍ୟ ରାସ୍ତାଭାବେ ପରିଣତ ହୋଇଛି । ଆଡିନଗା, ବେଲବାରିଆ ୨ଟି ଗ୍ରାମ ପଶ୍ଚିମବଂଗର ଧୋଇପଡି, ପଳାସିଆ, କୁମାରଦା, ନଇନାନପୁର, ଆଗ୍ରଡା, ଦିଆସିବାଗ, ଦିଗଦା, ବାଗପଟା, ଗୋମୁଣ୍ଡା, ମୋହନପୁର ଇତ୍ୟାଦି ସହିତ ଲାଗି ରହିଥିବାରୁ ନେତୁଆ ସମ୍ପତ୍ତିଆ, ନହରା, ବାଲିମ ଓ ସୁଗୋ ପଂଚାୟତର ଲୋକେ ଏହି ରାସ୍ତାରେ ପଶ୍ଚିମବଂଗକୁ ଯାତାୟାତ କରିଥାନ୍ତି । ରାସ୍ତାର ଅବସ୍ଥା ଏପରି ହୋଇଛି ଯେ ନିକଟସ୍ଥ ଅନ୍ୟ ଗ୍ରାମକୁ ଆମ୍ବୁଲାନ୍ସ, ଦମକଳ ଗାଡି ଇତ୍ୟାଦି ଯାତାୟାତ କରିପାରେ ନାହିଁ । ବର୍ଷାଦିନ ୪ମାସ ଅବସ୍ଥା ଶୋଚନୀୟ ହେଉଥିବାରୁ ଏହି ରାସ୍ତାକୁ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ପରିଣତ କରିବାକୁ ସେ ଅଂଚଳରୁ ବିଜୟ କୁମାର ଖଣ୍ଡା ଓ ସତ୍ୟନାରାୟଣ ଦାସଙ୍କ ନେତୃତ୍ୱରେ ଶତାଧିକ ବ୍ୟକ୍ତି ବିଷଦ ବର୍ଣ୍ଣନା କରି ବାଲେଶ୍ୱର ସାଂସଦ ତଥା କେନ୍ଦ୍ର ମନ୍ତ୍ରୀ ପ୍ରତାପ ଷଡଙ୍ଗୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

## ଗ୍ରୀଡ୍‌କୋର ନୂଆ ପରିଚାଳନା ନିର୍ଦ୍ଦେଶକଙ୍କ ଯୋଗଦାନ

ଭୁବନେଶ୍ୱର,୨୯।୯ (ନି.ପ୍ର): ଗ୍ରୀଡ୍ କୋର ନୂତନ ପରିଚାଳନା ନିର୍ଦ୍ଦେଶକ ଭାବେ ଶ୍ରୀ ତ୍ରିଲୋଚନ ପଣ୍ଡା ଯୋଗଦାନ କରିଛନ୍ତି । ପେଶାରେ ଚାର୍ଟାର୍ଡ୍ ଆକାଉଂଟାଂଟ ଥିବା ଶ୍ରୀ ପଣ୍ଡା ପୂର୍ବରୁ ୨୦୧୩ରୁ ୨୦୧୫ ପର୍ଯ୍ୟନ୍ତ ନେସ୍‌କୋର ପରିଚାଳନା ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିସାରିଛନ୍ତି । ତାଙ୍କର ପାୱାର ସେକ୍‌ଟରରେ କାର୍ଯ୍ୟ କରିବାର ଦୀର୍ଘ ୧୫ ବର୍ଷର ଅଭିଜ୍ଞତା ରହିଛି । ଏଥି ସହିତ ସେ ବୋର୍ଡ ସ୍ତରରେ ମଧ ରହିସାରିଛନ୍ତି । ଆଜି ଶ୍ରୀ ପଣ୍ଡା ଶକ୍ତି ମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟଶଙ୍କର ମିଶ୍ରଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ନିଜ ରାଜ୍ୟରେ କାର୍ଯ୍ୟ କରିବାର ସୁଯୋଗକୁ କିପରି ଭାବେ ସଫଳତାର ସହ କରିପାରିବେ ତାହା ଆଲୋଚନା କରିଥିଲେ । ଶ୍ରୀ ପଣ୍ଡାଙ୍କ ଯୋଗଦାନ ଫଳରେ ଗ୍ରୀଡ୍‌କୋ ତାଙ୍କର ଦୀର୍ଘଦିନ ଶିଳ୍ପ ଓ ଶକ୍ତି କ୍ଷେତ୍ରରେ ରହିଥିବା ଅଭିଜ୍ଞତାର ଭରପୂର ଲାଭ ଉଠାଇପାରିବ ବୋଲି ଆଶା କରାଯାଉଛି ।

## ଦିନକରେ ୧୪୬ ପଜିଟିଭ୍ ଚିହ୍ନଟ : ଜିଲ୍ଲାର କରୋନା ସଂକ୍ରମିତ ସଂଖ୍ୟା ୭୪୪୬କୁ ବୃଦ୍ଧି

ବାଲେଶ୍ୱର,୨୯।୯ (ନି.ପ୍ର): ସାମ୍ପ୍ରତିକ ସ୍ଥିତିରେ ବଢ଼ି ଚାଲିଥିବା କରୋନା ସଂକ୍ରମଣ ସମଗ୍ର ବିଶ୍ୱ ପାଇଁ ବିପଦମୟ ସ୍ଥିତି ସୃଷ୍ଟି କରିଛି । ଭାରତ ଭଳି ଜନବହୁଳ ରାଷ୍ଟ୍ରରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୬୧ ଲକ୍ଷ ଅତିକ୍ରମ କରିଥିବା ବେଳେ ମୃତ୍ୟୁ ସଂଖ୍ୟା ବି ୯୬,୩୫୧ରେ ପହଞ୍ଚିଛି । ସେହିଭଳି ଓଡ଼ିଶାରେ ଆଜି ଗୋଟିଏ ଦିନରେ ୩୦୬୭ ଜଣ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ଆଜି ସୁଦ୍ଧା ରାଜ୍ୟର କରୋନା ସଂକ୍ରମିତଙ୍କ ସଂଖ୍ୟା ୨ଲକ୍ଷ ୧୫ ହଜାର ଟପିଛି । ଅନ୍ୟପକ୍ଷରେ ଆଜି ୧୫ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅଦ୍ୟାବଧି ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୮୨୮ ଛୁଇଁଥିବା




ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି । ସେହିପରି ରାଜ୍ୟର ଅନ୍ୟାନ୍ୟ ଜିଲ୍ଲା ତୁଳନାରେ ବାଲେଶ୍ୱରର କରୋନା ସ୍ଥିତି କ୍ରମଶଃ ବିଗିଡ଼ିବାରେ ଲାଗିଛି । ଆଜି ଗୋଟିଏ ଦିନରେ ୧୪୬ ଜଣ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ଅଦ୍ୟାବଧି ଜିଲ୍ଲାରେ ସଂକ୍ରମିତଙ୍କ ସଂଖ୍ୟା ୭୪୪୬ରେ ପହଞ୍ଚିଛି । ଏବେ ସୁଦ୍ଧା ଜିଲ୍ଲାରେ ୫୯୬୬ ଜଣ କରୋନା ରୋଗୀ ସୁସ୍ଥ ହୋଇଥିବା ହୋଇଥିବା ବେଳେ ଏକ୍ଟିଭ୍ ଥିବା ୧୪୪୮ ଜଣ କରୋନା ଆକ୍ରାନ୍ତ କୋଭିଡ୍ ହସ୍ପିଟାଲ, କୋଭିଡ୍ କେୟାର ସେଣ୍ଟର ସହ ହୋମ ଆଇସୋଲେସନରେ ରହି ଚିକିତ୍ସିତ ହେଉଛନ୍ତି । ଅନ୍ୟପକ୍ଷରେ ଆଜି ବାଲେଶ୍ୱର ଜିଲ୍ଲା ବିଭିନ୍ନ ଅଞ୍ଚଳର ୩ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ହୋଇଯାଇଛି । ଅନ୍ୟାନ୍ୟ ରୋଗରେ ପୀଡ଼ିତ ଥାଇ କରୋନା ସଂକ୍ରମିତ ଥିବା ୭୦ ଓ ୬୧ ବର୍ଷର ଦୁଇ ମହିଳାଙ୍କ ସମେତ ୫୬ ବର୍ଷ ପୁରୁଷଙ୍କର ଆଜି ମୃତ୍ୟୁ ହୋଇଥିବା ସରକାରୀ ସୂତ୍ରରୁ ପ୍ରକାଶ । ଅଦ୍ୟାବଧି କରୋନା ଜନିତ ମୃତ୍ୟୁ ସଂଖ୍ୟା ୨୭ରେ ପହଞ୍ଚିଥିବା ଜଣାପଡ଼ିଛି । ତେବେ ଦିନକୁ ଦିନ ଜିଲ୍ଲାରେ ବଢୁଥିବା କରୋନା ସଂକ୍ରମଣ ରୋକିବା ପାଇଁ ସାମାଜିକ ଦୂରତା ରକ୍ଷା ସାଙ୍ଗକୁ ମାସ୍କ ଓ ସାନିଟାଇଜର ବ୍ୟବହାର ପାଇଁ ପ୍ରଶାସନ ପକ୍ଷରୁ ସମସ୍ତଙ୍କୁ ପରାମର୍ଶ ଦିଆଯାଇଛି ।

## କୋଭିଡ ଯୋଦ୍ଧାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ

ରାୟଗଡ଼ା ,୨୯।୯ (ନି.ପ୍ର): ରାୟଗଡା ଜିଲ୍ଲାରେ ଅନେକ କୋଭିଡ ଯୋଦ୍ଧା କରୋନା ପରି ଭୟଙ୍କର ରୋଗ ଠାରୁ ଜିଲ୍ଲା ବାସୀଙ୍କୁ ବଂଚେଇବା ପାଇଁ ଆପ୍ରାଣ ପରିଶ୍ରମ କରି ଆସିଛନ୍ତି । ଲୋକ ତଥା ଜିଲ୍ଲା ବାସୀଙ୍କୁ କରୋନା ଠାରୁ ଦୂରେଇ ରଖି ଶେଷରେ କିଛି କୋଭିଡ ଯୋଦ୍ଧା ନିଜେ କରୋନାରେ କବଳିତ ହୋଇଥିବା ଦେଖିବାକୁ ମିଳିଛି । ବର୍ତ୍ତମାନ ସୁଦ୍ଧା ବହୁ କୋଭିଡ ଯୋଦ୍ଧା କରୋନାର ଶିକାର ହୋଇ ଚିକିତ୍ସିତ ହୋଇ କରୋନା ସହ ଲଢ଼ି ସୁସ୍ଥ ହୋଇ ପୁଣି ନିଜ କର୍ମସ୍ଥଳୀ ରେ ଯୋଗ ଦାନ କରିଥିବା ଦେଖିବାକୁ ମିଳିଛି । ରାୟଗଡା ଜିଲ୍ଲାର ଅନେକ ପୋଲିସ କର୍ମଚାରୀ କରୋନା ରୋଗରୁ ମୁକ୍ତ ହୋଇ ଅନ୍ୟର ଜୀବନ ବଞ୍ଚାଇବା ପାଇଁ ନିଜର ପ୍ଲାଜମା ଦାନ କରି ଥିବା ଦେଖିବାକୁ ମିଳିଛି । ସୋମବାର ରାୟଗଡା ଥାନା ଭାରପ୍ରାପ୍ତ ଅଧିକାରୀ ନିହାର ରଂଜନ ପ୍ରଧାନ ମଧ କରୋନା ରୋଗର ଶିକାର ହୋଇ କରୋନା ସହ ଲଢ଼ି ସୁସ୍ଥ ହୋଇ ପୁଣି ନିଜ କାର୍ଯ୍ୟ ଓ କର୍ମସ୍ଥଳୀ ରେ ଯୋଗ ଦାନ କରିଥିବା ଓ ରାୟଗଡା ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଓ ସମସ୍ତ ଅଧିକାରୀ ଓ କର୍ମଚାରୀ ଶ୍ରୀ ପ୍ରଧାନଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରିଥିବା ଦେଖିବାକୁ ମିଳିଛି ।

## ସମ୍ବଲପୁରରେ ଗତ ୨୪ ଘଂଟା ମଧ୍ୟରେ ମାସ୍କ ନ ପିନ୍ଧିଥିବାରୁ ୧୭୯ ଜଣଙ୍କଠାରୁ ଜୋରିମାନା

ଭୁବନେଶ୍ୱର,୨୯।୯ (ନି.ପ୍ର): ସମ୍ବଲପୁର ପୋଲିସ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ ୧୭୯ ଜଣଙ୍କ ଠାରୁ ଜୋରିମାନା ଆଦାୟ କରିଛି । ସମ୍ବଲପୁର ଏସପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି ।

## ପର ସ୍ତ୍ରୀ ଧରି ସ୍ୱାମୀ ଚମ୍ପଟ : ପ୍ରଥମ ସ୍ତ୍ରୀଙ୍କୁ ନିର୍ଯାତନା, ଥାନାରେ ଏତଲା

ଗୁଣପୁର ,୨୯।୯ (ନି.ପ୍ର): ବିବାହର ୧୧ବର୍ଷ ପରେ ଶିକ୍ଷୟିତ୍ରୀ ସ୍ତ୍ରୀଙ୍କୁ ଛାଡ଼ି ରସକିଆ ସ୍ୱାମୀ ଅନ୍ୟ ଜଣେ ବିବାହିତାଙ୍କୁ ଧରି ଏବେ ଘରେ ରହୁଛନ୍ତି । ଆଜି ପ୍ରଥମ ସ୍ତ୍ରୀ ଅଚାନକ ଘରକୁ ଆସି ପର ସ୍ତ୍ରୀ ସହ ତାଙ୍କ ସ୍ୱାମୀ ଥିବା ଦେଖି ବିସ୍ମିତ ହୋଇଥିଲେ । ଏ ସମ୍ପର୍କର ପଚାରିବାରୁ ସ୍ୱାମୀ, ଶ୍ୱଶୁର ତାଙ୍କୁ ନିସ୍ତୁକ ମାଡ଼ ମାରିବା ସହ ଜୀବନରେ ମାରିଦେବାକୁ ଉଦ୍ୟମ କରିଥିବା ଗୁଣପୁର ଆଦର୍ଶ ଥାନାରେ ପ୍ରଥମ ସ୍ତ୍ରୀ ଏତଲା ଦେଇଛନ୍ତି । ଏତଲା ପରେ ସ୍ୱାମୀ ଓ ଦ୍ୱିତୀୟ ସ୍ତ୍ରୀ ଫେରାର ହୋଇଯାଇଛନ୍ତି । ଶ୍ୱଶୁର ଘାସିରାମ, ଦିଅର ମଣ୍ଟୁଙ୍କୁ ପୁଲିସ୍ ଅଟକ ରଖିଛି । ଘଟଣା ଏବେ ସହରରେ ଚର୍ଚ୍ଚାର ବିଷୟ ପାଲଟିଛି । ପୁଲିସ୍ ସୂତ୍ରରୁ ପ୍ରକାଶ, ସ୍ଥାନୀୟ ବଳରାମନଗର ଅବସରପ୍ରାପ୍ତ ବ୍ୟାଙ୍କ୍ କର୍ମଚାରୀ ଘାସିରାମ ବାଉରୀଙ୍କ ଜ୍ୟେଷ୍ଠ ପୁଅ ସରୋଜ ଅନୁଗୁଳ ଆଇପିପିବି ବ୍ୟାଙ୍କରେ ଶାଖା ପରିଚାଳକ ଭାବେ କାର୍ଯ୍ୟରତ ଅଟନ୍ତି । ୨୦୦୯ରେ ଗୋପାଳପୁରର ଶିବାନୀ ଶିବଦର୍ଶନୀ ଦାସଙ୍କୁ ହିନ୍ଦୁ ରୀତିନୀତି ଅନୁଯାୟୀ ବିବାହ କରିଥିଲେ । ସେମାନଙ୍କ ଏକ ୭ ବର୍ଷର ପୁଅ ମଧ ରହିଛି । ସନ୍ତାନ ଜନ୍ମ ହେବାର କିଛି ଦିନ ପରେ ସ୍ୱାମୀ ସରୋଜ ମଦ୍ୟପାନ କରି ଶାରୀରିକ, ମାନସିକ ନିର୍ଯାତନା ଦେଇ ଆସୁଥିବା ଏତଲାରେ ଉଲ୍ଲେଖ ରହିଛି । ଶିବଦର୍ଶନୀ ଗାମ ଜିଲ୍ଲା ଗୋଳାବନ୍ଧ ବିଜୟାନନ୍ଦ ହାଇସ୍କୁଲରେ ଶିକ୍ଷୟିତ୍ରୀ ଅଛନ୍ତି । ଶ୍ରୀମତୀ ଦାସ କହିଛନ୍ତି, ତାଙ୍କ ସ୍ୱାମୀ ସରୋଜ ଜଣେ ବିବାହିତା ସ୍ତ୍ରୀଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଗୁଣପୁରଠାରେ ଥିବା ତାଙ୍କ ଘରେ ରଖିଛନ୍ତି । ୪ ଦିନ ତଳେ ଖବର ପାଇ ଆଜି ସେ ନିଜ ସମ୍ପର୍କୀୟଙ୍କ ସହ ଗୋପାଳପୁରରୁ ତାଙ୍କ ଶ୍ୱଶୁର ଘର ଗୁଣପୁରରେ ପହଞ୍ଚିଥିଲେ । ତାଙ୍କୁ ଦେଖି ସ୍ୱାମୀ, ରକ୍ଷିତା ସ୍ତ୍ରୀ ଓ ଦିଅର ମଣ୍ଟୁ, ଶ୍ୱଶୁର ଘାସିରାମ ସଂଘବଦ୍ଧ ତାଙ୍କୁ ଜୀବନରେ ମାରିଦେବାକୁ ଉଦ୍ୟମ କରିଥିଲେ ବୋଲି ଏତଲାରେ ଦର୍ଶାଯାଇଛି । ପୁଲିସ୍ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ସୂଚନା ଥାଉକି, ସରୋଜଙ୍କ ଦ୍ୱିତୀୟ ସ୍ତ୍ରୀ କୁହାଯାଉଥିବା ମହିଳା ହୀରାକୁଦ ନିକଟ ମୁରିବାହାଲ ଅଞ୍ଚଳର ଓ ତାଙ୍କ ୧୪ ବର୍ଷର ପୁଅ ଅଛି । ଏଥିସହ ସ୍ୱାମୀ ପ୍ରତିଷ୍ଠିତ ବ୍ୟବସାୟୀ ଅଟନ୍ତି ।

## ପ୍ରି’ସ୍କୁଲ ଶିଶୁ ୟୁନିଫର୍ମ ଯୋଗାଣକାରୀଙ୍କୁ ଶୋଷଣ ଅଭିଯୋଗ

### ଜିଲ୍ଲାପାଳଙ୍କଠାରେ ରେମୁଣା ଏସଏଚଜିଙ୍କ ଫେରାଦ



ବାଲେଶ୍ୱର,୨୯।୯ (ନି.ପ୍ର): ଅଙ୍ଗନୱାଡ଼ିରେ ପାଠପଢୁଥିବା ପ୍ରି’ସ୍କୁଲ ଶିଶୁଙ୍କ ଡ୍ରେସ୍ ଯୋଗାଣ କରୁଥିବା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଅଙ୍ଗନୱାଡ଼ି କର୍ମୀ ଅର୍ଥ ଦାବି କରିବା ପ୍ରତିବାଦରେ ରେମୁଣା ବ୍ଲକର ଏକାଧିକ ଏସଏଚଜି ଆଜି ଜିଲ୍ଲାପାଳଙ୍କଠାରେ ଫେରାଦ ହୋଇଛନ୍ତି । ଆଇସିଡିଏସର ଚୟନ ପ୍ରକ୍ରିୟା ଅନୁସାରେ କୁରୁଡ଼ାର ଦିବ୍ୟଜୀବନ ଏସଏଚଜି, କଲ୍ୟାଣପୁରର ମାଆ ଜ୍ୟୋତିର୍ମୟୀ ଏସଏଚଜି, ଗରେଶ୍ୱରପୁରର ମା ଭକ୍ତି ଏସଏଚଜି ଓ ବିରୁଆଁ ଅଞ୍ଚଳର ବାବା ମୁକ୍ତେଶ୍ୱର ଏସଏଚଜି ପ୍ରି’ସ୍କୁଲ ଛାତ୍ରଛାତ୍ରୀଙ୍କୁ ୟୁନିଫର୍ମ ପ୍ରଦାନ ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ । ରେମୁଣା ବ୍ଲକର ୩୬ ଗୋଟି ପଞ୍ଚାୟତ ମଧ୍ୟରୁ ଅଧିକାଂଶ ଅଙ୍ଗନୱାଡ଼ିର ଛାତ୍ରଛାତ୍ରୀଙ୍କୁ ଏହି ଡ୍ରେସ୍ ପ୍ରଦାନ କରାଯାଇଥିବା ବେଳେ ବାକି ଅଙ୍ଗନୱାଡ଼ିର କର୍ମୀମାନେ ଡ୍ରେସ୍ ଗ୍ରହଣ କରୁ ନଥିବା ଏସଏଚଜି କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି । ପ୍ରତି ଡ୍ରେସ୍ ପିଛା ୧୦ ଟଙ୍କା ଲେଖାଏଁ ଦାବି କରିବା ସହ ସେମାନେ ରିସିଭ୍‌ଡ ସ୍ଲିପ୍‌ରେ ବି ଦସ୍ତଖତ କରୁ ନାହାନ୍ତି ବୋଲି ଏସଏଚଜି କର୍ମକର୍ତ୍ତା ଆରୋପ ଉଠାଇଛନ୍ତି । ଅଙ୍ଗନୱାଡ଼ି କର୍ମୀ ସଂଘ କର୍ମକର୍ତ୍ତାଙ୍କ ନିର୍ଦ୍ଦେଶ କ୍ରମେ ଏଭଳି ଆଘୋଷିତ ଆଇନ୍ ଜାରି କରି କର୍ମୀମାନେ ଏସଏଚଜି କର୍ମକର୍ତ୍ତା ଓ ସଦସ୍ୟାମାନଙ୍କୁ ହଇରାଣ ହରକତ୍ କରୁଥିବା ସେମାନେ ଆପତ୍ତି କରିଛନ୍ତି । ଏନେଇ ସିଡିପିଓ ଓ ଡିଏସଡବ୍ଲ୍ୟୁଙ୍କୁ ଜଣାଇବା ପରେ ବି ସେମାନେ କୌଣସି ପଦକ୍ଷେପ ଗ୍ରହଣ କରି ନଥିବା ବେଳେ ଶେଷରେ ଜିଲ୍ଲାପାଳଙ୍କଠାରେ ଆପତ୍ତି ପାଇଁ ସେମାନେ ନିଷ୍ପତି ନେଇଛନ୍ତି । ବ୍ୟାଙ୍କରୁ ଋଣ ଆଣି ଏହି ପ୍ରି’ସ୍କୁଲ ୟୁନିଫର୍ମ ଯୋଗାଣ କରୁଥିବା ବେଳେ ଏବେ ଅଙ୍ଗନୱାଡ଼ି କର୍ମୀଙ୍କ ଶୋଷଣ ନୀତି ଯୋଗୁଁ ସେମାନଙ୍କୁ ଡ୍ରେସ୍ ଅର୍ଥ ମିଳିପାରୁ ନାହିଁ । ଫଳରେ ସେମାନଙ୍କୁ ଅଯଥା ସୁଧ ଗଣିବାକୁ ପଡୁଛି । ତୁରନ୍ତ ଏହି ଘଟଣାର ବିଧିବଦ୍ଧ ତଦନ୍ତ ସହ ଅଙ୍ଗନୱାଡ଼ି କର୍ମୀ ସଂଘର ନେତୃତ୍ୱ ନେଉଥିବା କର୍ମୀଙ୍କ ବିରୋଧରେ ଉଚିତ କାର୍ଯ୍ୟାନୁଷ୍ଠାନ ପାଇଁ ଏସଏଚଜି କର୍ମକର୍ତ୍ତାମାନେ ଦାବି କରିଛନ୍ତି । ନତୁବା ଆଗାମୀ ଦିନରେ ସେମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳ ସମ୍ମୁଖରେ ଅନଶନରେ ବସିବେ ବୋଲି ଏସଏଚଜି କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି । ଏହି ଅବସରରେ ସେମାନେ ଏକ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିଲେ । ଦାବିପତ୍ର ପ୍ରଦାନ ବେଳେ ବିଭିନ୍ନ ଏସଏଚଜିରୁ ଉଷାରାଣୀ ପଡ଼ିଆରୀ, ବାସନ୍ତି ପାକଳ, ସରସ୍ୱତୀ ଦଳେଇ, ଶାନ୍ତିଲତା ଦାସ, ବାସନ୍ତି ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## କରୋନାରୁ ସୁସ୍ଥ ହେଲେ ୩,୮୯୬

ଭୁବନେଶ୍ୱର,୨୯।୯ (ନି.ପ୍ର): ରାଜ୍ୟରେ କରୋନା ଭାଇରସ ମହାମାରୀରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧ ଲକ୍ଷ ୮୧ ହଜାର ୪୮୧ରେ ପହଂଚିଛି । ମଙ୍ଗଳବାର ଦିନ ମୋଟ୍ ୩ ହଜାର ୮୯୬ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ୍ ଜରିଆରେ ଏହି ସୂଚନା ଦିଆଯାଇଛି । ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ, ଖୋର୍ଦ୍ଧା ଜିଲ୍ଲାରୁ ୬୫୭ ଜଣ ଓ କଟକ ଜିଲ୍ଲାରୁ ୪୪୨ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ସେହିପରି ବାଲେଶ୍ୱର ଜିଲ୍ଲାରୁ ୨୨୬ ଜଣ, ଅନୁଗୁଳ ଜିଲ୍ଲାରୁ ୨୧୭ ଜଣ, ପୁରୀ ଜିଲ୍ଲାରୁ ୧୮୨ ଜଣ, ଜଗତସିଂହପୁର ଜିଲ୍ଲାରୁ ୧୭୧ ଜଣ, ମୟୂରଭଂଜ ଜିଲ୍ଲାରୁ ୧୬୨ ଜଣ, ଯାଜପୁର ଜିଲ୍ଲାରୁ ୧୫୩ ଜଣ, ଝାରସୁଗୁଡ଼ା ଜିଲ୍ଲାରୁ ୧୫୧ ଜଣ, କୋରାପୁଟ ଜିଲ୍ଲାରୁ ୧୨୬ ଜଣ, ସୁନ୍ଦରଗଡ଼ ଜିଲ୍ଲାରୁ ୧୧୯ ଜଣ, ନୟାଗଡ଼ ଜିଲ୍ଲାରୁ ୧୧୫ ଜଣ, କେନ୍ଦ୍ରାପଡ଼ା ଜିଲ୍ଲାରୁ ୧୧୨ ଜଣ, ସମ୍ବଲପୁର ଜିଲ୍ଲାରୁ ୧୧୦ ଜଣ ଓ କଳାହାଣ୍ଡି ଜିଲ୍ଲାରୁ ୧୦୪ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ସେହିପରି ବରଗଡ଼ ଜିଲ୍ଲାରୁ ୯୭ ଜଣ, ନବରଙ୍ଗପୁର ଜିଲ୍ଲାରୁ ୭୬ ଜଣ, ଭଦ୍ରକ ଜିଲ୍ଲାରୁ ୭୪ ଜଣ, ମାଲକାନଗିରି ଜିଲ୍ଲାରୁ ୭୨ ଜଣ, ସୁବର୍ଣ୍ଣପୁର ଜିଲ୍ଲାରୁ ୭୦ ଜଣ, ବଲାଙ୍ଗୀର ଜିଲ୍ଲାରୁ ୬୮ ଜଣ, କେନ୍ଦୁଝର ଜିଲ୍ଲାରୁ ୫୫ ଜଣ, ନୂଆପଡ଼ା ଜିଲ୍ଲାରୁ ୪୯ ଜଣ, ଢେଙ୍କାନାଳ ଜିଲ୍ଲାରୁ ୪୫ ଜଣ, ଗଂଜାମ, କନ୍ଧମାଳ, ଜିଲ୍ଲାରୁ ୪୦ ଜଣ ଲେଖାଏଁ, ରାୟଗଡ଼ା ଜିଲ୍ଲାରୁ ୨୫ ଜଣ, ବୌଦ୍ଧ ଜିଲ୍ଲାରୁ ୨୦ ଜଣ, ଗଜପତି ଜିଲ୍ଲାରୁ ୧୫ ଜଣ, ଦେବଗଡ଼ ଜିଲ୍ଲାରୁ ୧୨ ଜଣ ଓ ଷ୍ଟେଟ ପୁଲରୁ ୯୧ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ।

## ରାଜ୍ୟରେ ଗତ ୨୪ ଘଂଟାରେ ୪୧,୪୫୨ କରୋନା ନମୁନା ପରୀକ୍ଷଣ

ଭୁବନେଶ୍ୱର,୨୯।୯ (ନି.ପ୍ର): ରାଜ୍ୟରେ ୨୪ ଘଂଟାରେ ମୋଟ୍ ୪୧ ହଜାର ୪୫୨ କରୋନା ନମୁନା ପରୀକ୍ଷା କରାଯାଇଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଏଥିମଧ୍ୟରୁ ଆଂଟିଜେନ୍‌ରେ ୩୫,୬୯୪ ଆରଟିପିସିଆରରେ ୫,୬୫୭ ଓ ଟ୍ରୁନଟ୍‌ରେ ୧୦୧ ଟି କରୋନା ନମୁନା ପରୀକ୍ଷା କରାଯାଇଛି । ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ମୋଟ ୩୨୦୦୮୫୨ ନମୁନାର ପରୀକ୍ଷା କରା ଯାଇଛି ।

## ‘ପ୍ରିମିୟମ ସ୍ୱର୍ଣ୍ଣ’ ଚାଷ କରି କ୍ଷତିଗ୍ରସ୍ତ କୃଷକଙ୍କ ସମାବେଶ

### ଗଠିତ ହେଲା କୃଷକ ଏକତା ମଂଚ : ଚାଷୀ ସମସ୍ୟାକୁ ନେଇ ଲଢେଇ ହେବ ଯୋରଦାର

ଜଳେଶ୍ୱର,୨୯।୯ (ନି.ପ୍ର): ଜଳେଶ୍ୱର ବ୍ଲକ ଅଂଚଳର ହଜାର ହଜାର ଚାଷୀ ସ୍ୱଳ୍ପ ମିଆଦି ‘ପ୍ରିମିୟମ ସ୍ୱର୍ଣ୍ଣ’ ଧାନ ବିହନ ଚାଷ କରି କ୍ଷତିଗ୍ରସ୍ତ ହୋଇଥିବା କୃଷକ ମାନଙ୍କର ଏକ ସମାବେଶ ଅନୁଷ୍ଠିତ ହୋଇ ଯାଇଛି । ଜଳେଶ୍ୱର କୃଷକ ଏକତା ମଂଚ ନାମରେ ଏକ ସଂଗଠନ ଗଠିତ ହୋଇ ଚାଷୀ ମାନଙ୍କର ବିଭିନ୍ନ ସମସ୍ୟା ପାଇଁ ଲଢେଇ ହେବା ସମ୍ପର୍କରେ ସୂଚନା ଦିଆଯାଇଛି । ପ୍ରକାଶଯୋଗ୍ୟ ଜଳେଶ୍ୱର ବ୍ଲକ ଅଂଚଳର ବର୍ଡନା, ଖୁଲୁଡା, ପଶ୍ଚିମବାର୍ଡେ, ବାଇଗଣବାଡିଆ, ଝାଡପିମ୍ପଳ, ରାୟାଁରାମଚନ୍ଦ୍ରପୁର, ଆରୁହା, ଗୋପୀମୋହନପୁର, ଖାଲିନା, ନାମ୍ପୋ, ସମ୍ପତ୍ତିଆ, ନେତୁଆ, ସୁଗୋ, ନଛିମପୁର ଇତ୍ୟାଦି



ପଂଚାୟତର ହଜାର ହଜାର କୃଷକ ଚଳିତ ବର୍ଷ ପ୍ରିମିୟମ ସ୍ୱର୍ଣ୍ଣ ଧାନ ଚାଷ କରିଛନ୍ତି । କେତେକ ବିହନବିକ୍ରୟ କେନ୍ଦ୍ରରେ ୧୦ କିଲୋକୁ ୭୫୦ଟଙ୍କା ହିସାବରେ ଏହି ଧାନ ବିକ୍ରି ହୋଇଥିବା ବେଳେ ଏହାର ରୁଆ, ପୋତା ସମୟ ଓ ଅମଳ ସମୟ ପ୍ରତି ଥିଲେ ଅଜ୍ଞ । ତେଣୁ ଜୁନ୍ ଶେଷ ସପ୍ତାହରେ ବିହନ ତଳି ପକାଇ ଜୁଲାଇରେ ରୁଆପୋତା କରିଥିବା ଏହି ଧାନ ଗଛରୁ ଏବେ କେଣ୍ଡା ବାହାରିଛି । ଫଳରେ ଅମଳ କମିବା ଓ ଚାଷୀ କ୍ଷତି ସହିବା ନିଶ୍ଚିତ ହେବା ପରେ କୃଷକ ମାନଙ୍କ ପକ୍ଷରୁ ଏପରି ଏକ ସଂଗଠନ ଗଠିତ ହୋଇଛି । ଏହା ବ୍ୟତିତ ବନ୍ୟା ଓ ବାତ୍ୟାପରେ ଚାଷୀମାନଙ୍କୁ ସହାୟତା ଯୋଗାଇବା, ସମବାୟ ସମିତିରେ ସବୁ ଚାଷୀଙ୍କ ଅମଳ ଫସଲ କିଣିବାର ଗ୍ୟାରେଣ୍ଟି ଆଣିବା, ଜଳ ନିଷ୍କାସନ ସମସ୍ୟାର ସ୍ଥାୟୀ ପ୍ରତିକାର କରିବା, ସୁବର୍ଣ୍ଣରେଖା ସଂସ୍କାର ଯୋଜନାକୁ କାର୍ଯ୍ୟକାରୀ କରିବା ଓ ଶୀତଳ ଭଣ୍ଡାର ତଥା କୃଷି ପ୍ରକ୍ରିୟାକରଣ ସ୍ଥାପନ କରିବାଲାଗି କୃଷକ ଏକତା ମଂଚ କାର୍ଯ୍ୟ କରିବାପାଇଁ ବଦ୍ଧ ପରିକର ବୋଲି ଆଲୋଚନାରେ ମତପ୍ରକାଶ ପାଇଥିଲା । ବଡନଗରଠାରେ ଏପରି ଏକ କୃଷକ ସମ୍ମିଳନୀ ଗତ ୨୭ ତାରିଖ ଅପରାହ୍ନ ୪ଟାରେ ଆହୁତ ହୋଇଥିଲା । ଏହି ସମ୍ମିଳନୀ ସର୍ବ ଦଳୀୟଭାବେ ହେବାର ପୂର୍ବରୁ ଗତ ୩୧-୮-୨୦ରେ ହୋଇଥିବା ବୈଠକରେ ସ୍ଥିର କରାଯାଇଥିଲା । ବୈଠକରେ ଅଧ୍ୟକ୍ଷତାରେ ଏଥିରେ ସୁଧିର କୁମାର ପାତ୍ର । ସମାଜସେବି ସୁଦର୍ଶନ ଦାସ, ସମୀର କୁମାର ପାତ୍ର, ସିଦ୍ଧାର୍ଥ ଶଂକର ପାଳ, ପ୍ରମୁଖ ରାଜନୈତିକ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ବେଳେ ସ୍ଥାନୀୟ ନେତା ଭାବେ ସତ୍ୟନାରାୟଣ ବେହେରା, ବିଦ୍ୟାଧର ବେହେରା, ସୁଧିର ପ୍ରଧାନ, ରବିନ୍ଦ୍ର ନାରାୟଣ ଦାସ, ପଦ୍ମଲୋଚନ ବେହେରା ପ୍ରମୁଖ ଏଥିରେ ଯୋଗ ଦେଇ କୃଷକ ଏକତା ମଂଚର ଲକ୍ଷ୍ୟ ଓ କୃଷକ ମାନଙ୍କର ସମସ୍ୟା ସଂପର୍କରେ ଆଲୋଚନା କରିଥିଲେ । ଆଗାମୀ ଦିନର କୃଷକ ମାନଙ୍କ ସମସ୍ୟାଲାଗି ଏହି ସଂଗଠନ ଲଢେଇ କରିବ ବୋଲି ବକ୍ତାମାନେ କହିଥିଲେ । ଏ ସଂପର୍କରେ ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀ , ସ୍ଥାନୀୟ ବିଧାୟକ ଅଶ୍ୱିନୀ ପାତ୍ର ଓ କଂଗ୍ରେସ ପ୍ରବକ୍ତା ସୁଦର୍ଶନ ଦାସଙ୍କୁ ଅବଗତ କରିଥିବା ସଂପର୍କରେ ପ୍ରକାଶ କରିଛନ୍ତି । ବିହନ କମ୍ପାନୀ ଠାରୁ କ୍ଷତିପୂରଣ ପାଇବାଲାଗି ଆଲୋଚନା କରାଯିବ ବୋଲି ଏହି ସର୍ବଦଳୀୟ ବୈଠକରେ ସ୍ଥିର କରାଯାଇଛି ।

## ମାଣ୍ଡିଆ ମିଶନ ଯୋଜନାରେ ମିଲେଟ କିଓସ୍କ ଉଦ୍‌ଘାଟିତ




ବାରିପଦା ,୨୯।୯ (ନି.ପ୍ର): ମାଣ୍ଡିଆ ଜାତୀୟ ଖାଦ୍ୟକୁ ଲୋକପ୍ରିୟ କରିବା ପାଇଁ ଓଡିଶା ସରକାରଙ୍କ ମାଣ୍ଡିଆ ମିଶନ ଯୋଜନାରେ ମୟୂରଭଂଜ ଜିଲ୍ଲାର ବାଙ୍ଗିରିପୋଷୀ ବ୍ଲକର ଅଁଳାଗୁ ଠାରେ ଜିଲ୍ଲାରେ ପ୍ରଥମ କରି ମାଣ୍ଡିଆ କିଓସ୍କ ମୟୂରଭ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଦାମୋଦର ସେଠୀଙ୍କ ଦ୍ୱାରା ଉଦଘାଟିତ ହୋଇ ଯାଇଥିବାର ଜଣାଯାଇଛି । ଏହି ଉଦଘାଟନୀ ଉତ୍ସବରେ ଜିଲ୍ଲା ପରିଷଦ ସଦସ୍ୟ, ସହକାରୀ କୃଷି ଅଧିକାରୀ ପ୍ରମୁଖ ଉପସ୍ଥିତ ଥିବା ବେଳେ ଏହି କିଓସ୍କ ଅଁଳାଗୁ ର ବିନୋଦିନୀ ସ୍ୱୟଂ ସହାୟକ ଗୋଷ୍ଠୀ, ଶିମିଳାର ବାବା ଶିମିଳେଶ୍ୱର ମହାଗୋଷ୍ଠୀ ଏବଂ ଗ୍ରାମସ୍ୱରାଜ ସ୍ୱେଚ୍ଛାସେବୀ ସଂଗଠନ ଆନୁକୂଲ୍ୟରେ ଖୋଲାଯାଇଛି । ଏହିଭଳି ଭାବରେ ଜିଲ୍ଲାର ବାଙ୍ଗିରିପୋଷୀ, ବିଶୋଇ ଓ ଯଶିପୁର ବ୍ଲକରେ ଆଗାମୀ ୫ ବର୍ଷ ମଧ୍ୟରେ ୨୦ଟି କିଓସ୍କ ଖୋଲାଯିବାର ଯୋଜନା ରହିଛି ବୋଲି ବିଭାଗୀୟ ଅଧିକାରୀ କହିଛନ୍ତି ।

## ଦେଶରେ ଗତ ୨୪ଘଂଟା ମଧରେ କୋଭିଡ ପାଇଁ ୧୧୪୨୮୧୧ ନମୂନାର ପରୀକ୍ଷଣ

ନୂଆଦିଲ୍ଲୀ,୨୯।୯ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧରେ କୋଭିଡ ପାଇଁ ୧୧୪୨୮୧୧ନମୂନାର ପରୀକ୍ଷଣ କରା ଯାଇଛି । ଏହା ସହିତ ଦେଶରେ ବର୍ତ୍ତମାନ ସୁଦ୍ଧା ୭୩୧୧୦୦୪୧ ନମୂନାର ପରୀକ୍ଷଣ କରା ଯାଇଥିବା ଆଇଏମସିଆର ପକ୍ଷରୁ ସୂଚନା ଦିଆ ଯାଇଛି ।

## କଟକରେ ଗତ ୨୪ ଘଂଟା ମଧ୍ୟରେ ମାସ୍କ ନ ପିନ୍ଧିଥିବାରୁ ୨୦୫ ଜଣଙ୍କଠାରୁ ଜୋରିମାନା

ଭୁବନେଶ୍ୱର,୨୯।୯ (ନି.ପ୍ର): କମିଶନରେଟ ପୋଲିସ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ କଟକରେ ୨୦୫ ଜଣଙ୍କ ଠାରୁ ଜୋରିମାନା ଆଦାୟ କରିଛି । ସେହିପରି ସାମାଜିକ ଦୂରତ୍ୱ ନିୟମ ପାଳନ କରି ନ ଥିବା ଅଭିଯୋଗରେ ୧୧୧୫ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । ମୋଟର ଯାନ ଆଇନ୍ ଓ ଓଡିଶା ସହରାଂଚଳ ପୋଲିସ ଆଇନ୍ ଉଲ୍ଲଂଘନ କରିଥିବା ୫୫୫ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । ଏହି ସମୟ ମଧ୍ୟରେ ଗୋଟିଏ ଦୋକାନ ସିଲ କରା ଯାଇଛି । କଟକ ଡିସିପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି ।

❑ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❑ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❑ Managing & Executive Editor : Srustidhar Parida
❑ Editor: Sairindhree Sahoo